R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୧
ତିଥି : ଅଷ୍ଟମୀ
୧୬ ଏପ୍ରିଲ ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 191
16 April 2024, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

ବାରବାଟୀ ଛକରେ ଦୁର୍ଘଟଣା

## ଓଭରବ୍ରିଜ୍‌ରୁ ଖସିଲା ବସ୍ : ୫ ମୃତ, ୪୦ ଆହତ




ଚଣ୍ଡିଖୋଲ/କୁଆଖିଆ, ୧୫ା୪ (ସବ୍ୟୁ) : କଟକରୁ ଦୀଘା ଯାଉଥିବା କାଳିଆ ନନା ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ୧୬ ନମ୍ବର ଜାତୀୟ ରାଜପଥର ଜାରକା ନିକଟ ବ୍ରାହ୍ମଣୀ ପୋଲର ୩୦ଫୁଟ ତଳକୁ ଖସିପଡିବା ଫଳରେ ଘଟଣା ସ୍ଥଳରେ ୫ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟୁନ ୪୦ ଜଣ ଆହତ ହୋଇଥିଲା ବେଳେ ୧୦ ଜଣଙ୍କର ଅବସ୍ଥା ଅତି ଗୁରୁତର ରହିଛି।

ଦୁର୍ଘଟଣାରେ ବସଟି ଚୁରମାର ହୋଇଯାଇଛି। ଧର୍ମଶାଳା ଥାନା ପୋଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।ରାତି ପ୍ରାୟ ୮ଟା ବେଳେ ଏହି ଦୁର୍ଘଟଣା ଘଟିଛି।ବସଟି ଦ୍ରୁତଗତୀରେ ଯାଉଥିଲା ବେଳେ ଭାରସାମ୍ୟ ହରାଇ ପୋଲରଛବାଡା ଅତିକ୍ରମକରି ତଳକୁ ଖସି ପଡିଥିଲା। ସ୍ଥାନୀୟ ଲୋକେ ପ୍ରଥମେ ଘଠଣା ସ୍ଥଳରେ ପହଞ୍ଚି ମୃତ ଓ ଆହତ ମାନଙ୍କୁ ବସ ଭିତରୁ ବାହାରକୁ ଆଣିଥିଲେ। ପରେ ସେମାନଙ୍କ ଆସବାବ ପତ୍ରକୁ ବାହାରକୁ ଆଣି ଲୋକେ ତାକୁ ଜଗିରହିଥିବା ଦେଖାଯାଉଛି। ପ୍ରାଥମିକ ଅବସ୍ଥାରେ ଆହତ ଯାତ୍ରୀମାନଙ୍କୁ ଧର୍ମଶାଳା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଥିବା ଜଣାଯାଇଛି। ଉଦ୍ଧାରକାରୀ ଦଳ ବସକୁ ଯାଞ୍ଚ କରୁଛନ୍ତି।ଆହତମାନଙ୍କୁ ଡ଼ାକ୍ତରଖାନା ନେବା ପାଇଁ ୧୬ଟି ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ବସଟି ତଳକୁ ଖସିଲା ବେଳେ ଏହା ତଳେ ଲୋକମାନେ ଯିବା ଆସିବା କରୁଥିଲେ। ସେହିପରି ନିକଟରେ ଗୋଟିଏ ମାର୍କେଟ ରହିଛି। ତେଣୁ ବସ୍ ତଳେ କିଛି ଲୋକ (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୧୫ା୪ (ସବ୍ୟୁ) : ବାରବାଟୀ ଛକ ଅଞ୍ଚଳରେ ଏକ ଯାତ୍ରୀବାହି ବସ୍ ଫ୍ଲାଏ୍ ଓଭରରୁ ତଳକୁ ଖସିବା ଘଟଣାରେ ୫ ଜଣ ଯାତ୍ରୀ ପ୍ରାଣ ହରାଇଥିବା ଖବର ପାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟ ଆତ୍ମୀୟଙ୍କ ନିମନ୍ତେ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି । ଏହାସହିତ ଆହତ ବ୍ୟକ୍ତିମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଆହତଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଶ୍ରମିକଙ୍କୁ ୧୧ ରୁ ୩ ଯାଏ କାମ ମନା

### ଖରାରେ କାମ କରାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୫ା୪ (ସବ୍ୟୁ) : ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୫ ଦିନ ଅସହ୍ୟ ଝାଞ୍ଜି ବହିବା ପୂର୍ବାନୁମାନ କରାଯାଇଛି । ଏହାକୁ ନେଇ ଓଡ଼ିଶା ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ପକ୍ଷରୁ ଏକ ସରକାରୀ ନିର୍ଦ୍ଦେଶ ଜାରି କରିଛନ୍ତି । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଭିତରେ ଶ୍ରମିକଙ୍କୁ କାମ ନକରାଇବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି । ପ୍ରବଳ ଖରାରେ କାମ କରାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏନେଇ ଏସଆରସି ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶର ଅବମାନନା ହେଲେ ସମ୍ପୃକ୍ତ ଅଧିକାରୀ ଦାୟୀ ରହିବେ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ଏସଆରସି ନେଇଛନ୍ତି । ରାଜ୍ୟର କେତେକ ଜିଲ୍ଲାରେ ଶ୍ରମିକଙ୍କୁ ପ୍ରବଳ ଖରା ଏବଂ ଝାଞ୍ଜିରେ କାମ କରାଯାଉଥିବା ଅଭିଯୋଗ ଆସିବା ପରେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

ଆକଳନ କଲା ଆଇଏମଡି

## ଏବର୍ଷ ଅଧିକ ବର୍ଷିବ




ଭୁବନେଶ୍ୱର, ୧୫ା୪ (ସବ୍ୟୁ) : ଚଳିତବର୍ଷ ସାରା ଦେଶରେ ଅଧିକ ବର୍ଷା ହେବ। ଓଡ଼ିଶାରେ ମଧ ସ୍ୱାଭାବିକ ବର୍ଷା ହେବାର ସମ୍ଭାବନା ଅଛି। ଜୁନ୍‌ରୁ ସେପ୍ଟେମ୍ବର ଯାଏଁ ଦକ୍ଷିଣ ପଶ୍ଚିମ ମୌସୁମୀର ସ୍ଥିତି ସମ୍ପର୍କରେ ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ।

ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ର କହିବାନୁସାରେ, ୨୦୨୪ ମୌସୁମୀ ଋତୁରେ ୧୦୬% ବର୍ଷା ହୋଇପାରେ। ଜୁନ୍‌ରୁ ସେପ୍ଟେମ୍ବର ଯାଏଁ ଦୀର୍ଘକାଳୀନ

### ଜୁନ୍-ସେପ୍ଟେମ୍ବର ୧୦୬% ବର୍ଷା

ମିଆଦି ୧୦୬% (୫% କମ୍ ବା ବେଶୀ) ବର୍ଷା ହୋଇପାରେ।

ବର୍ତ୍ତମାନ ଏଲ୍‌ନିନୋ ଇତି ଭଲ ଅଛି। ଖୁବ୍‌ଶୀଘ୍ର ଏଲ୍‌ନିନୋ ଦୁର୍ବଳ ହୋଇଆସୁଛି। ମନସୁନ ସିଜିନ ଆରମ୍ଭରୁ ନିଷ୍କ୍ରିୟ ହେବ ଏଲନିନୋ । ଅଗଷ୍ଟ ବେଳକୁ ଆରମ୍ଭ ହେବ ଲାନିନା କଣ୍ଡିସନ୍ । ଲାନିନା କଣ୍ଡିସନ ରହିଲେ ଭଲ ବର୍ଷା ହେବ । ଫଳରେ ଏଥର ମୌସମୀ ସ୍ୱାଭାବିକ ରହିବ। ସାରା ଦେଶରେ ଭଲ (୯ ପୃଷ୍ଠାରେ)

## ନଦୀ ମୁହାଣ ଓ ସମୁଦ୍ରରେ ମାଛଧରା ନିଷେଧ

ଭୁବନେଶ୍ୱର, ୧୫ା୪ (ସବ୍ୟୁ) : ଓଡ଼ିଶା ଉପକୂଳରେ ଆଜିଠାରୁ ମାଛଧରା ନିଷେଧ । ନଦୀ ମୁହାଣ ଗୁଡିକରେ ବି ମାଛଧରାରେ ଲଗାଯାଇଛି ଅଙ୍କୁଶ । ଜୁନ ୧୪ ଯାଏ ଅର୍ଥାତ ୬୧ ଦିନ ପାଇଁ ଏହି କଟକଣା ଲାଗୁ ହୋଇଛ । ମତ୍ସ୍ୟସମ୍ପଦର ସଂରକ୍ଷଣ ଉଦ୍ଦେଶ୍ୟରେ ସରକାର ଏପରି ପଦକ୍ଷେପ ନେଇଛନ୍ତି । କେବଳ ସାଢେ ୮ ମିଟର ଲମ୍ବ ପାରମ୍ପରିକ ଡଙ୍ଗାକୁ ଏହି କଟକଣାରୁ ବାଦ କରାଯାଇଛି । ଓଡ଼ିଶା ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଗଞ୍ଜାମ, କୁଜଙ୍ଗ, ବାଲୁଗାଁ, ବାଲେଶ୍ୱର, ପୁରୀ ମତ୍ସ୍ୟ ଅଧିକାରୀଙ୍କୁ ଚିଠି କରାଯାଇଛି । ଓଡ଼ିଶା ଆକ୍ଟ ବା ଓଡିଶା ମେରାଇନ ଫିସିଂ ରେଗୁଲେସନ ଆକ୍ଟର କଡାକଡି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ପାରାଦୀପରେ କେବଳ ୭ ଶହପାଖାପାଖି ଟ୍ରଲର ମାଛ ଧରିବାରୁ ବଞ୍ଚିତ ରହିବେ । ଯେଉଁଥିରେ ନିୟୋଜିତ ଥିବା ପ୍ରାୟ ୫ ହଜାର ମତ୍ସ୍ୟଜୀବୀ ଏବେ ଦୁଇ ମାସ ହାତ ବାନ୍ଧି ବସିବେ ।

## ମତଦାନ ପୂର୍ବରୁ ଜବତ ହେଲାଣି ୪,୬୫୦ କୋଟି




ନୂଆଦିଲ୍ଲୀ, ୧୫ା୪ : ପାଖେଇ ଆସିଲାଣି ଲୋକସଭା ନିର୍ବାଚନ । ଏଥିପାଇଁ ଜାରି ରହିଛି ଜୋରସୋର ପ୍ରଚାର । ଆସନ୍ତା ଏପ୍ରିଲ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟିଂ ହେବ । ତେବେ ନିର୍ବାଚନ ପୂର୍ବରୁ ଧରାପଡ଼ିଛି କୋଟି କୋଟି ଟଙ୍କା । ବର୍ତ୍ତମାନ ସୁଦ୍ଧା ୪,୬୫୦ କୋଟି ଜବତ କରାଯାଇଥିବା ନିର୍ବାଚନ କମିଶନର ସୂଚନା ଦେଇଛନ୍ତି, ଯାହା ଭାରତ ଇତିହାସରେ ପ୍ରଥମ ।

ନିର୍ବାଚନରେ ଧନବଳର ପ୍ରଭାବ ରୋକିବା ପାଇଁ ମାର୍ଚ୍ଚ ୧ ତାରିଖରୁ ଚାଉ ଚାଲିଛି । ପ୍ରତି ଦିନ ହାରାହାରି ୧୦୦ କୋଟିରୁ ଅଧିକ ଟଙ୍କା ଜବତ ହେଉଛି । ପ୍ରବର୍ତ୍ତନ ଅଧିକାରୀ, ଫ୍ଲାଇଂ ସ୍କ୍ୱାଡ, ଷ୍ଟାଟିଷ୍ଟିକ୍ ସର୍ଭେଲାନ୍ସ ଟିମ୍ ପ୍ରତିଦିନ ଏଥିପାଇଁ କାମ କରୁଛନ୍ତି । ପ୍ରତି ଚେକ୍ ପୋଷ୍ଟରେ ଚେକିଂ ହେଉଛି । ଲୋକସଭା ନିର୍ବାଚନ ପାଇଁ ଭୋଟିଂ ଆରମ୍ଭ ହେବା ପୂର୍ବରୁ ବର୍ତ୍ତମାନ ସୁଦ୍ଧା ୪,୬୫୦ କୋଟି ଜବତ ହୋଇ ସାରିଲାଣି, ଯାହା ୨୦୧୯ ଲୋକସଭା ନିର୍ବାଚନରେ ଜବତ ହୋଇଥିବା ଟଙ୍କା ଠାରୁ ଢେର ଅଧିକ ବୋଲି ନିର୍ବାଚନ କମିଶନର କହିଛନ୍ତି ।କେବଳ ସେତିକି ନୁହେଁ ନିର୍ବାଚନ ବେଳେ ଯେପରି ଟଙ୍କା ବଣ୍ଟନ, ମଦ ଓ ମାଗଣାରେ ଜିନିଷ ବଣ୍ଟନ ଓ ଡ୍ରଗ୍ସ କାରବାରକୁ ରୋକିବା ପାଇଁ ମଧ ପ୍ରାୟସ ଜାରି ରହିଛି । ଏଥିପ୍ରତି ଅଧିକାରୀମାନେ ନଜର ରଖିଛନ୍ତି ବୋଲି ନିର୍ବାଚନ କମିଶନର କହିଛନ୍ତି । ଜବତ ହୋଇଥିବା ୪୬୫୦ କୋଟି ମଧ୍ୟରେ ୩୯୫.୯୫ କୋଟିର ନଗଦ ଟଙ୍କା, ୪୮୯.୩୧ କୋଟିର ମଦ, ୨୦୬୮.୫୮ କୋଟିର ଡ୍ରଗ୍ସ, ୫୬୨.୧୦ କୋଟିର ସୁନା ଓ ୧୧୪୨.୪୯ କୋଟିର ଅନ୍ୟାନ୍ୟ ସାମଗ୍ରୀ ଥିବା ସୂଚନା ମିଳିଛି ।

## ସୁର ରାଉତରାୟ କଂଗ୍ରେସରୁ ବହିଷ୍କୃତ



ଭୁବନେଶ୍ୱର, ୧୫ା୪ (ସବ୍ୟୁ) : ଦଳରେ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ କଂଗ୍ରେସରୁ ସୁର ରାଉତରାୟଙ୍କୁ ବହିଷ୍କୃତ କରାଯାଇଛି । ତାଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ କରାଯାଇଛି । ସେ ଦଳ ବିରୋଧୀ କାର୍ଯ୍ୟରେ ନିୟୋଜିତ ଥିବା ଅଭିଯୋଗ ହୋଇଥିଲା । ସୁର କହିଛନ୍ତି, ମୁଁ ବଲକୁଲ ପୁଅ ପାଇଁ ପ୍ରଚାର କରିନି । ଏଆଇସିସିର ପ୍ରେସିଡେଣ୍ଟ ଅତି ଖୁସି ହୋଇ ମୋତେ ୬ ବର୍ଷ ପାଇଁ ଯେଉଁ ବାସନ୍ଦ କରିଛନ୍ତି, ସେଥିପାଇଁ ତାଙ୍କୁ ଅଭିନନ୍ଦନ । କେଉଁଠି କି ଦୋଷ କଲି ଯେ ମୋତେ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି, ମୁଁ ତାଙ୍କୁ ନୋଟିସ୍ ଜରିଆରେ ପଚାରିବ। ସେ ଯାହା କରିବେ ଖାତିର ନାହିଁ । ମୁଁ ମଲା ଯାଏଁ କଂଗ୍ରେସରେ ରହିବି । ମୁଁ କଂଗ୍ରେସ ପାଇଁ କାମ କରିବି । ମୋ ଜୀବନଟା କଂଗ୍ରେସ । ଯେଉଁମାନେ ଏବେ ଓଡ଼ିଶାରେ କଂଗ୍ରେସରେ ଅଛନ୍ତି ସତେ ଯେମିତି ଭାରି ନୀତି (୯ ପୃଷ୍ଠାରେ)

## ମଧ୍ୟପ୍ରାଚ୍ୟ ପରିସ୍ଥିତି ନେଇ ଜାତିସଂଘର ଉଦ୍‌ବେଗ

ଜାତିସଂଘ, ୧୫ା୪ : ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଛି । ଗତକାଲି ଇସ୍ରାଏଲ ଓ ଇରାନ ଶହ ଶହ କ୍ଷେପଣାସ୍ତ୍ର ପ୍ରୟୋଗ କରିଛନ୍ତି । ଉଭୟ ପକ୍ଷରୁ ଆକ୍ରମଣ ପରେ ମିଳିତ ଜାତିସଂଘ ଜରୁରୀକାଳୀନ ବୈଠକ କରିଛି ।

ବୈଠକରେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ କହିଛନ୍ତି, ମଧ୍ୟପ୍ରାଚ୍ୟ କିମ୍ବା ବିଶ୍ୱ ଏବେ କୌଣସି ଯୁଦ୍ଧକୁ ସହ୍ୟ କରିପାରିବ ନାହିଁ । ଶାନ୍ତି ପାଇଁ ଆମ ସମସ୍ତଙ୍କୁ କାମ କରିବାକୁ ପଡ଼ିବ । ଶାନ୍ତି ଓ ସୁରକ୍ଷାକୁ ଏବେ ଅଣଦେଖା କରାଯାଇପାରିବ ନାହିଁ । ସମସ୍ତେ ସଂଯମ ରକ୍ଷା କରି ଶାନ୍ତି ରଖିବାକୁ ପଡ଼ିବ, ନଚେତ ମଧ୍ୟପ୍ରାଚ୍ୟର ଜନସାଧାରଣଙ୍କୁ ଯୁଦ୍ଧର ସମ୍ମୁଖୀନ କରିବାକୁ ପଡ଼ିବ ।ଭାରତ ମଧ ଯୁଦ୍ଧ ସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିଛି । ଆଲୋଚନା ଓ କୂଟନୀତି ଜରିଆରେ ସମାଧାନ କରିବାକୁ ଉଭୟ ପକ୍ଷଙ୍କୁ ଆହ୍ୱାନ କରିଛି ଭାରତ । ପ୍ରକାଶ ଥାଉ କି, ଗତକାଲି ସିରିଆର ରାଜଧାନୀ ଦାମାସକସରେ ଥିବା ଇରାନର ଦୂତାବାସ ଉପରେ ଇସ୍ରାଏଲ ବୋମାମାଡ଼ କରିଥିଲା । ଏହା ପରେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା ଇରାନ । ଶହ ଶହ ଅସ୍ତ୍ର ବାହକ ଡ୍ରୋନ୍ ସାଙ୍ଗକୁ କ୍ଷେପଣାସ୍ତ୍ର ପ୍ରୟୋଗ କରାଯାଇଥିଲା । କିନ୍ତୁ ଇରାନସର କୌଣସି କ୍ଷେପଣାସ୍ତ୍ର ଇସ୍ରାଏଲ ଉପରେ ପଡ଼ି ନାହିଁ । ସମସ୍ତ କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ଧ୍ୱଂସ କରି (୯ ପୃଷ୍ଠାରେ)

### ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ

## ଆଗକୁ ଆହୁରି ଜାଳିବ



-ଫଟୋ : ଅତୁଲ୍ୟ

ଭୁବନେଶ୍ୱର, ୧୫ା୪ (ସବ୍ୟୁ) : ସକାଳୁ ଗୁଲୁଗୁଳି, ୮.୩୦ ବେଳକୁ ପାରଦ ୩୦° ପାର୍। ଅପରାହ୍ନ ୨.୩୦ ବେଳକୁ ତାପମାତ୍ରା ୪୦° ଅତିକ୍ରମ କଲା। ଘରୁ ବାହାରିଲେ ଝାଞ୍ଜିମାଡ଼ରେ ମୁହଁ ପୋଡ଼ି ପକାଉଥିଲା। ଭୁବନେଶ୍ୱର ସମେତ ୧୮ଟି ସହରରେ ତାପମାତ୍ରା ୪୦° ଉପରେ ରହିଥିଲା। ଆସନ୍ତା ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଭୟଙ୍କର ସ୍ଥିତି ଦେଖାଦେବ। ଦିନର ତାପମାତ୍ରା ୪୩ରୁ ୪୫° ଛୁଇଁପାରେ। ଉପକୂଳ ଅଞ୍ଚଳରେ ତାପମାତ୍ରା ବିଶେଷ ନବଢ଼ିଲେ ମଧ ଆର୍ଦ୍ରତା ଯୋଗୁଁ ଅଧିକ ୫° ତାପମାତ୍ରା ଅନୁଭୂତ ହେବ। ଏଭଳି ପୂର୍ବନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ସୋମବାର ବାରିପଦାରେ ସର୍ବାଧିକ ତାପମାତ୍ରା ରେକର୍ଡ଼ ହୋଇଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୧.୪° ରହିଛି। ଏହା ପଛକୁ ଭୁବନେଶ୍ୱର, ଚାନ୍ଦବାଲି ଓ ନୂଆପଡ଼ାରେ ୪୧.୨° ତାପମାତ୍ରା ରେକର୍ଡ଼ ହୋଇଛି। ବର୍ତ୍ତମାନ ବାୟୁମଣ୍ଡଳର ନିମ୍ନ ଭାଗରେ ଧୀରେ ୪ରୁ ୬ ଡ଼ିଗ୍ରୀ ଯାଇଁ ବୃଦ୍ଧି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ଡ଼ିଗ୍ରୀ ରେକର୍ଡ ହେବା ସହ ୧୭ ରୁ ୨୦ ତାରିଖ ମଧ୍ୟରେ କିଛି ଜିଲ୍ଲାରେ ୪୩ ରୁ ୪୫ଡ଼ିଗ୍ରୀ ଯାଏଁ

### ତିନି ଦିନରେ ଛୁଇଁବ ୪୫°
### ୧୮ ସହରରେ ୪୦° ତାପମାତ୍ରା
### ବାରିପଦାରେ ସର୍ବାଧିକ ୪୧.୪°
### ଭୁବନେଶ୍ୱରରେ ବଢ଼ିଲା ପୁଣି ୨°

ରାଜ୍ୟକୁ ପଶ୍ଚିମ ତଥା ଉତ୍ତରପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଛି । ଏହାସହ ସୂର୍ଯ୍ୟ କିରଣର ତୀବ୍ରତା ବୃଦ୍ଧି ପାଉଥିବାରୁ ଆଗାମୀ ୪ରୁ ୫ଦିନ ମଧ୍ୟରେ ରାଜ୍ୟରେ ଅନେକ ସ୍ଥାନରେ ଦିନ ତାପମାତ୍ରା ଧୀରେ ତାପମାତ୍ରା ରେକର୍ଡ ହେବାର ସମ୍ଭାବନା ରହିଛି । ଏହି ପାଣିପାଗ ସ୍ଥିତିକୁ ଲକ୍ଷ୍ୟ କରି ବିଭାଗ ତରଫରୁ ଆଗାମୀ ୫ ଦିନ ଯାଏଁ ଗ୍ରୀଷ୍ମ ପ୍ରବାହ ପାଇଁ ଚେତାବନୀ ଜାରି କରାଯାଇଛି । (୯ ପୃଷ୍ଠାରେ)

## କ୍ରିପ୍ଟୋ କରେନ୍ସି କାରବାର ୧୫ କୋଟି ଠକେଇ, ୨ ଗିରଫ



ଭୁବନେଶ୍ୱର, ୧୫ା୪ (ସବ୍ୟୁ) : କ୍ରିପ୍ଟୋ କଏନ୍ କାରବାରରେ ୧୫ କୋଟି ଟଙ୍କା ଠକେଇ କରିଥିବା ଦୁଇଜଣ ଠକଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । ଦୁଇଠକ କମ୍ ଟଙ୍କା ବିନିଯୋଗରେ ଅଧିକ ଲାଭ ମିଳିବ ପ୍ରତିଶ୍ରୁତି ଦେଇ ଓଡ଼ିଶାର ୫୦୦ ଲୋକଙ୍କ ଠାରୁ ୧୫ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି ଇଓଡବ୍ଲ୍ୟୁ । କେବଳ ଓଡ଼ିଶା ନୁହେଁ ମହାରାଷ୍ଟ୍ରରୁ ମଧ ଏହି ଠକ ର୍‍ୟାକେଟ୍ ଠକେଇ କରିଥିବା ଇଓଡବ୍ଲ୍ୟୁ କହିଛି । କେତେ ଟଙ୍କା ମହାରାଷ୍ଟ୍ରରୁ ଠକେଇ କରିଛନ୍ତି ତାହା ଜାଣିବା ପାଇଁ ମହାରାଷ୍ଟ୍ର ପୋଲିସ ସହ ଯୋଗଯୋଗରେ ଅଛି ଇଓଡବ୍ଲ୍ୟୁ ।

ପଶ୍ଚିମ ଓଡ଼ିଶାର ପ୍ରେମ୍‌ସାଗର ଖମାରୀ ଇଓଡବ୍ଲ୍ୟୁ (୯ ପୃଷ୍ଠାରେ)



# ଦର୍ପଣରେ ସୂର୍ଯ୍ୟ



ବର୍ତ୍ତମାନ ପ୍ରଖର ଗ୍ରୀଷ୍ମ ପ୍ରଭାବ ପାଇଁ ଭାରତର ହାଲ ବେହାଲ । ହେଲେ ବିଶ୍ୱରେ ଏଭଳି ମଧ୍ୟ ସ୍ଥାନ ଅଛି ଯେଉଁଠି ଲୋକମାନେ ଖରାଟିକେ ପାଇବା ପାଇଁ ନାନା ଫିକର ଫନ୍ଦି କରୁଛନ୍ତି । ବିଭିନ୍ନ ଉପାୟ ଆପଣାଇ ଏମାନେ ଟିକେ ସୂର୍ଯ୍ୟ କିରଣ ପାଉଛନ୍ତି । ଇଟାଲିରେ ରହିଛି ଛୋଟ ଗାଁ ଭିନ୍‌ଜେଲିଆ, ଯେଉଁଠି ବର୍ତ୍ତମାନ ସୂର୍ଯ୍ୟ କିରଣ ପାଇଁ ଲୋକମାନେ ଅନେକ ପରିଶ୍ରମ କରୁଛନ୍ତି । ଏହି ଗ୍ରାମର ଚାରିପାଖରେ ଉଚ୍ଚଉଚ୍ଚ ପାହାଡ ରହିଛି, ଯେଉଁ କାରଣରୁ ଏହି ଗ୍ରାମ ଭିତରକୁ ସୂର୍ଯ୍ୟ କିରଣ ପଡି ପାରିନଥାଏ । ପ୍ରତିବର୍ଷ ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଏହି ଗ୍ରାମବାସୀମାନେ ଅନ୍ଧାରରେ ରୁହନ୍ତି । ସୂର୍ଯ୍ୟ କିରଣ ନମିଳିବାରୁ ଏଠିକାର ଲୋକମାନେ ନାହିଁ ନଥିବା ହଇରାଣ ହୋଇଥାଆନ୍ତି । ତେବେ ଏଠିକାର ଗ୍ରାମବାସୀ, ପ୍ରଶାସନ ଓ ଇଞ୍ଜିନିୟରମାନେ ମିଶି ଏହି ସମସ୍ୟାର ଏକ ସମାଧାନ ବାହାର କରିଛନ୍ତି । ସେମାନେ ଏଠାରେ ଏକ ଆଠ ମିଟର ଚଉଡା, ପାଞ୍ଚ ମିଟର ଲମ୍ବାର ଦର୍ପଣ ଲଗାଇଛନ୍ତି । ଯାହା ଦିନରେ ପାଖାପାଖି ୬ଘଣ୍ଟା ସୂର୍ଯ୍ୟ କିରଣକୁ ପ୍ରତିଫଳନ କରିଥାଏ । ତେବେ ଏହାକୁ କେବଳ ଶୀତଦିନରେ ଅର୍ଥାତ ନଭେମ୍ବରରୁ ଫେବୃଆରୀ ମାସ ଭିତରେ ବ୍ୟବହାର କରାଯାଇଥାଏ । ଅନ୍ୟ ଦିନ ମାନଙ୍କରେ ଏହାକୁ ଘୋଡାଯାଇ ରଖାଯାଇଥାଏ । ଏହି ସମାଧାନ ବର୍ତ୍ତମାନ ସେଠିକାର ଲୋକଙ୍କୁ ଖୁବ ସାହାଯ୍ୟ କରୁଛି ।

# ଜିଙ୍କ୍ ଡେଫିସିଏନ୍ସି

ବର୍ତ୍ତମାନ ମହିଳାଙ୍କ କ୍ଷେତ୍ରରେ ଜିଙ୍କ ଡେଫିସିଏନ୍ସି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ବୟସ ବଢିଲେ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ଆମ ଶରୀରରେ ଜିଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ । ଏହା ଆମର ରୋଗପ୍ରତିରୋଧକ ଶକ୍ତି ବଢାଇବା ସହିତ ସେଲ୍ ଗ୍ରୋଥ ଓ ହର୍ମୋନ ପ୍ରସ୍ତୁତିରେ ସହାୟକ ହୋଇଥାଏ । ତେବେ ମହିଳାଙ୍କ କ୍ଷେତ୍ରରେ ଜିଙ୍କର ଆବଶ୍ୟକତା ଖୁବ ଅଧିକ ଥାଏ । ତେଣୁ ଜିଙ୍କ ଡେଫିସିଏନ୍ସିକୁ ଜାଣିବାର ଆବଶ୍ୟକତା ରହିଛି । ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଆସନ୍ତୁ ଜାଣିବା ଏହାର ଲକ୍ଷଣ ବିଷୟରେ ।

**ଚର୍ମରେ ପରିବର୍ତ୍ତନ–** ଜିଙ୍କ ଡେଫିସିଏନ୍ସିର ପ୍ରଥମ ଲକ୍ଷଣ ହେଲା ଶରୀରରେ ଏକ୍‌ଜିମା ଭଳି ଫଳିଯିବା, ନାକ ଓ ପାଟି ପାଖରେ ଦାଗ ହେବା, ସହଜରେ ଖଣ୍ଡିଆ ନ ଶୁଖିବା ଆଦି ହେଲା ପ୍ରାଥମିକ ଲକ୍ଷଣ ।

**କେଶ ଝଡିବା–** ଯଦି ଅତ୍ୟଧିକ ପରିମାଣରେ କେଶ ଝଡୁଛି, ତେବେ ଏହାର କାରଣ ଜିଙ୍କ ଡେଫିସିଏନ୍ସି ହୋଇପାରେ । କେଶ ପତଳା ହେବା,ନଖ ପତଳା ହେବା ଆଦି ଏହାର ଲକ୍ଷଣ ହୋଇଥାଏ । ଜିଙ୍କ ଆମର କେଶ ଓ ନଖ ତିଆରି ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

**ଅନିୟମିତ ଋତୁସ୍ରାବ–** ମହିଳାଙ୍କର ରିପ୍ରଡକ୍ଟିଭ୍ ହେଲ୍‌ଥ ପାଇଁ ଜିଙ୍କ ବହୁତ ଦରକାରୀ ହୋଇଥାଏ । ତେଣୁ ଜିଙ୍କ୍ ଡେଫିସିଏନ୍ସିରେ ଋତୁସ୍ରାବରେ ଅନିୟମିତତା ହେବାର ସମ୍ଭାବନା ରହିଛି । ଏହା ମଧ୍ୟ ଏକ ଲକ୍ଷଣ ହୋଇପାରେ ।




# ମନେପଡ଼େ: ଶ୍ରୀଦେବୀଙ୍କୁ କହିଥିଲେ ନା



୧୨ ଏପ୍ରିଲ୍‌ରେ ରିଲିଜ୍ ହୋଇଛି ଫିଲ୍ମ 'ଅମର ସିଂ ଚମକିଲା' ଯାହାର ଷ୍ଟ୍ରିମିଂ ନେଟ୍‌ଫ୍ଲିକ୍ସରେ ହେଉଛି । ତେବେ ଏହାକୁ ନେଇ ଅନେକ ଚର୍ଚ୍ଚା ହେବାରେ ଲାଗିଛି । ସେହିଭଳି ଏଭଳି କିଛି ଘଟଣା ବିଷୟରେ ମଧ୍ୟ ଜଣା ପଡୁଛି ଯାହା ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରୁଛି । ସେହିଭଳି ଏକ ଖବର ହେଲା ପଞ୍ଜାବୀ ସିଙ୍ଗର ଅମର ସିଂ ଚମକିଲା ଦିବଙ୍ଗତ ଅଭିନେତ୍ରୀ ଶ୍ରୀଦେବୀଙ୍କୁ ରିଜେକ୍ଟ କରିଥିଲେ । ଶ୍ରୀଦେବୀଙ୍କର ତାଙ୍କ ସହିତ କାମ କରିବାକୁ ଖୁବ ଇଚ୍ଛା ଥିଲା, ହେଲେ ସେ ଏହି ଅଫରକୁ ମନା କରିଦେଇଥିଲେ । ଏପରିକି ଶ୍ରୀଦେବୀ ତାଙ୍କ ସହିତ ପଞ୍ଜାବୀ ଭାଷାରେ ମଧ୍ୟ ଫିଲ୍ମ କରିବାକୁ ରାଜିଥିଲେ, ହେଲେ ତାଙ୍କର ଏହି ଇଚ୍ଛା ପୂରା ହୋଇ ପାରିନଥିଲା । ପ୍ରସିଦ୍ଧ ଫୋକ ସିଙ୍ଗର ଅମର ସିଂଙ୍କୁ ପଞ୍ଜାବ ସହିତ ସମଗ୍ରଦେଶର କଳାପ୍ରେମୀ ଖୁବ ଭଲପାଉଥିଲେ । ତେବେ ଗୀତର ଲିରିକ୍ସ ପାଇଁ ସେ ଅନେକ ବିବାଦରେ ଫସି ରହିଥିଲେ । ୮ ମାର୍ଚ୍ଚ ୧୯୮୮ରେ ଅମର ସିଂ ଚମକିଲା ଓ ତାଙ୍କ ପତ୍ନୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ଘଟଣାରେ ତାଙ୍କ ବ୍ୟାଣ୍ଡର ଆହୁରି ଦୁଇଜଣଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ତାଙ୍କ ବାୟୋପିକ୍‌ରେ ପରୀଣିତି ଚୋପ୍ରା ଓ ଦିଲ୍‌ଜିତଙ୍କୁ ସ୍କ୍ରିନ୍ ସେୟାର କରୁଥିବାର ଦେଖିବାକୁ ମିଳିଛି । ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଇମତିଆଜ ଅଲ୍ଲୀ ।

# ଏଆଇ ସମର

ଅନେକ ସମୟରେ ଏଆଇ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚିତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ସେହିଭଳି ବର୍ତ୍ତମାନ ଖରାଦିନକୁ ନେଇ ଏଆଇ ଆଙ୍କିଥିବା ଚିତ୍ର ଭାଇରାଲ ହେବାରେ ଲାଗିଛି । ଏହି ଆର୍ଟ ସିରିଜ୍‌ର ନାଁ ରଖା ଯାଇଛି ସମର ଇନ୍ ପାରାଲାଲ୍ ୟୁନିଭର୍ସ, ଯେଉଁଥିରେ ଲୋକମାନେ ଇଣ୍ଡିଆଗେଟ୍ ଆଗରେ ଆଇସ୍ ସୋଫାରେ ବସିଛନ୍ତି, ଆଉ ଏକ ଆର୍ଟରେ ଗୋଟିଏ ସ୍ତ୍ରୀ ଲୋକ ଆଇସ୍‌ର ସ୍କୁଟର ରାସ୍ତାରେ ଚଳାଉଛନ୍ତି, ଅନ୍ୟ ଆର୍ଟ ଭିତରେ ବୃଦ୍ଧା ଜଣେ ମୁଣ୍ଡରେ ଆଇସ୍‌ର ହେଲମେଟ୍ ପିନ୍ଧିଛନ୍ତି । ସବୁଠାରୁ ଗୋଟିଏ ଆର୍ଟ ବେଶି ଭାଇରାଲ ହେଉଛି, ଯେଉଁଥିରେ ଜଣେ ମହିଳା ଗୋଟିଏ ଖୁବ ବଡ଼ ଛତା ଧରିଛନ୍ତି, ଯାହାର ଚାରିପାଖରେ ଫ୍ୟାନ ଲାଗିଛି । ବର୍ତ୍ତମାନ ଲୋକମାନେ ବର୍ଦ୍ଧିତ ତାପମାତ୍ରା କାରଣରୁ ଅନେକ ହଇରାଣ ହେଉଛନ୍ତି । ତେଣୁ ଏହି ଆର୍ଟ ଭଳି ରିଅଲ ଲାଇଫ୍‌ରେ ଯଦି ଏପରି କିଛି ହୋଇ ପାରନ୍ତା ତେବେ ଆରାମ ମିଳନ୍ତା ବୋଲି ସେମାନେ ମତ ଦେଇଛନ୍ତି । ଖରା ଗରମରୁ ରକ୍ଷା ପାଇବା ପାଇଁ ଏଗୁଡିକ ଖୁବ ଭଲ ଉପାୟ ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି ।



## ଇତିହାସ

୧୮୫୩ – ଭାରତରେ ପ୍ରଥମ କରି ମୁମ୍ବାଇ ଓ ଥାଣେ ମଧ୍ୟରେ ପ୍ରଥମ ରେଳ ଯାତ୍ରା ।

୧୮୮୯ – ଦୁନିଆର ପ୍ରସିଦ୍ଧ ହାସ୍ୟ କଳାକାର ଚାର୍ଲି ଚାପ୍‌ଲିନ୍‌ଙ୍କର ଜନ୍ମ ।

୧୯୧୯ – ଜାଲିଆନାୱାଲା ବାଗ ହତ୍ୟାକାଣ୍ଡର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ପ୍ରାର୍ଥନା ସଭା ଓ ଉପବାସର ଘୋଷଣା କରାଯାଇଥିଲା ।

୧୯୪୫ – ଜର୍ମାନ ଜାହାଜ ବୁଡିବା ଫଳରେ ୭ହଜାର ଲୋକଙ୍କର ମୃତ୍ୟୁ ।

୧୯୮୮ – ଉତ୍ତର ଇରାକରେ ହୋଇଥିବା ଗ୍ୟାସ ଆକ୍ରମଣରେ ଏକ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ।

୨୦୦୨ – ଦକ୍ଷିଣ କୋରିଆରେ ଏକ ବିମାନ ଦୁର୍ଘଟଣାରେ ୧୨୦ ଲୋକଙ୍କର ମୃତ୍ୟୁ ।

## ସୋସିଆଲ କୋଟ୍ସ



ଏହା ଏକପ୍ରକାର ହରିଫିକ୍ ଇନ୍ସିଡେନ୍ସ । ଯଦି ସଲମାନଙ୍କ ଘର ଉପରେ ଫାୟାରିଂ ହୋଇ ପାରୁଛି, ତେବେ ଅନ୍ୟମାନଙ୍କ ସେଫ୍ଟି କୁ ନେଇ କିଛି ବି ହୋଇପାରେ । ଏହି ଘଟଣାରେ କଡା କାର୍ଯ୍ୟାନୁଷ୍ଠାନ ଦରକାର ।

ପୂଜା ଭଟ୍ଟ, ଅଭିନେତ୍ରୀ



ଫିଲ୍ମ ଅମର ସିଂ ଚମକିଲାରେ ଅଭିନୟ କରିବା ପରେ ଅନେକ କିଛି ଶିଖିଛି । ସେହିଭଳି ଆପଣମାନଙ୍କ ରିଭ୍ୟୁ ମୋତେ ଖୁବ ଭଲ ଲାଗିଛି । ମୁଁ ପୁଣି ଆପଣଙ୍କ ପାଖକୁ ଫେରିଛି, ଯେଉଁଥିପାଇଁ ଖୁବ ଖୁସି ଅଛି ।

ପରିଣୀତି ଚୋପ୍ରା, ଅଭିନେତ୍ରୀ



ଯଦି ଦିଲ୍‌ଜିତ୍ ଅମର ସିଂ ଚମକିଲାରେ ଅଭିନୟ କରିବା ପାଇଁ ମନା କରିଥାଆନ୍ତେ, ତେବେ ଏହି ଫିଲ୍ମ ପ୍ରସ୍ତୁତ ହୋଇ ପାରିନଥାନ୍ତା । ଏହି ଚରିତ୍ର ପାଇଁ ସେ ହିଁ ସବୁଠାରୁ ଠିକ୍ ।

ଇମ୍‌ତିଆଜ ଅଲ୍ଲୀ, ଫିଲ୍ମ ମେକର

# ସୁନା ଗୁପଚୁପ



ଭାରତରେ ବିଭିନ୍ନ ସମୟରେ ଅଜବ ଅଜବ ଷ୍ଟ୍ରିଟ୍ ଫୁଡ ଭାଇରାଲ ହୋଇଥାଏ, ଯାହା ଅନେକଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ସେହିଭଳି ଏକ ଅଜବ ଷ୍ଟ୍ରିଟ୍ ଫୁଡ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ନିକଟରେ ଗୁଜୁରାଟରେ ଜଣେ ଭେଣ୍ଡର ସୁନା ରୁପାର ଗୁପ୍‌ଚୁପ୍ ବିକ୍ରି କରୁଥିବାର ଦେଖିବାକୁ ମିଳିଛି । ଏହି ଗୁପଚୁପ ଭିତରେ ଡ୍ରାଏଫ୍ରୁଟ୍ସ ଦିଆଯାଇଥିବାବେଳେ ଖଟାପାଣି ବଦଳରେ ଏଥିରେ ଥଣ୍ଡାଇ ଦିଆଯାଉଛି । ସେହିଭଳି ଗୁପଚୁପ ଉପରେ ସୁନା ଓ ରୁପାର ଫଏଲ୍ ବ୍ୟବହାର କରାଯାଇଛି । ଏହି ଗୁପଚୁପ ବର୍ତ୍ତମାନ ସୋସିଆଲ ମିଡିଆରେ ବହୁଳମାତ୍ରାରେ ଭାଇରାଲ ହେବାରେ ଲାଗିଛି । କିଛି ଲୋକ ଏହାକୁ ପସନ୍ଦ କରୁଥିବାବେଳେ କିଛି ଲୋକ ନାପସନ୍ଦ କରିଛନ୍ତି । ଗୁପଚୁପ ତାର ଅଥେଣ୍ଟିକ ଖଟା ପାଣି ପାଇଁ ପରିଚିତ ତେଣୁ ଏହି ରିପ୍ଲେସମେଣ୍ଟକୁ ସେମାନେ ଗ୍ରହଣ କରିପାରିନାହାନ୍ତି ।

# ଆଚାରୀ ମିକ୍ସ ଭେଜ୍

**ସାମଗ୍ରୀ–** ଅଧା କପ୍ ଫୁଲ କୋବି (ଗରମ ପାଣିରେ ପଡି ବାହାର କରାଯାଇଥିବା), କଟାହୋଇଥିବା ଅଧାକପ ସିଝା ଆଳୁ, ଅଧା କପ ମଟର ମଞ୍ଜି (ସିଝା), ଅଧା କପ ଗାଜର (ଗରମ ପାଣିରେ ପଡି ବାହାର କରାଯାଇଥିବା), ଅଧା କପ ପନିର୍, କଟା କ୍ୟାପସିକମ୍, କଟା ହୋଇଥିବା ପିଆଜ, ଟମାଟୋ, ଅଦା, ରସୁଣ, ଗୋଟା ଜିରା, ତେଜପତ୍ର, ହେଙ୍ଗୁ, ଅଧା କପ ଦହି, କସୁରୀ ମେଥି, ଶୁଖିଲା ଲଙ୍କା ଗୁଣ୍ଡ, ପାନ ମଧୁରୀ, ଧନିଆ ଗୁଣ୍ଡ ଏକ ଚାମଚ, କଟା ଧନିଆ ପତ୍ର, ଆଚାର ମସଲା ।



**ପ୍ରଣାଳୀ–** ପ୍ରଥମେ ପ୍ୟାନ୍‌ରେ କଟା ପିଆଜ, ଅଦା ଓ ରସୁଣ ନେଇ ଅଳ୍ପ ସମୟ ଭାଜନ୍ତୁ । ଏହାପରେ ଏଥିରେ ଟମାଟୋ ପକାଇ ସିଝିବା ପର୍ଯ୍ୟନ୍ତ ରାନ୍ଧନ୍ତୁ । ଏହାପରେ ଗ୍ରାଇଣ୍ଡରରେ ପାନ ମଧୁରୀ, ଧନିଆ ଗୁଣ୍ଡ, ଶୁଖିଲା ଲଙ୍କା ଓ ଆଚାର ମସଲା ଓ ଭଜା ହୋଇଥିବା ପିଆଜ ମିଶ୍ରଣକୁ ପକାଇ ବାଟି ନିଅନ୍ତୁ । ଏହାପରେ ପ୍ୟାନରେ ଜିରା ଫୁଟାନ୍ତୁ ଏବଂ କ୍ୟାପସିକମ୍ ପକାଇ ଭାଜନ୍ତୁ । ଏହାପରେ ଏଥିରେ ପ୍ରସ୍ତୁତ ହୋଇଥିବା ପେଷ୍ଟ ପକାଇ ଗୋଳାନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ଦହି ପକାନ୍ତୁ । କିଛି ସମୟ ଏହି ମିଶ୍ରଣକୁ ଭାଜନ୍ତୁ, ଯେପରି ତେଲ ମସଲାରୁ ଅଲଗା ହେବାକୁ ଲାଗିବ । ମସଲା ପ୍ରସ୍ତୁତ ହେବା ପରେ ଏଥିରେ ଆଳୁ, କୋବି, ଗାଜର, ପନିର, ଆଦି ପକାଇ ଭାଜନ୍ତୁ । ଆବଶ୍ୟକ ଅନୁଯାୟୀ ଲୁଣ ଓ କଶୁରୀ ମେଥୀ ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ଆଚାରୀ ମିକ୍ସ ଭେଜ୍ ।

# ନିଆରା ଉପହାର



ଅନନ୍ୟା ପାଣ୍ଡେ ବି ଟାଉନ୍ ଷ୍ଟାର ଶ୍ରଦ୍ଧା କପୁରଙ୍କ ସହିତ ଖୁବ ଭଲ ରିଲେସନ୍ ସେୟାର କରନ୍ତି । ବିଭିନ୍ନ ସ୍ପେସାଲ ଅକେଜନ୍‌ରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳେ । ତେବେ ନିକଟରେ ଶ୍ରଦ୍ଧା କପୁର ଅନନ୍ୟାଙ୍କୁ ଏକ ଉପହାର ଦେଇଛନ୍ତି ଯାହାକୁ ନେଇ ବର୍ତ୍ତମାନ ଚର୍ଚ୍ଚା ହେଉଛି । ଅନନ୍ୟା ନିଜର ସୋସିଆଲ ମିଡିଆରେ ଶ୍ରଦ୍ଧାଙ୍କ ଉପହାରର ଫଟୋ ପୋଷ୍ଟ କରିବା ସହିତ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୂଚନା ଅନୁସାରେ ଶ୍ରଦ୍ଧା କପୁର ଅନନ୍ୟାଙ୍କୁ ଏକ ସୁନା ଚେନ୍ ଉପହାର ଦେଇଛନ୍ତି ଯେଉଁଥିରେ ଛୋଟଛୋଟ ଷ୍ଟାର ଲକେଟ ଲାଗିଛି । ଉପହାରଟିକୁ ଅନନ୍ୟାଙ୍କ ସହିତ ତାଙ୍କ ଫ୍ୟାନମାନେ ମଧ୍ୟ ବେଶ୍ ପସନ୍ଦ କରିଛନ୍ତି । ଆଗକୁ ଅନନ୍ୟାଙ୍କ ଭାଗ୍ୟ ମଧ୍ୟ ତାରା ଭଳି ଚମକିବ ବୋଲି ଫ୍ୟାନମାନେ ମତ ଦେଇଛନ୍ତି । ୨୦୨୯ରେ ଷ୍ଟୁଡେଣ୍ଟ୍ ଅଫ୍ ଦି ଇୟର–୨ରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ଅନନ୍ୟାଙ୍କୁ ଦର୍ଶକ ଅନେକ ଫିଲ୍ମରେ ଦେଖିଛନ୍ତି । ଅନନ୍ୟାଙ୍କୁ ଦର୍ଶକ ଫିଲ୍ମ ଗୁଡିକରେ ଅନେକ ଭଲ ପାଇବା ମଧ୍ୟ ଦେଇଛନ୍ତି । ତାଙ୍କୁ ଗେହରିୟାଁ, ପତି ପତ୍ନୀ ଔର ୱୋ, ଲିଗର, ରକି ଔର ରାନି କି ପ୍ରେମ କାହାନୀ, ଡ୍ରିମ୍ ଗର୍ଲ ୨, ଖୋ ଗୟେ ହମ୍ କାହାଁରେ ଦେଖିବାକୁ ପାଇଥିଲେ । ଅନନ୍ୟାଙ୍କର ଆଗକୁ ଆହୁରି ୨ ଟି ପ୍ରୋଜେକ୍ଟ ସ୍କ୍ରିନ୍‌କୁ ଆସିବାକୁ ବାକି ଅଛି । ଅନନ୍ୟାଙ୍କୁ ଏକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ଦେଖିବାକୁ ମିଳିଥିଲା,ଯାହାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ ।

### ସିଇଓଙ୍କ ନିକଟରେ ବିଜେଡ଼ିର ଅଭିଯୋଗ

## ଛୋଟ ପିଲାଙ୍କୁ ନିର୍ବାଚନୀ ପ୍ରଚାରରେ ବ୍ୟବହାର କରୁଛି ବିଜେପି




ଭୁବନେଶ୍ୱର(ସବ୍ୟୁ): ବିଜେପି ନେତାଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ବିଜେଡି । ବିଜେପିର ପ୍ରାର୍ଥୀମାନେ ନିର୍ବାଚନ ଆଚରଣ ବିଧିଙ୍କୁ ଉଲ୍ଲଂଘନ କରୁଥିବା ଅଭିଯୋଗ କରିଛନ୍ତି । ପୋଲିସ କର୍ମଚାରୀ ଏବଂ ସରକାରୀ କର୍ମଚାରୀଙ୍କୁ ଧମକାଉଥିବା ସହ ବଦଳି କରି ଦେବାର ଧମକ ଦେଉଛନ୍ତି ବିଜେପି ପ୍ରାର୍ଥୀ । ଏପରିକି ଛୋଟ ପିଲାଙ୍କୁ ପ୍ରଚାରରେ ବ୍ୟବହାର କରୁଥିବା ଅଭିଯୋଗ କରିଛି ବିଜେଡି । ବିଜେପି କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଗରଦପୁର ବ୍ଲକ ଟିକାନପୁର ପଂଚାୟତରେ ଗତ ଏପ୍ରିଲ ୧୪ ତାରିଖରେ ପିଲାମାନଙ୍କୁ ନେଇ ରାଲି କରିଥିଲେ । ବୈଜୟନ୍ତ ପଣ୍ଡାଙ୍କ ପ୍ରଚାର ସମୟରେ ଛୋଟ ପିଲାଙ୍କୁ ବ୍ୟବହାର କରିଥିବାର ଉଦାହରଣ ଦେଇଛି ବିଜେଡି । ବିଜେପି ନେତାମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବାବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି ବିଜେଡି ।

### ଚର୍ଚ୍ଚିକାଙ୍କ ଆଶୀଷ ଭିକ୍ଷା କଲେ କଂଗ୍ରେସ୍ ବିଧାୟକ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ

ବାଙ୍କୀ , (ସବ୍ୟୁ) :କଟକ ସଂସଦୀୟ କ୍ଷେତ୍ର ଅଧିନସ୍ଥ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର କଂଗ୍ରେସ୍ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକଙ୍କୁ ଦଳୀୟ କର୍ମୀ ମାନେ କଚେରି ଛକ ଠାରୁ ବିରାଟ ବାଇକ୍ ରାଲିରେ ପାଛୋଟି ଆଣିଥିଲେ। ପରେ ମାଆ ଚର୍ଚ୍ଚିକା ମନ୍ଦିର ଯାଇ ମାଆଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶିଷ ଭିକ୍ଷା କରିଛନ୍ତି।ଦେବାଶିଷ ପଟ୍ଟନାୟକ ନିଜର ଦଳୀୟ କର୍ମୀ ଙ୍କ ସହିତ ଦଳୀୟ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ ।

## ବିଜେଡ଼ିରେ ମିଶିଲେ ବନ୍ଧୁଗାଁ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ପିଡିକା




ଭୁବନେଶ୍ୱର (ସବ୍ୟୁ): କୋରାପୁଟ ଜିଲ୍ଲା ଅନ୍ତର୍ଗତ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ବନ୍ଧୁଗାଁ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ପିଡିକାଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ସୋମବାର ଶଙ୍ଖଭବନରେ ଲକ୍ଷ୍ମୀପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନି, ବିଜେଡି ସାଧାରଣ ସମ୍ପାଦକ ତଥା ନବରଙ୍ଗପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଇଶ୍ୱର ପାଣିଗ୍ରାହୀ, ପୂର୍ବତନ ସାଂସଦ ଝିନ ହିକ୍କା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ଜାନି, ଶ୍ରୀ ପାଣିଗ୍ରାହୀ, ଶ୍ରୀ ହିକ୍କା ଓ ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବନ୍ଧୁଗାଁ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ବିଜେଡିରେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଏ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ମହିଳା ସହକାରୀ ଯନ୍ତ୍ରୀଙ୍କ ମୃତ୍ୟୁ

କଟକ, (ସ୍ୱପ୍ର): ରବିବାର ଏକ ସଡ଼କ ଦୁର୍ଘଟଣାରେ ବନ୍ଦନା ଦାଶ (୩୯) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ବନ୍ଦନା ଦାଶ ନାମକ ଜଣେ ମହିଳା ଗଣ୍ଡରପୁର ସ୍ଥିତ ମହାନଦୀ ବ୍ୟାରେଜ ଡିଭିଜନରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ସେ ଅଫିସ କାମସାରି ସଂନ୍ଧ୍ୟା ସମୟରେ ସ୍ୱାମୀ ସସ୍ମିତ କରଙ୍କ ସହ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଖଇରା ସାତବାଟିଆ ଠାରେ ନିର୍ମୀତ ଏକ ବଡ ହମ୍ପସ୍‌ରେ ବାଇକ ଚକାଟି ପିଟି ହୋଇଥିଲା । ଫଳରେ ବନ୍ଦନା ଛିଟିକି ତଳେ ପଡ଼ିଯାଇଥିଲେ । ତାଙ୍କ ମୁଣ୍ଡ ପଛପଟ ଜୋରରେ ଆଘାତ ଲାଗିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଜଗତପୁର ସ୍ଥିତ ସଦ୍‌ଗୁରୁ ହସ୍ପିଟାଲ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରେ ଅବସ୍ଥା ଗୁରୁତର ଥିବାରୁ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଅଶ୍ୱିନୀ ହସ୍ପିଟାଲ ଯିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ସୋମବାର ତାଙ୍କ ଗଣ୍ଡରପୁର ସ୍ଥିତ ମହାନଦୀ ବ୍ୟାରେଜ ଡିଭିଜନ ଅଫିସ କାର୍ଯ୍ୟାଳୟ ପରିସରକୁ ଅଣାଯାଇଥିଲା । ସେଠାରେ ସମସ୍ତ କର୍ମଚାରୀ ତାଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ମରଶରୀରରେ ପୁଷ୍ପ ମାଲ୍ୟ ଅର୍ପଣ କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ ।

### ବିଜେଡିରୁ ତଡା ଖାଇଥିବା ନେତା ଏବେ ବିଜେପିର ପୋଷ୍ଟର ବୟ : ବିଜେଡି

## ପ୍ରଶାନ୍ତ ଜଗଦ୍ଦେବ ଓ ପ୍ରଦୀପ ପାଣିଗ୍ରାହୀ ଏବେ ବିଜେପିର ଆଶାବାଡି

ଭୁବନେଶ୍ୱର(ସବ୍ୟୁ) : ଅପରାଧିକ କାର୍ଯ୍ୟକଳାପ ପାଇଁ ବିଜେଡିରୁ ବିତାଡିତ ହୋଇଥିବା ପ୍ରଶାନ୍ତ ଜଗଦେବଙ୍କ ଭଳି ନେତା, ନିଜ ନିର୍ବାଚନ ମଣ୍ଡଳୀ ଲୋକଙ୍କୁ ଠକି ବିଦା ହୋଇଥିବା ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ନେତା ଏବେ ଓଡିଶା ବିଜେପିର ପୋଷ୍ଟର ବୟ ସାଜିଥିବା କହିଛନ୍ତି ବିଜେଡି ମୁଖପାତ୍ର ସ୍ୱୟଂ ପ୍ରକାଶ ମହାପାତ୍ର ।

ଶ୍ରୀ ମହାପାତ୍ର କହିଛନ୍ତି ଯେ, ପ୍ରଶାନ୍ତ ଜଗଦେବ ଯିଏ କି ଓଡିଶା ବିଜେପି କର୍ମୀଙ୍କ ଉପରେ ଗାଡି ଚଢାଇ ଜେଲ୍ ଯାଇଥିଲେ । ସେ ଏବେ ବିଜେପିର ତଥାକଥିତ ତୁଙ୍ଗ ନେତାଙ୍କ ମାର୍ଗଦର୍ଶକ ସାଜିଛନ୍ତି। ନିଜ କର୍ମୀଙ୍କୁ ଓଡିଶା ବିଜେପି ନେତାମାନେ କିଭଳି ମୁହଁ ଦେଖାଇ ପାରୁଛନ୍ତି ? ଖୋର୍ଦ୍ଧାରେ ସାମ୍ବାଦିକଙ୍କୁ ଆକ୍ରମଣ କରିବା, ମଦ୍ୟପାନ କରି ପୋଲିସ ଅଧିକାରୀଙ୍କୁ ଧମକାଇବା ଭଳି କାର୍ଯ୍ୟରେ ଏବେ ବି ଲିପ୍ତ ଅଛନ୍ତି ପ୍ରଶାନ୍ତ ଜଗଦେବ। ଏଭଳି କାମ ପାଇଁ ତାଙ୍କୁ କଣ ଓଡିଶା ବିଜେପି ଲାଇସେନ୍‌ସ ଦେଇଦେଇଛି କି ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି।

ସେହିଭଳି ପ୍ରଦୀପ ପାଣିଗ୍ରାହୀ ଯିଏ କି ନିଜ ଅଞ୍ଚଳର ଗରିବ ଯୁବକଙ୍କ ଠାରୁ ଚାକିରୀ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକି ଜେଲ୍ ଯାଇଥିଲେ, ବର୍ତ୍ତମାନ ସେ ଅଫିସରଙ୍କୁ ଡରାଇବା, ଧମକାଇବା ଏବଂ ମହିଳାଙ୍କୁ ଅପମାନିତ କରିଚାଲିଛନ୍ତି। ଏଭଳି କାର୍ଯ୍ୟକୁ ପ୍ରଶ୍ରୟ ଦେଇ ଚାଲିଛି ଓଡିଶା ବିଜେପି। ଉଭୟ ପ୍ରଦୀପ ପାଣିଗ୍ରାହୀ ଏବଂ ପ୍ରଶାନ୍ତ ଜଗଦେବ ସରକାରୀ ଅଧିକାରୀଙ୍କୁ ଡରାଇ ଧମକାଇବା ସହିତ ଆଶାକର୍ମୀ, ମିଶନ ଶକ୍ତି ମା'ଙ୍କୁ ନାଲିଆଖି ଦେଖାଇ ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି। ଯାହା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଏହାର ଅନେକ୍ ନଜିର୍ ସମସ୍ତଙ୍କ ସାମ୍ନାରେ ରହିଛି। ସବୁ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ତଥା ଜେଲ ଫେରନ୍ତା ଏଭଳି ନେତା ଏବେ ଓଡିଶା ବିଜେପି ପାଇଁ ଆଶାବାଡି ସାଜିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ବିଜେଡି ସଂକଳ୍ପ ଯାତ୍ରାରେ ସାମିଲ ହେଲା ୫ହଜାରରୁ ଉର୍ଦ୍ଧ୍ୱ ବାଇକ

ଖଇରା,(ସବ୍ୟୁ) :ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ଲକ୍ଷ୍ୟରେ ତାଙ୍କୁ ସମର୍ଥନ ଜଣାଇ ସୋମବାର ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀଙ୍କର ଏକ ବିଶାଳ ବାଇକ ରାଲି ଓ କର୍ମୀ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ୫ହଜାରରୁ ଉର୍ଦ୍ଧ କର୍ମୀଙ୍କର ଏକ ବିଶାଳ ବାଇକ ରାଲି ମାର୍କୋଣା ସ୍ଥିତ ପର୍ଶୁରାମ ସ୍ମୃତି ପୀଠରୁ ବାହାରି ଖଇରା ଦୁର୍ଗାମଣ୍ଡପସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା । ପରେ ଦୁର୍ଗାମଣ୍ଡପ ଠାରେ ଆୟୋଜିତ ବିଶାଳ କର୍ମୀସମାବେଶରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ଗଦାଧର ଜେନା ଅଧ୍ୟକ୍ଷତା କରିଥିଲେ । ଏଥିରେ ସିମୁଳିଆ ବ୍ଲକ ବିଜେଡି ସଭାପତି ଗୌରାଙ୍ଗ ପାଢୀ,ଖଇରା ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି ପ୍ରମୁଖ ବକ୍ତବ୍ୟରେ ନବୀନ ବାବୁଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଓ ଜ୍ୟୋତି ପାଣିଗ୍ରାହୀଙ୍କୁ ୩ୟଥର ବିଧାୟକ ଭାବେ ଦେଖିବା ଏହି ସଂକଳ୍ପ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ଏଥର ଓଡିଶାରେ ଡବଲ ଇଂଜିନ ନୁହେଁ ଯୋଡା ଶଙ୍ଖର ଧ୍ୱନି ଶୁଣିବାକୁ ମିଳିବ । ଏଣୁ ନବୀନ ବାବୁଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ସମସ୍ତେ ସଂକଳ୍ପ ନେବା ଦରକାର ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନାରୀ ନେତ୍ରୀ ସରୋଜିନୀ ମହାପାତ୍ର,ଜିଲ୍ଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ରଶ୍ମିତା ମହାପାତ୍ର ଓ ଜୟନ୍ତୀ ପାଢୀ,ସଭ୍ୟ ମାନସ କୁମାର ଦାଶ,ଉମାକାନ୍ତ ମହାରଣାଙ୍କ ସମେତ ୫୯ଟି ପଞ୍ଚାୟତ ର ଦଳୀୟ କାର୍ଯ୍ୟକର୍ତ୍ତା,ଲୋକପ୍ରତିନିଧି ମାନେ ଯୋଗ ଦେଇଥିଲେ । ବିଜୁ ମହିଳା ସଙ୍ଗଠନର ସଭାପତି ଜୟନ୍ତୀ ମହଲା ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଧାୟକଙ୍କ ମିଥ୍ୟା ସତ୍ୟପାଠ ମାମଲା

## ବିଧାୟକ ରାଜେନ୍ଦ୍ର ସାହୁଙ୍କ ନାଁରେ ପୁଣି ୱାନସିସି

ଖୋର୍ଦ୍ଧା (ସବ୍ୟୁ): ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ବିରୋଧରେ ପୁଣି ଥରେ ସୋମବାର ଖୋର୍ଦ୍ଧା ଏସଡିଜିଏମଙ୍କ କୋର୍ଟରେ ୱାନ ସିସି ମାମଲା(୪୭/୨୪) ରୁଜୁ ହୋଇଛି। ୨୦୦୯ ଓ ୨୦୧୪ ନିର୍ବାଚନ ସମୟରେ ରାଜେନ୍ଦ୍ର ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ ଆଣିଥିଲେ ସାମାଜିକ କର୍ମୀ ଉପେନ୍ଦ୍ର ରାଉତରାୟ । ଗତ ନଭେମ୍ବର ମାସରେ ଏସଡିଜିଏମଙ୍କ କୋର୍ଟରେ ଦାଖଲ କରିଥିବା ୱାନସିସି ମାମଲା ଖାରଜ ହେବା ପରେ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ସୋମବାର ପୁଣି ଫ୍ରେସ କେଶ ଦାଖଲ କରିଛନ୍ତି । ଫଳରେ ଏବେ ନିର୍ବାଚନ ଆଗକୁ ଥିବା ଓ ଟିକେଟ ବଂଟନ ଚାଲିଥିବାବେଳେ ଏହା ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଅଡୁଆରେ ପକାଇଛି । ଅଭିଯୋଗକାରୀ ଦର୍ଶାଇଛନ୍ତି ରାଜେନ୍ଦ୍ର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ୨୦୦୯ରେ ସ୍ୱାଧିନ ଏବଂ ୨୦୧୪ରେ ବିଜେଡିରୁ ଲଢି ବିଧାୟକ ରହିଥିଲେ । ୨୦୧୯ରେ ବେଗୁନିଆ ନିର୍ବାଚନ ମଣ୍ଡଳୀରୁ ବିଜେଡି ଦଳରୁ ବିଧାୟକ ଅଛନ୍ତି । ବିଧାୟକ ପାଇଁ ଲଢିବା ସମୟରେ ସେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ନିକଟରେ ମିଥ୍ୟା ଶପଥପାଠ କରିଥିଲେ ।ଆଫିଡେଭିଟରେ ସେ ଦର୍ଶାଇଥିବା ଶିକ୍ଷାଗତ ଯୋଗ୍ୟତା, ବ୍ୟାଙ୍କ ଋଣ, ଆଧାର କାର୍ଡ, ପ୍ୟାନ କାର୍ଡ ଏବଂ ତାଙ୍କ ବିରୁଦ୍ଧରେ ରହିଥିବା କେଶ ସମ୍ପର୍କରେ ମିଥ୍ୟା ରିପୋର୍ଟ ପ୍ରଦାନ କରିଛନ୍ତି । ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀର ଦୁଇଦୁଇ ଥରର ବିଧାୟକ ଏବଂ ବର୍ତ୍ତମାନ ବେଗୁନିଆ ବୋଲଗଡ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ଭାବେ ଶ୍ରୀ ସାହୁ ରହିଛନ୍ତି । ଖୋର୍ଦ୍ଧା ଡାଙ୍ଗର ସାହିର ଉପେନ୍ଦ୍ର କୁମାର ରାଉତରାୟ ବିଧାୟକଙ୍କ ୨୦୦୯ ନିର୍ବାଚନ ସତ୍ୟପାଠ ଦାଖଲ ବେଳେ ଜାଲ ସାର୍ଟିଫେକେଟ ଦେଇଥିବା ସଂକ୍ରାନ୍ତରେ ଆଜି ଖୋର୍ଦ୍ଧା ଏସଡିଜେଏମଙ୍କ କୋର୍ଟରେ ଭାରତୀୟ ପିଙ୍ଗଳ କୋର୍ଡ ୪୨୦, ୪୧୯, ୪୭୧, ୪୬୯, ୪୬୬, ୪୬୭, ୪୬୮, ୪୭୦, ୧୭୭ ଦଫାରେ ଅଭିଯୋଗକାରୀ ଗତ କିଛି ଦିନ ପୂର୍ବେ ଏହି ମକଦ୍ଦମା ରୁଜୁ କରିଥିଲେ । କିନ୍ତୁ ସଠିକ ସମୟରେ କୌଣସି ନଥିପତ୍ର ଦାଖଲ କରିପାରିନଥିବାରୁ ଓ ଦରଖାସ୍ତକାରୀଙ୍କ ଆଇନିଜିବୀ ସମୟ ମାଗିଥିବାବେଳେ କୋର୍ଟ ତାହା ଖାରଜ କରିଦେଇଥିଲେ । ଫଳରେ ଦରଖାସ୍ତକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ହାଇକୋର୍ଟରେ ଅପିଲ କରିଥିଲେ । ହାଇକୋର୍ଟ ଏହି ମକଦ୍ଦମା ଉପରେ ଶୁଣାନୀ କରି ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଉପେନ୍ଦ୍ର କୁମାର ରାଉତରାୟ ଆଜି ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଏକ ୱାନସିସି ମକଦ୍ଦମା ଦାଖଲ କରିଛନ୍ତି । ଯାହାର କେଶ ନଂ୪୭/୨୦୨୪ । ରାଜେନ୍ଦ୍ର ବିଜେଡି ଆସନରୁ ପୁଣି ଥରେ ବେଗୁନିଆ ବୋଲଗଡ ବଦଳରେ ଖୋର୍ଦ୍ଧା ବିଧାନସଭା ଟିକେଟ ପାଇଁ ଅଡି ବସିଥିବାବେଳେ ଦଳ କି ପ୍ରକାର ପଦକ୍ଷେପ ନେବ ତାହା ଉପରେ ସମସ୍ତଙ୍କ ନିଜର । ଏହି ମକଦ୍ଦମାରେ ସାକ୍ଷୀ ଭାବେ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳ ଖୋର୍ଦ୍ଧା ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ, ଭୁବନେଶ୍ୱର ଜୋନାଲ କାର୍ଯ୍ୟାଳୟ ବୋର୍ଡ ଅଫ ସେକେଣ୍ଡରୀ କାର୍ଯ୍ୟାଳୟ ସହକାରୀ ସମ୍ପାଦକ ତଥା ପିଆଇଓ, ଆହ୍ଲାବାଦ ବ୍ୟାଙ୍କ ଶାଖା ପରିଚାଳକ, ଖଣ୍ଡପଡା ପଠାଣି ସାମନ୍ତ କଲେଜ ଅଧକ୍ଷ ପ୍ରମୁଖ ସାକ୍ଷୀ ଭାବେ ଦରଖାସ୍ତରେ ଉଲେଖିତ ରହିଛି । ଦରଖାସ୍ତକାରୀ ଉପେନ୍ଦ୍ର ପୂର୍ବରୁ କରିଥିବା ୱାନସିସି କେଶ ଯାହାକୁ କି ଏସଡିଜେଏମ ଖାରଜ କରିଦେଇଥିଲେ ତାର ନମ୍ବର ଥିଲା ୱାନସିସି–୧୧୭/୨୩। ପ୍ରଥମ ମକଦ୍ଦମା ଖାରଜ ହେବରୁ ଦରକାସ୍ତକାରୀ ନିମ୍ନ ଅଦାଲତଙ୍କ ଅର୍ଡରକୁ ଚାଲେଞ୍ଜ କରି ହଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଯାହାର କେଶ ନଂ– ସିଆରଏଲଏମସି–୬୫୩/ ୨୦୨୪ ରହିଛି।

### ବିଜେଡି ଛାଡି ବିଜେପିରେ ମିଶିଲେ ୨୬ ପରିବାର

ନିମାପଡା,(ସବ୍ୟୁ) : ସୋମବାର ସଂଧ୍ୟାରେ ବିଜେପି ଦଳୀୟ କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ନିମାପଡା ବ୍ଲକ ରେଙ୍ଗ ପଂଚାୟତ କାଜିପୁର ଓ ବିଶ୍ୱାଳସାହିରୁ ୨୬ ବିଜେଡି ପରିବାର ଦଳ ଛାଡି ଆନୁଷ୍ଠାନିକ ଭାବେ ବିଜେପି ଦଳରେ ଯୋଗଦାନ କରିଛନ୍ତି । ରେଙ୍ଗ ପଂଚାୟତ ବିଜେପି ଯୁବ ନେତା ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଉକ୍ତ ପଂଚାୟତ କାଜିପୁର ଓ ବିଶ୍ୱାଳ ସାହିରୁ ସୁଶାନ୍ତ ବିଶ୍ୱାଳ,ସୁରେଶ ବିଶ୍ୱାଳ,ଅଭିନାଶ ବିଶ୍ୱାଳ,ରାମଚନ୍ଦ୍ର ବିଶ୍ୱାଳ,ଉମେଶ ବିଶ୍ୱାଳ,ସ୍ୱାଧିନ ପଣ୍ଡା,ରଂଜିତ ଦାସ,ପ୍ରିୟବ୍ରତ ଦାସ,ମାନସ କାଣ୍ଡି,ବିକାଶ ବିଶ୍ୱାଳ ପ୍ରମୁଖ ୨୬ ପରିବାର ବିଜେଡି ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି । ବିଜେପି ପ୍ରାର୍ଥିନୀ ପ୍ରଭାତୀ ପରିଡା ନୂତନ ଭାବେ ଦଳରେ ଯୋଗ ଦେଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ନୂତନ କର୍ମୀଙ୍କ ଯୋଗଦାନ ଦ୍ୱାରା ରେଂଚ ପଂଚାୟତରେ ଦଳର ସଂଗଠନ ଅଧିକ ମଜବୁତ ହେଲା ବୋଲି ଯୁବ ନେତା ଶ୍ରୀ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି । ଆୟୋଜିତ ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ଓଝା,ସରପଂଚ ଦେବାଶି ଆଚାର୍ଯ୍ୟ,ନିର୍ବାଚନ ମଣ୍ଡଳୀ ପ୍ରଭାରୀ ରତିକାନ୍ତ ବେହେରା,ମହେନ୍ଦ୍ର ବିଶ୍ୱାଳ ଜଗିନ୍ଦ୍ର ସ୍ୱାଇଁ,ସନ୍ତୋଷ ପରିଡା,ସୁଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତଥିଲେ ।

### ବାରବାଟୀ– କଟକ ବିଜୁ ଯୁବ– ଛାତ୍ର ଜନତାର ନିର୍ବାଚନୀ ପ୍ରସ୍ତୁତି

## ପ୍ରକାଶ ଓ ସଂତୃପ୍ତଙ୍କ ପାଇଁ ଭିଡିଲେ ଅଣ୍ଟା

କଟକ (ସବ୍ୟୁ): ବାରବାଟୀ କଟକ ବିଧାନସଭା କ୍ଷେତ୍ରରେ ବିଜୁ ଜନତା ଦଳ ପାଇଁ ଏକ ନିର୍ବାଚନୀ ମାହୋଲ ସୃଷ୍ଟି ହୋଇଛି । ଦଳ ପକ୍ଷରୁ ମହତାବ ମୈଦାନରେ ପ୍ରଚାର ଆରମ୍ଭ କରିଥିଲାବେଳେ କଂଗ୍ରେସ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଇପାରି ନାହିଁ । ସବୁଠାରୁ ବଡକଥା ହେଲା ନିର୍ବାଚନ କଟକ ନକରି ନିଜ ପ୍ରଚାରକୁ ଯୋରଦାର କରିଛନ୍ତି । ତେବେ ବାରବାଟୀ କଟକରେ ବିଜେପି ଓ କଂଗ୍ରେସ ଦଳ ପ୍ରାର୍ଥୀ ଖୋଜି ପାଉନଥିବାରୁ ବିଜେଡି ଦଳକୁ



ବିଧାନସଭା ପାଇଁ ପ୍ରକାଶ ଚନ୍ଦ୍ର ବେହେରା ପାର୍ଥୀ ଓ ସାଂସଦୀୟ କ୍ଷେତ୍ର ପାଇଁ ସଂତୃପ୍ତ ମିଶ୍ର ଲଢୁଛନ୍ତି ।ତେବେ ମୁଖ୍ୟ ପ୍ରତିଦ୍ୱନ୍ଦୀ ଦଳ ବିଜେପି ର ସାଂସଦ ପ୍ରାର୍ଥୀ ଭାବେ ଭାବେ ପୂର୍ବତନ ସାଂସଦ ଭର୍ତ୍ତୃହରି ଲୋକସଭାକ୍ଷେତ୍ର ପାଇଁ ମେ ୨୫ ତାରିଖକୁ ଧାର୍ଯ୍ୟ ହୋଇଥିଲା ବେଳେ ହାତରେ ମାତ୍ର ୪୦ ଦିନ ରହିଲା।ଯଦିଓ ଏହି ଅବଧି ପ୍ରଚାର ପାଇଁ ପ୍ରାର୍ଥୀ ମାନଙ୍କୁ ଯଥେଷ୍ଟ ନୁହେଁ ତଥାପି ପ୍ରାର୍ଥୀ ମାନେ ଟାଣଖରାକୁ ଖାତର ଏହା ସୁହାଇଛି । ଏପରିକି ନଜ ଭିତରେ ଥିବା ମନାନ୍ତର ମତାନ୍ତରକୁ ସମାଧାନ କରିବାର ସୁଯୋଗ ପାଇଛନ୍ତି ।ଏହି ପରିପ୍ରେକ୍ଷୀରେ ଆଜି ବିଜୁ ଯୁବ– ଛାତ୍ର ଜନତା ଦଳ ପକ୍ଷରୁ ଏକ ସମ୍ମୀଳନୀ ହୋଟେଲ ଦ୍ୱାରିକାରେ ଆୟୋଜନ କରାଯାଇଥିଲା । ସଭାପତି ବାଙ୍କୀର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ସଂାସଦ ଦେବାଶିଷ ସାମନ୍ତରାୟ, ଆଇନଜିବୀ ସାମ୍ମୁଖ୍ୟର ଅଧକ୍ଷ ମିଲନ କାନୁନଗୋ,ମଧୁ ସାହୁ ,ଶୋଭନ ମହାନ୍ତି,ଆସିଫ ଅମିନ,ରଞ୍ଜନ ବିଶ୍ୱାଳ,ସନ୍ତୋଷ ମହାପାତ୍ର,ସୋମ୍ୟଦୀପ ଘୋଷ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ବାରବାଟୀ କଟକରୁ ବିପୁଳ ଭୋଟ ବ୍ୟବଧାନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଜିତାଇବାକୁ ଶପଥ ନେବାକୁ ଯୁବ–ଛାତ୍ର ମାନଙ୍କୁ ନିବେଦନ କରିଥିଲେ ।ଦଳୀୟ ପ୍ରାର୍ଥୀ ପ୍ରକାଶ ବେହେରା ଏଥିରେ ଯୋଗଦେଇ କଟକର ବିକାଶ ଆମ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ, କଟକର ଟେକ ପାଇଁ ମୁଁ ଆପଣ ମାନଙ୍କ ସହ ସବୁବେଳେ ସଂଗ୍ରାମ କରିବି ବୋଲି କହିଥିଲେ ।

## ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀମଣ୍ଡଳର ରଜତ ଜୟନ୍ତୀ ସମାରୋହ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ୟୁନିଟ୍–୩ସ୍ଥିତ ବୁଦ୍ଧ ମନ୍ଦିରରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠାନର ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଡାକ୍ତର ଅଶୋକ କୁମାର ମହାପାତ୍ର, ମୁଖ୍ୟ ଅତିଥି, ମନୋଜ କୁମାର ମହାପାତ୍ର, ମୁଖ୍ୟବକ୍ତା ଓ ଗଦାଧର ପରିଡ଼ା ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀମଣ୍ଡଳ ଯେପରି ବିନା ସରକାରୀ ଅନୁଦାନରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଶିକ୍ଷା ନିମନ୍ତେ ୬୦ରୁ ଉର୍ଦ୍ଧ୍ୱ ଚାଟଶାଳୀ ଚଳାଇବା ସଙ୍ଗେ ସଙ୍ଗେ ଭାଗବତ ଟୁଙ୍ଗୀ ସ୍ଥାପନ ଓ ବିଭିନ୍ନ ଓଡ଼ିଆ ପୁସ୍ତକ ବନ ଇତ୍ୟାଦି ବହୁବିଧ କାର୍ଯ୍ୟକ୍ରମ ଚଳାଇଛି, ସେଥିରେ ସମସ୍ତ ଓଡ଼ିଆ ଉଦ୍‌ବୁଦ୍ଧ ହୋଇ ଯୋଗ ଦେବାକୁ ଆହ୍ୱାନ କରିଥିଲେ । ସଂପାଦକ ରାମ ନାରାୟଣ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ସାଧାରଣ ସଂପାଦକ ପର୍ଶୁରାମ ଦ୍ୱିବେଦୀ



ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ବିଦ୍ୟାଳୟ ମାନଙ୍କରେ କିପରି ଶିକ୍ଷକର ଅଭାବ, ପାଠ୍ୟପୁସ୍ତକର ଅଭାବ ପ୍ରଭୃତି ଦୁରବସ୍ଥା ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ମୈତ୍ରୀ–ସଂପର୍କର ସେତୁ''ର ରଜତ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା । ଝାଡ଼ଖଣ୍ଡର ଗୁହିୟାପାଳ ନିବାସୀ ଓଡ଼ିଆ ପ୍ରାଣ ବେଣୁଧର ପଣ୍ଡାଙ୍କୁ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଉତ୍ସର୍ଗୀକୃତ ଉଦ୍ୟମ ନିମନ୍ତେ ନ୍ୟାସୀମଣ୍ଡଳ ପକ୍ଷରୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ବିଚ୍ଛିନ୍ନାଞ୍ଚଳରୁ ଆମନ୍ତ୍ରିତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଂସ୍କୃତି ସଂପାଦକ ରମାକାନ୍ତ ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ବିରଜା ପ୍ରସାଦ ଶତପଥୀ ଆଗାମି କାର୍ଯ୍ୟପନ୍ଥା ସଂପର୍କରେ ସୂଚନା ଦେଇଥିଲେ ଓ କୈଳାସ ଚନ୍ଦ୍ର ରଥ ଧନ୍ୟବାଦଅର୍ପଣ କରିଥିଲେ । କାର୍ଯ୍ୟକ୍ରମଟିକୁ ଡକ୍ଟର ଆରତି କର ସଂଯୋଜନା କରିଥିଲେ । ଉତ୍ସବର ପ୍ରାରମ୍ଭରେ ଶ୍ରୀମତୀ ବିମଳା ସିଂ, ଭଜକୃଷ୍ଣ ମହାନ୍ତି ଓ ଶ୍ରୀ ଗୋଲୋକ ବିହାରୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶତାଧିକ କବି ଯୋଗଦାନ କରି ଓଡ଼ିଆ ନବବର୍ଷକୁ ସ୍ୱାଗତ ଜଣାଇବା ସହ ଉପସ୍ଥିତ ସମସ୍ତଙ୍କ ମନରେ ଓଡ଼ିଆ ପ୍ରୀତି ଭରି ଦେଇଥିଲେ । ଶ୍ରୀମତୀ ଅମିତାପ୍ରଭା ସ୍ୱାଇଁ ବେଦମନ୍ତ୍ର ପାଠ କରିଥିଲେ ଓ ସମବେତ କଣ୍ଠରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା ।

### ବିଷୁବ ମିଳନ

ଭଦ୍ରକ, (ସବ୍ୟୁ):ଦେବଭୂମି ଗବସାହି ଭଦ୍ରକ ଦୁର୍ଗାମଣ୍ଡପରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ୨୪ତମ ବିଷୁବ ମିଳନ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନ କବିତା ପାଠୋତ୍ସବ ହୋଇଥିଲା। ସଭାପତି ଅବନୀ ପ୍ରଧାନ ଅତିଥି ମମତା ସାହୁ, ନାଟ୍ୟଶ୍ରୀ ନିର୍ମଳ ରାଉତ ସଂଯୋଜନାରେ କବି ମାନସ କୁମାର ପଣ୍ଡା, କବି ସରୋଜିନୀ ନାୟକ ଯୋଗଦେଇଥିଲେ। ଅର୍ଦ୍ଧ ଶତାଧିକ କବିତା ପାଠ କରାଯାଇଥିଲା। ବୀଣାପାଣୀ ତ୍ରିପାଠୀ, ଶଶାଙ୍କ ପଣ୍ଡା, ରମେଶ ସ୍ୱାଇଁ, ସୁରଞ୍ଜନ ମିଶ୍ର, ରମେଶ ଦାସ, ବିପ୍ଳବ ହୋତା, ମାନସ ପଣ୍ଡା, ଅନାଦି ପାଣିଗ୍ରାହୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ସାଧାରଣ ସଭା ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ସଭାପତି ଗୋପାଳ କୃଷ୍ଣ ଦାଶ, ମୁଖ୍ୟ ଅତିଥି ପୂର୍ବତନ ସଂପାଦକ ସମ୍ବାଦର ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ତାପସି ପ୍ରହରାଜ ମୁଖବକ୍ତା ରାମଚନ୍ଦ୍ର ପଣ୍ଡା ସମ୍ମାନିତ ବକ୍ତା ନିହାର ରଞ୍ଜନ କର ଯୋଗଦେଇଥିଲେ। ଏଥର ସମ୍ମାନଜନକ ବିଷୁବ ସମ୍ମାନ କବି ହରମୋହନ କୁଅଁର ଓ କବୟିତ୍ରୀ ଗୀତାରାଣୀ ଆଇଚଙ୍କୁ ପ୍ରଦାନ କରାଯାଇଥିଲା।

## ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ଏକ ମାସ ବ୍ୟାପୀ ଜଳସେବାର ଶୁଭାରମ୍ଭ



ଭୁବନେଶ୍ୱର, (ସବ୍ୟୁ) : ସ୍ୱେଚ୍ଛାସେବୀ ସଙ୍ଗଠନ ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ପାଳନ ଅବସରରେ ସ୍ଥାନୀୟ ଜିଜିପି କଲୋନୀ ଲକ୍ଷ୍ମୀନାରାୟଣ ମନ୍ଦିର ସମ୍ମୁଖରେ ଏକ ଜଳସେବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି ଜଳସେବା କାର୍ଯ୍ୟକ୍ରମ ପଣା ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ମାସେ ବ୍ୟାପି ଚାଲିବ । ଏହି ଦହିପଣା ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିଭାବେ ୧୮ନଂ ୱାର୍ଡ କର୍ପୋରେଟର ବିପ୍ଳବ କୁମାର ବେହେରା, ୧୯ନଂ ୱାର୍ଡ କର୍ପୋରେଟର ସ୍ମୃତିରେଖା ବରିସାଲ୍, ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ସମାଜସେବୀ ସଞ୍ଜୟ ପରିଡା ପ୍ରମୁଖ ଯୋଗଦେଇ ଅଭିକ୍ଷା ଟ୍ରଷ୍ଟର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଟ୍ରଷ୍ଟର ପ୍ରତିଷ୍ଠାତା ମାନସୀ ଶତପଥୀ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ । ଏହି ପଣା ବଣ୍ଟନ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ପଥଚାରୀମାନଙ୍କୁ ପଣା ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ ଏହି ଜଳସେବା କାର୍ଯ୍ୟକ୍ରମଟି ୨୦୧୦ ମସିହା ଠାରୁ ପ୍ରତ୍ୟେକବର୍ଷ ଏହିପଣା ସଂକ୍ରାନ୍ତିରେଆରମ୍ଭ ହୋଇ ମାସେ ବ୍ୟାପି ଚାଲିଥାଏ ।

### ଦେବଗଡରେ ମେରୁ ଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ମେରୁଯାତ୍ରା ଆମ ଲୋକପରମ୍ପରାରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦେବଗଡ଼ ଜିଲ୍ଲା ଆଁଉଳୀ ଠାରେ ମା' ଭଦ୍ରକାଳୀ ମେରୁ ଯାତ୍ରା ପର୍ବରେ ସାମିଲ ହେବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେବଗଡରେ ମା' ଭଦ୍ରକାଳୀ ମେରୁଯାତ୍ରାରେ ସାମିଲ ହେବା ମୋ ପାଇଁ ପରମ ସୌଭାଗ୍ୟ । ଶିବ ଓ ଶକ୍ତି ଉପାସନାର ପର୍ବ ମେରୁ ଯାତ୍ରା । ମେରୁ ଯାତ୍ରା ଆମ ଲୋକପରମ୍ପରାରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଏହି ଅବସରରେ ପୁରାତନ ବନ୍ଧୁ ମାନଙ୍କୁ ଭେଟି ମନ ଆନନ୍ଦ ହେଲା । ଦେବଗଡରେ ପ୍ରତିଷ୍ଠିତ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏ ଅଞ୍ଚଳର ବୌଦ୍ଧିକ କ୍ଷମତାର ପରିଚୟ ଦେଉଛି ବୋଲି କହିଥିଲେ । ଶ୍ରୀ ପ୍ରଧାନ ଆଁଉଳୀ ଠାରେ ମା' ଭଦ୍ରକାଳୀ, ଡଙ୍ଗାଘାଟ ରିଆମାଳ ସ୍ଥିତ କାଳୀ ମନ୍ଦିରରେ ଦର୍ଶନ କରିବା ସହ ବିଶ୍ୱରେ ଶାନ୍ତି, ସଦିଚ୍ଛା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଢିବା ନେଇ କାମନା କରିଥିଲେ । ସେହିପରି ଦେବଗଡ଼ ରିଆମାଳ ଦଲକ ଝରଣ ଠାରେ ବାବା ସ୍ୱର୍ଗତ ପ୍ରଭାକର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଦ୍ୱିତୀୟ ଯୋରନ୍ଦାଧାମ ଅଲେଖ ମହିମା ପୀଠ ଦର୍ଶନ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ ମହିମା ଧର୍ମର ପରମ୍ପରା ସମାଜରେ ଭାତୃଭାବକୁ ସୁଦୃଢ଼ କରିବା ସହ ଶୂନ୍ୟ ଭଗବାନଙ୍କ ନିକଟରେ ଶରଣ ପଶିବାର ଦୁର୍ମୂଲ୍ୟ ବିଚାର ସମାଜକୁ ଦେଉଛି । ଏହି ପରମ୍ପରା ସମାଜକୁ ସର୍ବୋପରି ମାର୍ଗଦର୍ଶନ ଦେଉ । ଦେବଗଡ଼ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ।

### କେନ୍ଦ୍ରମନ୍ତ୍ରୀ ଭାବେ ଧର୍ମେନ୍ଦ୍ରଙ୍କ ବିଫଳତା ସମସ୍ତେ ଜାଣିଛନ୍ତି : ବିଜେଡି

# ନିଜ ଗାଁରେ ସ୍ମାର୍ଟ କ୍ଲାସରୁମଟିଏ ନିର୍ମାଣ କରିପାରିନାହାନ୍ତି

**ଧର୍ମେନ୍ଦ୍ରଙ୍କ ଗାଁରେ ପଞ୍ଚାୟତ ନିର୍ବାଚନ ହାରିଥିଲା ବିଜେପି**
**ଜାତୀୟ ରାଜପଥ ପ୍ରସଙ୍ଗ ଉଠାଇଲେ ନିରବ ରହୁଛନ୍ତି**

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଫଳତାକୁ ସମସ୍ତେ ଜାଣିଛନ୍ତି । ଢେଙ୍କାନାଳ, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାରେ ସେ ଗୋଟିଏ ବି ଜାତୀୟ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରିନାହାନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସୋସିଆଲ ମିଡିଆ ପୋଷ୍ଟ ଉପରେ ଗଣମାଧ୍ୟମରେ ମତ ରଖି ଏହା କହିଛନ୍ତି ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର । ଡକ୍ଟର ପାତ୍ର କହିଛନ୍ତି ଯେ ଢେଙ୍କାନାଳ ଓ ସମ୍ବଲପୁରବାସୀ ବାରମ୍ବାର ୫୫ ନମ୍ବର ଜାତୀୟ ରାଜପଥ ପ୍ରସଙ୍ଗ ଉଠାଇବା ସହିତ ଏହି ସଡକର ଅବସ୍ଥା ଅତ୍ୟନ୍ତ ବିପଜ୍ଜନକ ଥିବାରୁ କିଭଳି ଶହ ଶହ ମୂଲ୍ୟବାନ ଜୀବନ ଯାଉଛନ୍ତି, ତାହା ଦର୍ଶାଇ ଆସୁଛନ୍ତି । ହେଲେ ସେ ବାରମ୍ବାର ଏହି ସମସ୍ୟାର ସମାଧାନ କରିବାକୁ କିମ୍ବା ଏହି ପ୍ରସଙ୍ଗରେ କହିବାକୁ ମନା କରିଦିଅନ୍ତି । ଏବେ ସେ ସମ୍ବଲପୁରରୁ ନିର୍ବାଚନ ଲଢୁଥିବା ବେଳେ ଏଭଳି ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରକୁ କିଭଳି ସାମ୍ନା କରିବେ ସେ ନେଇ ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଢେଙ୍କାନାଳ, ସମ୍ବଲପୁର, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାରେ ଗୋଟିଏ ବି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିନାହାନ୍ତି । ଏପରିକି ନିଜ ଗାଁରେ ଗୋଟିଏ ବି ସ୍ମାର୍ଟ କ୍ଲାସ୍ ରୁମ୍ ନିର୍ମାଣ କରିପାରିନାହାନ୍ତି । ସେଥିପାଇଁ ତାଙ୍କ ନିଜ ଗାଁରେ ପଞ୍ଚାୟତ ନିର୍ବାଚନରେ ବିଜେପି ପରାଜିତ ହୋଇଥିଲା । ଅପରପକ୍ଷରେ ବିଜେଡି ସରକାର ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ମାଧ୍ୟମରେ ହାଇସ୍କୁଲ ଶିକ୍ଷାକୁ ୫-ଟି କାର୍ଯ୍ୟକ୍ରମ ମାଧ୍ୟମରେ ରୂପାନ୍ତରଣ କରିଛନ୍ତି । ସେ ସବୁ ରୂପାନ୍ତରଣ ତାଙ୍କୁ ଦେଖାଯାଉ ନାହିଁ । ୫-ଟି ଅଭିଯାନ ରେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ମିଶନ' ଅଧୀନରେ ଓଡ଼ିଶାକୁ 'ଆୱାର୍ଡ ଅଫ୍ ଏକ୍ସଲେନ୍ସ' ପୁରସ୍କାର ପ୍ରଦାନ କରାଯାଇଥିବାରୁ ଶ୍ରୀ ପ୍ରଧାନ ପ୍ରକୃତରେ ଦୁଃଖିତ ବୋଲି ଡ. ପାତ୍ର କହିଛନ୍ତି ।

## ୩ କେଜି ଗଞ୍ଜେଇ, ୪୦ ହଜାର ଟଙ୍କା ଜବତ : ବେପାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ): ଖଣ୍ଡଗିରି ଥାନା ପୋଲିସ୍ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତା' ନିକଟରୁ ୩ କେଜି ଗଞ୍ଜେଇ ୪୦ ହଜାର ୧୦୦ ଟଙ୍କା ଓ ବେପାରରେ ବ୍ୟବହାର ହେଉଥିବା ଇଲେକ୍ଟ୍ରି ସ୍କୁଟର ଜବତ କରିଛି ।

ଗଞ୍ଜେଇ କାରବାର ସମ୍ପର୍କରେ ଖଣ୍ଡଗିରି ଥାନା ପୋଲିସ ସୂଚନା ପାଇବା ପରେ ଏମ୍ସ ହସ୍ପିଟାଲ ନିକଟରେ ଚଢ଼ାଉ କରିଥିଲା । ସେଠୁ ସର୍ବେଶ୍ୱର ସେଠୀ (୫୭)କୁ କାବୁ କରିବା ପରେ ଯାଞ୍ଚ କରିବା ବେଳେ ତା'ନିକଟରୁ ୩ କେଜି ଗଞ୍ଜେଇ ୪୦ ହଜାର ୧୦୦ ଟଙ୍କା ମିଳିଥିଲା । ସର୍ବେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥନଗରରେ ରହି ସେହି ସବୁ ଅଞ୍ଚଳରେ ଗଞ୍ଜେଇ କାରବାର କରେ ବୋଲି ପୋଲିସରେ କହିଛି । ସୋମବାର ସର୍ବେଶ୍ୱରଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଷ୍ଟେଟ ବ୍ୟାଙ୍କ ରେ ଡଃ ଆମ୍ବେଦକର ଜୟନ୍ତୀ ପାଳନ ଓ ସ୍କୁଲକୁ ସହାୟତା ପ୍ରଦାନ




ଭୁବନେଶ୍ୱର (ସବ୍ୟୁ): ଆମ ସମ୍ବିଧାନର ପ୍ରଣେତା ଓ ଭାରତରତ୍ନ ଡଃ ଭୀମ ରାଓ ଆମ୍ବେଦକରଙ୍କ ୧୩୩ତମ ଜନ୍ମ ବାର୍ଷିକୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ପରିଷଦ ତରଫରୁ, ଭୁବନେଶ୍ୱର ସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ଆୟୋଜିତ ହୋଇଯାଇଛି । ଉକ୍ତ ସଭାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଉଦ୍‌ଘାଟନ କରିଥିଲେ ଓ ଷ୍ଟେଟ ବ୍ୟାଙ୍କ ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ କଲ୍ୟାଣ ନିମିତ୍ତ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଷ୍ଟେଟ ବ୍ୟାଙ୍କ ତରଫରୁ , କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ପୂର୍ବକ, ଚୁନୁକୋଳି , ମୁଣ୍ଡାସାହି ଓ ବାରମାନା (ଚନ୍ଦକା) ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍କୁଲ ବ୍ୟାଗ , ବେଞ୍ଚ ଓ ଡେସ୍କ, ଛାତ ପଙ୍ଖା ତଥା ଜଳ ବିଶୋଧକ ସହାୟତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ପୋନ୍ନମବଲମ , ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ , ଭୁବନେଶ୍ୱର ଅଞ୍ଚଳ ଉପ-ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ଭୁବନେଶ୍ୱର ମୁଖ୍ୟ ଶାଖା ଉପ-ମହାପ୍ରବନ୍ଧକ ସସ୍ମିତା ସାହୁଙ୍କ ସମେତ ବହୁ ଅଧିକାରୀ ତଥା ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଗଣେଶ ଚନ୍ଦ୍ର ମିଶ୍ର ,ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ପରିଷଦର ସଭାପତି ସୌରଭ ଦାସ ଓ ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାଏକ ଓ ଅନ୍ୟ କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ ।

## ସାବିତ୍ରୀ ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଧାମନଗର,(ସବ୍ୟୁ):ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ଇଛଦା ଗ୍ରାମର ଦରଦୀ,ମିଷ୍ଟଭାଷୀ ଶତାୟୁ ମହିଳା ସ୍ୱର୍ଗତ ସାବିତ୍ରୀ ଦାଶଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିଚାରଣ ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସାମ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଇଂରାଜୀ ବିଭାଗ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ.ବିଷ୍ଣୁ ଚରଣ ଦାଶ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଯୋଗଦେଇ ସ୍ୱର୍ଗତା ସାବିତ୍ରୀ ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ସାମ୍ବାଦିକ ସୁଧାକର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଏସୟୁଜେର ରାଜ୍ୟ ଉପସଭାପତି ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ମୁଖ୍ୟଅତିଥି, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତା ଦାଶଙ୍କ ସୁଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

## ସୋଆ ଆଇଏଏସ୍ ରେ ବାର୍ଷିକ ଉତ୍ସବ 'ଅର୍ଣ୍ଣ-୨୦୨୪'

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସସ୍ (ଆଇଏଏସ୍)ରେ ବାର୍ଷିକ



ଉତ୍ସବ 'ଅର୍ଣ୍ଣ-୨୦୨୪' ଆୟୋଜିତ ହୋଇଯାଇଛି। ଗତ ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ଆୟୋଜିତ ଏହି ବାର୍ଷିକ ଉତ୍ସବ ରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ର ପ୍ରାକ୍ତନ କୁଳପତି ପ୍ରଫେସର ମନୋରଂଜନ କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡିଶାର କୃଷିଭିତିକ ଅର୍ଥନୀତି ଓ ଆଧୁନିକ କୃଷି ବିଜ୍ଞାନ ର ଅଗ୍ରଗତି ରେ ଛାତ୍ରଛାତ୍ରମାନଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ସୋଆରେ କୃଷି ଶିକ୍ଷା ବ୍ୟବସ୍ଥା ର ଅଭିନବ ପଦକ୍ଷେପ ବିଷୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୋଆ ର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଯୋଗଦେଇଥିଲେ। କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଇଏଏସ୍ ର ପ୍ରଫେସର ବିଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ କ୍ରୀଡା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଓଲିଉଡର ଖ୍ୟାତିନାମା କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତୀ ଓ ସ୍ୱୟମ୍ ପ୍ରଭାସ ପାଢୀ ଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋଜ୍ଞସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ମନୋଜ ଦାସ ବିଜେଡି ଆଇନଜୀବୀ ସଂଘର ଆବାହକ

 କଟକ, (ସ୍ୱପ୍ର): ଆଡଭୋକେଟ୍ ମନୋଜ କୁମାର ଦାସଙ୍କୁ ବିଜେଡି ଆଇନଜୀବୀ ସଂଘର ଆବାହକ ରୂପେ ନିଯୁକ୍ତି ଦିଆଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଆଇନଜୀବୀ ଶ୍ରୀ ଦାସଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ଶ୍ରୀ ଦାସ ଦୀର୍ଘ ଦିନ ଧରି ଚୌଦ୍ୱାର-କଟକ ଅଞ୍ଚଳରେ ଆଇନଜୀବୀ ମାନଙ୍କୁ ସଙ୍ଗଠିତ କରି ବିଜେଡିକୁ ସୁଦୃଢ଼ କରିବାରେ ସହାୟ ହୋଇଛନ୍ତି । ଶ୍ରୀ ଦାସ ପୂର୍ବାଞ୍ଚଳ ଆଇନଜୀବୀ ସଂଘର ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟକରି ଆସୁଛନ୍ତି । ତାଙ୍କର ଏହି ନିଯୁକ୍ତି ଚୌଦ୍ୱାର-କଟକ ଅଞ୍ଚଳରେ ବିଜେଡି ଶକ୍ତି ବୃଦ୍ଧିରେ ସହାୟ ହେବ। ଏହି ନିଯୁକ୍ତି ମିଳିବା ପରେ ଶ୍ରୀ ଦାସ ମୁଖ୍ୟମନ୍ତ୍ରୀ ନବୀନ



ପଟ୍ଟନାୟକ, ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି । ସେ ତାଙ୍କ ପ୍ରତିକ୍ରିୟାରେ ଦଳକୁ ସୁଦୃଢ଼ କରିବା ସହିତ ଚୌଦ୍ୱାର-କଟକରେ ବିଜେଡିକୁ ଶକ୍ତିଶାଳି କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## ନୂତନ ରୂପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍ ଲୋକାର୍ପିତ

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ୱେବ୍‌ସାଇଟ୍ ନୂତନ ରୂପରେ ଲୋକାର୍ପିତ ହୋଇଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ନୂତନ ରୂପ ପାଇଥିବା ଏହି ୱେବ୍‌ସାଇଟ୍‌କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମାଉସ୍ ସ୍ୱିଚ୍ ଟିପି କମ୍ପୁଟରରେ ଲୋକାର୍ପଣ କରିଥିଲେ । ceoodisha.nic.in ଓଡ଼ିଶା ଲିଙ୍କରେ ଏହି ୱେବ୍‌ସାଇଟ୍‌ଟି ଉପଲବ୍ଧ ହେଉଛି । ନୂତନ ରୂପରେ ଏହି ୱେବ୍‌ସାଇଟ୍ 'ମୁକ୍ତ, ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ' ଲକ୍ଷ୍ୟରେ ଆଉ ଏକ ମାଇଲଖୁଣ୍ଟ ହେବା ସହ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଜନସାଧାରଣଙ୍କଠାରେ ପହଞ୍ଚାଇବାରେ ବିଶେଷ ସହାୟକ ହେବ ବୋଲି ଲୋକାର୍ପଣ ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ମତ ରଖିଥିଲେ । ନୂତନ ରୂପାୟନ ପରେ ସିଇଓ ଓଡ଼ିଶା ୱେବ୍‌ସାଇଟ୍ ଏକ ଜନାଭିମୁଖୀ ରୂପରେ ଉପଲବ୍ଧ ହୋଇଛି। ଏହାର ପ୍ରାରମ୍ଭିକ ପୃଷ୍ଠାରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା, ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ସଂପର୍କିତ ତଥ୍ୟ, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବାର୍ତ୍ତା ରହିଛି । ଫେସ୍‌ବୁକ୍, ଏକ୍ସ, ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍ ଆଦି ଭଳି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସାମାଜିକ ଗଣମାଧ୍ୟମ ପୃଷ୍ଠାର ଲିଙ୍କ୍ ମଧ୍ୟ ଏଠାରେ ରହିଛି । ଏହି ମୁଖ୍ୟ ପୃଷ୍ଠାରେ ନିର୍ବାଚନ ସଂପର୍କିତ ହେଲ୍‌ପ୍‌ଲାଇନ୍-୧୯୫୦ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମୋବାଇଲ୍ ଆପ୍ ଓ ପୋର୍ଟାଲର ମଧ୍ୟ ଲିଙ୍କ୍ ରହିଛି । ମୁଖ୍ୟ ପୃଷ୍ଠାରେ ଥିବା ଇଲେକ୍ସନ୍ ମାଇକ୍ରୋସାଇଟ୍‌ରେ କ୍ଲିକ୍ କରି ଭାରତ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌କୁ ବ୍ୟବହାରକାରୀ ଯାଇପାରିବେ ।

ୱେବ୍‌ସାଇଟ୍‌ରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସଂପର୍କିତ ସମସ୍ତ ତଥ୍ୟ ଉପଲବ୍ଧ ରହିଛି । ଏହା ସହ ଭୋଟରମାନଙ୍କ ସଂପର୍କିତ ସମସ୍ତ ତଥ୍ୟ ଯେପରି ଭୋଟର ତାଲିକା, ଅନ୍‌ଲାଇନ୍ ଆବେଦନ, ଭୋଟର ତାଲିକାରେ ନାମ ଖୋଜିବା, ବୁଥ୍ ତାଲିକା, ଲୋକସଭା ଓ ବିଧାନସଭା କ୍ଷେତ୍ର ମ୍ୟାପ୍ ଆଦି ଦିଆଯାଇଛି । ଅନ୍ୟ ବଟନ୍‌ଗୁଡ଼ିକରେ ଆଦର୍ଶ ଆଚରଣ ବିଧି, ଇଭିଏମ୍-ଭିଭିପାଟ୍, ପୂର୍ବ ନିର୍ବାଚନଗୁଡ଼ିକର ଫଳାଫଳ, ମତଦାନ ହାର, ରାଜନୈତିକ ଦଳ, ପ୍ରାର୍ଥୀଙ୍କ ବିଭିନ୍ନ ଫର୍ମ, ଗାଇଡ୍‌ଲାଇନ୍ ଆଦି ବିଷୟରେ ସବିଶେଷ ତଥ୍ୟ ଦିଆଯାଇଛି। ଭାରତ ନିର୍ବାଚନ କମିଶନ ନିର୍ବାଚନ ସଂପର୍କିତ ସମସ୍ତ ତଥ୍ୟ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରାଇବା ନିର୍ବାଚନ ସୁପରିଚାଳନାର ଏକ ପ୍ରମୁଖ ଦିଗ ବୋଲି ଶ୍ରୀ ଧଳ କହିଛନ୍ତି । ସେହି କ୍ରମରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍‌ର ଏହି ନୂତନ ରୂପାୟନ ଏକ ମାଇଲଖୁଣ୍ଟ । ଏଠାରେ ସମସ୍ତ ତଥ୍ୟ ଉଚିତ ସମୟରେ ଉପଲବ୍ଧ ରହିବ । ଏହା ରାଜ୍ୟରେ ମତଦାନ ପ୍ରକ୍ରିୟାକୁ ସୁଦୂରପ୍ରସାରୀ କରିପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ମତପ୍ରକାଶ କରିଥିଲେ । ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଲା ନାୟକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି ଓ ଅନ୍ୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏଆଇସିସି ପର୍ଯ୍ୟବେକ୍ଷକଙ୍କ ସାଂଗଠନିକ ବୈଠକ

ବାଲେଶ୍ୱର,(ସବ୍ୟୁ) :ସୋମବାର ଦିନ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି ଦ୍ୱାରା ମନୋନୀତ ବାଲେଶ୍ୱର ଲୋକସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ଅଭୟ ଚହଲ ଯୋଗଦେଇ ନେତା ଓ କର୍ମୀଙ୍କୁ କିପରି ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କୁ ବିଜୟ କରିବା ସହ ଜିଲ୍ଲାର ସମସ୍ତ କଂଗ୍ରେସ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟ କରାଯିବ ସେ ନେଇ ଆଲୋଚନା କରିଥିଲେ । ଜିଲ୍ଲା ସଭାପତି ସଂଜୀବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଂଗଠନିକ ବୈଠକରେ ରେମୁଣା ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା,ଭୋଗରାଇ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ପୁଷ୍ପଗୁଚ୍ଛ ସହ କଂଗ୍ରେସର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଭାପତି ଶ୍ରୀ ଗିରି ତାଙ୍କ ବକ୍ତବ୍ୟରେ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କୁ ଜଣେ ଟାଣୁଆ ନେତା ବୋଲି ମତବ୍ୟକ୍ତ କରିବା ସହ ଶ୍ରୀ ଜେନା କେନ୍ଦ୍ରମନ୍ତ୍ରୀ ଥିବା ବେଳେ ବାଲେଶ୍ୱର ପାଇଁ ଯେତିକି କାର୍ଯ୍ୟ କରିଯାଇଛନ୍ତି ତାହା ବାଲେଶ୍ୱର ବାସୀ ଭୁଲି ପାରିବେ ନାହିଁ ବୋଲି କହିଥିଲେ । ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ, ଚିତ୍ତରଂଜନ ଷଡ଼ଙ୍ଗୀ, ପିସିସି ମୁଖପାତ୍ର ସୁଦର୍ଶନ ଦାସ, ପଦ୍ମଲୋଚନ ଲେଙ୍କା ମଂଚାସୀନ ହୋଇ ନିଜେ ନିଜେ ବକ୍ତବ୍ୟ ରଖିଥିଲେ । ଶେଷରେ ଜିଲ୍ଲା ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିକାଶ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ଲେଙ୍କା, ଜ୍ୟୋତ୍ସ୍ନା ସେନାପତି, ପ୍ରଜ୍ଞାପରମିତା ମହାନ୍ତି, ରଂଜନ ଦାସ, ଗୌତମ ସାହୁ, ଜୟନ୍ତ ମହାପାତ୍ର, ସତ୍ୟସୁନ୍ଦର ଦାସ, ଅଜଗର ଅଲ୍ଲୀ, ସୁଧାଂଶୁ ଜେନା, ତରୁଣ ଦାସ, ମଧୁସୂଦନ ମହାପାତ୍ର, ରାଜୀବ ଲୋଚନ ପରିଡ଼ା, କୁମୁଦିନୀ ଦାସ, ମଞ୍ଜୁଲତା ବେହେରା ପ୍ରମୁଖ ଦଳୀୟ ନେତା ଓ ନେତ୍ରୀମାନେ ଉପସ୍ଥିତ ଥିଲେ ।

## ବିଜେପିରେ ମିଶିଲେ ଜ୍ୟୋତି, ସରୋଜ, ନେହା, ରଶ୍ମିତା




ଭୁବନେଶ୍ୱର (ସବ୍ୟୁ): ବିଜେଡିରେ ଗଣତାନ୍ତ୍ରୀକ ବ୍ୟବସ୍ଥା ଧ୍ୱସ୍ତ ହୋଇଯାଇଛି । ଗଣତନ୍ତ୍ର ନୁହେଁ ଜଣତନ୍ତ୍ର ଭିତିରେ ପରିଚାଳିତ ବିଜୁ ଜନତା ଦଳ । ମହିଳା, ଶିଶୁ, ଯୁବକ, ଚାଷିକୁଳ, ଛାତ୍ରଛାତ୍ରୀମାନଙ୍କୁ ଅଣଦେଖା କରାଯିବା କାରଣରୁ ରାଜ୍ୟ ବିକାଶରେ ଠପ୍ ପଡିଯାଇଛି । ରାଜ୍ୟର ସାମୁହିକ ବିକାଶ ପାଇଁ ମୋଦି ଗ୍ୟାରେଂଟିର ଆବଶ୍ୟକତା ରହିଛି ବୋଲି ବିଜେଡି ଇସ୍ତାହାର କମିଟି ସଦସ୍ୟା ତଥା ବରିଷ୍ଠ ଉପସଭାପତି ତଥା ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଜ୍ୟୋତି ପାଣିଗ୍ରାହୀ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀମତୀ ଜ୍ୟୋତି ପାଣିଗ୍ରାହି ଏବଂ ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ତଥା ବଲାଙ୍ଗୀରର ବରିଷ୍ଠ ଆଇନଜୀବି ସରୋଜ କୁମାର ପାଣିଗ୍ରାହୀ ବିଜେପିରେ ଯୋଗଦାନ କରିଛନ୍ତି । ସେହିପରି ବିଜେଡି ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ନୂଆପଡା ଜିଲ୍ଲା ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା ଆଜି ନିଜ ଶତାଧିକ ସମର୍ଥକଙ୍କ ଗହଣରେ ବିଜେଡି ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି । ପୁରୀ ବିଧାନସଭାମଣ୍ଡଳୀରେ ବିଜେଡି ବରିଷ୍ଠ ନେତା ତଥା ଆଇନଜୀବୀ ପ୍ରସନ୍ନ ମିଶ୍ର ନିଜ ଶତାଧିକ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗ ଦେଇଛନ୍ତି । ଭୁବନେଶ୍ୱରର ମହିଳା ଉଦ୍ୟୋଗୀ ଶ୍ରୀମତୀ ନେହା ପାଣିଗ୍ରାହୀ ଓ ରଶ୍ମିତା ଦାସ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ବସନ୍ତ ପଣ୍ଡା, ବିଧାୟକ ଜୟନ୍ତ ଷଡଙ୍ଗୀ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ ।

## ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ନୂତନ ଭାବେ ନିଯୁକ୍ତି ପାଇଥିବା ଓଡ଼ିଶା ପ୍ରଭାରୀ ତଥା ଅଖିଳ ଭାରତୀୟ ଛାତ୍ର କଂଗ୍ରେସର ସାଧାରଣ ସଂପାଦକ ଚୁନୁ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ବୈଠକରେ ରାଜ୍ୟ ଛାତ୍ର କଂଗ୍ରେସର କର୍ମକର୍ତାମାନେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଭୁବନେଶ୍ୱର ଓଡ଼ିଶା ଛାତ୍ର କଂଗ୍ରେସ ପ୍ରଭାରୀ ଏହି ବୈଠକରେ ଛାତ୍ର କଂଗ୍ରେସର ଚଳିତ ବର୍ଷ ନିର୍ବାଚନରେ ଭୂମିକା ଉପରେ ଆଲୋଚନା କରିଥିଲେ। ସେ ତାଙ୍କ ମନ୍ତବ୍ୟରେ କହିଥିଲେ ଯେ ଏହି ନିର୍ବାଚନ ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ଅଟେ। ଦୀର୍ଘ ୨୫ ବର୍ଷର ନବୀନ ସରକାର ଏବଂ ୧୦ ବର୍ଷର ମୋଦୀ ସରକାରରେ ଓଡ଼ିଶାବାସୀ ଅତିଷ୍ଠ ହୋଇପଡ଼ିଛନ୍ତି । ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି । ଶିକ୍ଷା କ୍ଷେତ୍ରରେ ଏବଂ ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଏହି ସରକାର ସମୟରେ ବହୁ ଅବହେଳିତ । ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ନୱାଜ ତାଙ୍କ ବକ୍ତବ୍ୟରେ କହିଥିଲେ ଛାତ୍ର ହିଁ ଆଣିବେ ପରିବର୍ତନ । ଆଜିର ଏହି ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ରାଜ୍ୟ ଛାତ୍ର କଂଗ୍ରେସର ଉପସଭାପତି ରିତ ସେନାପତି, ଶାନ୍ତିଲତା ବେହେରା, ନିରଞ୍ଜନ ନାୟକ, ଆଦିତ୍ୟ ପ୍ରିତମ ଦାସ, ଓଡ଼ିଶା ଛାତ୍ର କଂଗ୍ରେସ କମିଟିର ଜିଲ୍ଲା ସଭାପତିମାନେ ଯୋଗଦେଇଥିଲେ।

## ସାର୍ଥାରେ ବିଜେପିର ଲାଭାର୍ଥୀ ସମ୍ପର୍କ ଅଭିଯାନ

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ସଦର ବିଧାନସଭାରେ ନିର୍ବାଚନୀ ଉଷ୍ମତା ଧୀରେ ଧୀରେ ବଢିବାରେ ଲାଗିଛି। ପ୍ରଚାର ମଇଦାନରେ ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି ବାଲେଶ୍ୱର ଲୋକସଭାର ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବାଲେଶ୍ୱର ସଦର ବିଧାନସଭାର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ। ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ସଦର ବିଧାନସଭା ଅନ୍ତର୍ଗତ ସାର୍ଥା ପଞ୍ଚାୟତର ବାଲିସାହି ଓ ଓଡିଶାଳ ଠାରେ ଲାଭାର୍ଥୀ ସମ୍ପର୍କ ଅଭିଯାନରେ ଦୁଇ ପ୍ରାର୍ଥୀ ସାମିଲ ହୋଇଥିଲେ। ଏହି ଅଭିଯାନରେ ଘରକୁ ଘର ଯାଇ ଲାଭାର୍ଥୀଙ୍କୁ ଭେଟି ମୋଦି ଗ୍ୟାରେଣ୍ଟି ପତ୍ରିକା ପ୍ରଦାନ କରିଥିଲେ। ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ପାଖରେ ସମସ୍ତ ମୌଳିକ ସୁବିଧା ସହ ଅତ୍ୟାବଶ୍ୟକ ସେବା ପହଞ୍ଚାଇବା ଆଜି ମୋଦି ସରକାରଙ୍କ ଗ୍ୟାରେଣ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଜଳ ଜୀବନ ମିଶନରେ ପ୍ରତି ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଜନଧନରେ ଟଙ୍କା, ଲକ୍ଷପତି ଦିଦି ଭଳି ଅନେକ ଯୋଜନା ଆମର ଲାଭାର୍ଥୀ ଭାଇ ଭଉଣୀ ମାନଙ୍କୁ ସଶକ୍ତ କରିବା ସହ ଆତ୍ମନିର୍ଭର କରୁଛି। ଲାଭାର୍ଥୀ ସମ୍ପର୍କ ଅଭିଯାନ ଚାଲିଥିବା ବେଳେ ମୋଦି ସରକାରଙ୍କ କାର୍ଯ୍ୟକୁ ନେଇ ସାଧାରଣ ଲୋକଙ୍କ ଭିତରେ ବେଶ ଉତ୍ସାହ ଦେଖାଦେଇଥିଲା। ଜନସାଧାରଣଙ୍କ ସ୍ନେହ, ଉତ୍ସାହ ଦେଖି ସ୍ପଷ୍ଟ ବାରି ହୋଇ ପଡୁଥିଲା ଯେ ଆଗାମୀ ଦିନରେ ବାଲେଶ୍ୱରରେ ଉଭୟ ବିଧାୟକ ଓ ସାଂସଦ ବିଜୟୀ ହେବା ସହ ଓଡିଶାରେ ଡବଲ ଇଞ୍ଜିନ ସରକାର ହେବାକୁ ଯାଉଛି। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ବିଜୟ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ପଞ୍ଚାୟତ ସଭାପତି ଅରବିନ୍ଦ ଜେନା, ମଣ୍ଡଳ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ମନ୍ତ୍ରୀ ଓ ଖାଡେଶ୍ୱର ସେଠୀ, ବେଣୁଧର ବେହେରା, ନିଶ୍ଚିନ୍ତ ବେହେରା, ହରିହର ବାରିକ, ବ୍ରଜମୋହନ ସାହୁ, ଦିଲ୍ଲୀପ ମହାନ୍ତି, ହରିଶ୍ଚନ୍ଦ୍ର ପ୍ରଧାନ, ଚିତ୍ତରଂଜନ ଦାସ, ବିଜୟ ଜେନା, ସତ୍ୟରଂଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସିଂହାସନୀରେ ପୂଜାର୍ଚ୍ଚନା କରି ବିଜେପିର ପ୍ରଚାର ଆରମ୍ଭ

ପୋଲସରା, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଦୁଇଟି ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀନୀ ଅନିତା ପ୍ରିୟଦର୍ଶିନୀ ଏବଂ ପୋଲସରା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ରବିବାର ଦିନ ପଣା ସଂକ୍ରାନ୍ତି ଅବସରରେ ସିଂହାସନୀଙ୍କ ପୀଠରେ ପୂଜାର୍ଚ୍ଚନା କରି ମାଆଙ୍କ ଆଶୀର୍ବାଦ ନେଇ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀରେ ଗଞ୍ଜାମ ଜିଲ୍ଲାର ୭ଟି ବିଧାନସଭା କ୍ଷେତ୍ର ରହିଛି। ସେଥିମଧ୍ୟରୁ ଖଲ୍ଲିକୋଟ, କବିସୂର୍ଯ୍ୟନଗର,ପୋଲସରା,ଆସ୍କା, ଶେରଗଡ଼ ଓ ହିଞ୍ଜିଳି ଅଛି। ନିର୍ବାଚନ ପ୍ରଚାର ପାଇଁ ସାଂସଦ ପ୍ରାର୍ଥୀନୀ ଅନିତା ପ୍ରିୟଦର୍ଶିନୀ ପ୍ରଥମ କରି ଏଠାରୁ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପରେ ଅନ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟାୟ କ୍ରମେ ପ୍ରଚାରକୁ ଜୋରଦାର କରି ନିର୍ବାଚନ ଜିତିବା ପାଇଁ ରଣକୌଶଳ ପ୍ରସ୍ତୁତ କରିଛନ୍ତି। ମୋଦୀଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମକୁ ନେଇ ଅବ୍ କି ବାର୍ ୪୦୦ ପାର୍ ଲୋକଙ୍କ ନିକଟରେ ପହଞ୍ଚାଇବା। କେନ୍ଦ୍ରରେ ଏବଂ ରାଜ୍ୟରେ ଡବଲ ଇଞ୍ଜିନ ସରକାର ନିଶ୍ଚିତ ହେବା ନେଇ ଉପସ୍ଥିତ କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଚଳିତ ନିର୍ବାଚନରେ ବିଜେପି ରାଜ୍ୟ ଓ କେନ୍ଦ୍ରରେ ନିଶ୍ଚିତ ସରକାର କରିବ ବୋଲି ଉପସ୍ଥିତ କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ । ଚଳିତ ନିର୍ବାଚନରେ ପୋଲସରା ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡା ଟକ୍କର ହେଉଥିବା ଯୋଗୁଁ କର୍ମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଥିବାର ଦେଖାଯାଇଥିଲା । ଆଜିର ଏହି ନିର୍ବାଚନ ପ୍ରଚାର ଶୁଭାରମ୍ଭରେ ବିଭିନ୍ନ ପଞ୍ଚାୟତରୁ ୫୦୦ ରୁ ଉର୍ଦ୍ଧ୍ୱ ସକ୍ରିୟ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଘୁମୁସର ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା, ଘୁମୁସର ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ସୁଶ୍ରୀ ଆରତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବାଧ ଓ ନିରପେକ୍ଷ ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ବୈଠକ



ଛତ୍ରପୁର, (ସବ୍ୟୁ): ଗଂଜାମ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଗଂଜାମ ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଅବାଧ ଓ ନିରପ୍ରେକ୍ଷ ନିର୍ବାଚନ ନେଇ ଜୋରଦାର ପ୍ରସ୍ତୁତି ଜାରି ରହିଛି। ଆସନ୍ତା ମେ ୧୩ ରେ ବ୍ରହ୍ମପୁର ସଂସଦୀୟ ଓ ମେ ୨୦ରେ ଆସିକା ସଂସଦୀୟ କ୍ଷେତ୍ର ପାଇଁ ନିର୍ବାଚନ ହେବ । ମେ ୧୩ରେ ହେବାକୁ ଥିବା ନିର୍ବାଚନ ଚଳିତ ମାସ ୧୮ ରୁ ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପ୍ରକ୍ରିୟା ହେବ । କିପରି ପ୍ରାର୍ଥୀମାନେ କେଉଁ ସ୍ଥାନରେ ପ୍ରାର୍ଥୀପତ୍ର ଦାଖଲ କରିବେ କଣ ସବୁ ନିୟମ ରହିଛି ସେ ନେଇ ସୋମବାର ଗଂଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧୀ ମାନେ ଉପସ୍ଥିତ ଥିଲେ । ମେ ୨୦ରେ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରାର୍ଥୀ ପତ୍ର ଅପ୍ରେଲ ୨୬ ରୁ ମେ ୩ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ଚାଲିବ । ଯେଉଁ ପ୍ରାର୍ଥୀ ନିଜର ନାମାଙ୍କନ ଦାଖଲ ସମୟରେ ସେ ଯେଉଁ ନିର୍ବାଚନ ମଣ୍ଡଳୀ ପାଇଁ ଦାଖଲ କରିବା ସମୟରେ ସେ ଯଦି ସ୍ୱାଧିନ ପ୍ରାର୍ଥୀ ଭାବେ ଆବେଦନ କରିବେ ସେହି ନିର୍ବାଚନ ମଣ୍ଡଳୀର ୧୦ଜଣ ପ୍ରସ୍ତାବକ ରହିବ । ସେହିପରି ରାଜ୍ୟ ଦଳ ଓ ରାଷ୍ଟ୍ରୀୟ ଦଳ ଜଣେ ଲେଖାଏଁ ପ୍ରସ୍ତାବକ ରହିବାକୁ ପଡିବ। ପ୍ରାର୍ଥୀ ସମସ୍ତ ତଥ୍ୟ ପ୍ରଦାନ କରିବା ସହ ତାଙ୍କ ନାମରେ କୌଣସି ଅପରାଧିକ ମାମଲା ନାହିଁ ଯଦି ଅଛି ତେବେ ସେ ଅତିକମରେ ତିନିଥର ବିଭିନ୍ନ ଗଣମାଧମରେ ପ୍ରକାଶିତ କରିବାକୁ ପଡିବ। ଏହା ସହିତ ପ୍ରାର୍ଥୀ ମାନଙ୍କ ନାମାଙ୍କନ ଠାରୁ ଆରମ୍ଭ କରି ମତଦାନ, ଗଣତି ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ବିସ୍ତୃତ ଭାବେ ଜିଲ୍ଲାପାଳ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ । ନିର୍ବାଚାନ ଆଚରଣ ବିଧି ସମ୍ପର୍କରେ ମଧ୍ୟ କୁହାଯାଇଛି। ଜିଲ୍ଲାରେ ୧୩ଟି ବିଧାନସଭା କ୍ଷେତ୍ର ପାଇଁ ୩୦୭୭ଟି ବୁଥ ରହିଥିବା ବେଳେ ଚଳିତ ବର୍ଷ ୧୦ଟି ଅତିରିକ୍ତ ମତଦାନ କେନ୍ଦ୍ର ବୃଦ୍ଧି କରାଯାଇଛି । ଗୋପାଳପୁରରେ ୩ଟି, ବ୍ରହ୍ମପୁରରେ ୨, ହିଞ୍ଜିଳିରେ ୪ଟି ଓ କବିସୂର୍ଯ୍ୟନଗରରେ ଗୋଟିଏ ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ୬୦ପ୍ରତିଶତ ତଥା ୧୮ଶହ ମତଦାନ କେନ୍ଦ୍ର ୱେବ କାଷ୍ଟିଙ୍ଗ କରାଯିବ ବୋଲି ଗଂଜାମ ଜିଲ୍ଲାପାଳ କହିଥିଲେ। ଆସନ୍ତା ଦିନରେ ପ୍ରଶାସନିକ ସ୍ତରରେ କଡାକଡି ଯାଞ୍ଚ ପକ୍ରିୟା କରାଯିବା ସେମାନେ ଯେକୌଣସି ସ୍ଥାନରେ ରାଲ୍ଲି କିମ୍ବା ସଭା ସମିତି କରିବେ ସେମାନେ ପ୍ରଶାସନ ପକ୍ଷରୁ ଅନୁମତି ନେବା ଆବଶ୍ୟକ। ଚଳିତ ବର୍ଷେ ଆସିକା ସଂସଦୀୟ କ୍ଷେତ୍ରର ବାଲଟ ପେପର ଭୋଟ ଗଣତି ଜିଲାପାଳ କାର୍ଯ୍ୟାଳୟ ନିକଟରେ ଥିବା କୋଠା ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ବାଲଟ ପେପର ଗଣତି ବ୍ରହ୍ମପୁର ୟୁସିପି ଇଂଜିନିର ସ୍କୁଲରେ ଗଣତି କରାଯିବ ବୋଲି କୁହାଯାଇଛି । ଗତଥର ଅପେକ୍ଷା ଚଳିତ ବର୍ଷ ତିନିଗୁଣ ବାଲଟ ପେପର ମତଦାନ ଆସିବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି । ଉକ୍ତ କୋଠରୀରେ ସିସିଟିଭି ବ୍ୟବସ୍ଥା ସହ ଭିଡିଓ ଗ୍ରାଫି ବ୍ୟବସ୍ଥା ରହିବ । ବିଭିନ୍ନ ରାଜନୈତିକ ଦଳର ଏଜେଂଟଙ୍କ ଉପସ୍ଥିତିରେ କରାଯିବ, ୨୫ ଟେବୁଲ ପଡିବ ବୋଲି ଜିଲାପାଳ କହିଥିଲେ। ନିର୍ବାଚନର ୪ଦିନ ପୂର୍ବରୁ ହୋମ ଭୋଟିଙ୍ଗ ରହିଛି । ୮୫ ବର୍ଷରୁ ଉର୍ଦ୍ଧ ବୟସ୍କ ବ୍ୟକ୍ତି, ଶଯ୍ୟାଶାୟୀ ଓ ଶତପ୍ରତିଶତ ଭିନ୍ନକ୍ଷମ ପାଇଁ ଏହି ଘରକୁ ଯାଇ ମତଦାନ ଗ୍ରହଣ କରାଯିବ । ପ୍ରିଜାଇଡିଂ ଅଧିକାରୀ,ପୁଲିସ ଓ ରାଜନୈତିକ ଦଳର ଏଜେଂଟ ଉପସ୍ଥିତିରେ ବାଲଟ ପେପରରେ ମତ ଗ୍ରହଣ କରାଯାଇ ସିଲ ହେବ। ସେଠାରେ ମଧ ଭିଡିଓ ଗ୍ରାଫି ବ୍ୟବସ୍ଥା ରହିବ। କେଉଁ ଘରୁ କରାଯିବ ଏହା ପୂର୍ବରୁ ସୂଚନା ମଧ୍ୟ ପ୍ରଦାନ କରାଯିବ । ସମସ୍ତ ମତଦାନ କେନ୍ଦ୍ରରେ ହ୍ୱିଲ ଚେୟାର ର ବ୍ୟବସ୍ଥା ରହିବ । ସଧାରଣ ନିର୍ବାଚନକୁ ମୁକ୍ତ ଓ ଅବାଧ କରାଯିବା ସହ ସମସ୍ତ ନିୟମକୁ କଡାକଡି ପାଳନ କରାଯିବ । ୧୯୫୦ ଓ ସିଭିଜିଲ ଆପରେ ମଧ୍ୟ ଅଭିଯୋଗ ଦାଖଲ କରିପାରିବେ ବୋଲି କୁହାଯାଇଛି। ଗ୍ରୀଷ୍ମପ୍ରବାହ ଅଧିକ ଥିବାରୁ ଯେ କୌଣସି ରାଜନୈତିକ ଦଳ ରାଲ୍ଲି କରିବା ବେଳେ ଅଂଶୁଘାତ ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧୀମାନେ ଉପସ୍ଥିତ ଥିଲେ ।

# କଂଗ୍ରେସରୁ ଇସ୍ତଫା ଦେଲେ ଅଧ୍ୟାପକ ଗୋପବନ୍ଧୁ



ବାରିପଦା, (ସବ୍ୟୁ) : ମୋରଡା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଟିକେଟ ପ୍ରଦାନରେ ଓବିସିଙ୍କୁ ଅଣଦେଖା କରାଯାଇଥିବା ଯୋଗୁଁ ଅଧ୍ୟାପକ ଗୋପବନ୍ଧୁ ପାର୍ଟିରୁ ଇସ୍ତଫା ଦେଇଛନ୍ତି। ଏହି ଇସ୍ତଫା ପତ୍ରଟିକୁ କଂଗ୍ରେସ ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କୁ ସେ ପଠାଇଛନ୍ତି । ପାର୍ଟିର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଓ କେନ୍ଦ୍ର ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ସାମାଜିକ ନ୍ୟାୟ ପ୍ରତି ଅଙ୍ଗୀକାରବଦ୍ଧତା ଓ ବିଶେଷ କରି ଓବିସିଙ୍କୁ ନ୍ୟାୟ ପ୍ରଦାନ ପାଇଁ ସଦିଚ୍ଛାକୁ ଲକ୍ଷ୍ୟକରି ସେ କଂଗ୍ରେସରେ ସାମିଲ ହୋଇଥିଲେ। କିନ୍ତୁ ପାର୍ଟିର ଓଡିଶା ଶାଖା ଏହି ଆଦର୍ଶର ଓଲଟା କାମ କରୁଛି ବୋଲି ଗୋପବନ୍ଧୁ କହିଛନ୍ତି । ମୟୂରଭଞ୍ଜରେ ପାଖାପାଖି ୩୨ଶତକଡା ଓବିସି ଲୋକ ବସବାସ କରନ୍ତି। ଜିଲ୍ଲାର ଏକମାତ୍ର ଅଣସଂରକ୍ଷିତ ମୋରଡା ଆସନରେ ପାଖାପାଖି ଅର୍ଦ୍ଧେକ ଲୋକ ଓବିସି। ଓବିସିର କଥା କହୁଥିବା ପାର୍ଟି ଏଠାରୁ ଜଣେ ଓବିସିକୁ ପ୍ରାର୍ଥୀ ନକରିବା ଅତ୍ୟନ୍ତ କ୍ଷୋଭର ବିଷୟ। କେବଳ କଂଗ୍ରେସ ନୁହେଁ ଏଠାରେ ଅନ୍ୟାନ୍ୟ ରାଜନୈତିକ ଦଳମାନେ ମଧ୍ୟ ଓବିସିଙ୍କୁ ଅଣଦେଖା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ, ୧୦ ବାଇକ୍ ଜବତ



ଛତ୍ରପୁର, (ସବ୍ୟୁ): ଆଗାମୀ ସଧାରଣ ନିର୍ବାଚନକୁ ଦୃଷ୍ଟି ରଖି, ଏହାକୁ କିପରି ଭାବରେ ଶାନ୍ତି ଶୃଙ୍ଖଳା ସହିତ କରାଯିବ ଗଞ୍ଜାମ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟ କରାଯାଉଛି । ବିଭିନ୍ନ ଥାନା ଅଂଚଳରେ କଡା କଡ଼ି ଯାଞ୍ଚ କରାଯାଉଛି। ଚମାଖଣ୍ଡି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡି ଗୁଡ଼ିକୁ ଯାଞ୍ଚ କାର୍ଯ୍ୟ ଚାଲୁ ରହିଛି। ରବିବାର ରାତି ରେ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ୧୦ ଟି ବାଇକକୁ ଜବତ କରିଛି ପୋଲିସ। ସେଥି ମଧ୍ୟରୁ ମଦ୍ୟପାନ କରି ଗାଡି ଚଳାଉଥିବା ନେଇ ୬ଟି ବାଇକ ଜବତ ହୋଇଥିବା ବେଳେ ଗୋଟିଏ ବାଇକରେ ୩ଜଣ ବସିଥିବା ନେଇ ୪ଟି ବାଇକକୁ ଧରିଛି ପୋଲିସ ।

# ପିପୁଲ୍ଲି କଲେଜ ପ୍ରାଣୀ ବିଜ୍ଞାନ ପକ୍ଷରୁ ବିଦାୟ ଉତ୍ସବ




ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ପିପୁଲ୍ଲି କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଚାଳନା ସମିତି ସଭାପତି ରଜନୀ କାନ୍ତ ଭଞ୍ଜଙ୍କ ସମେତ ବିଭାଗୀୟ ମୁଖ୍ୟ ଅଧ୍ୟାପିକା କ୍ରିଷ୍ଣା କୁମାରୀ ବାର୍ଗେ ଓ ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ଶେଷ ବର୍ଷର ବିଦାୟୀ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଧ୍ୟୟନ କାଳର ସ୍ମୃତି ଓ ଅନୁଭୂତିକୁ ବ୍ୟକ୍ତ କରିଥିଲେ ଏବଂ ସେମାନଙ୍କୁ ବିଭାଗ ପକ୍ଷରୁ ଉପହାର ସାଙ୍ଗକୁ ସ୍ମୃତି ଫଳକ ପ୍ରଦାନ କରିଯାଇଥିଲା। ସେମିନାର ସହ-ସମ୍ପାଦିକା ସ୍ମୃତି ସୁଚରିତା ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରାରମ୍ଭରେ ଅଧ୍ୟାପିକା ପ୍ରତୀକ୍ଷା ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଛାତ୍ରୀ ଗିରିଜା ନନ୍ଦିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ପରିଚାଳନା କରିଥିବା ବେଳେ କର୍ମଚାରୀ ଯତନ କୁମାର ନାୟକ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

# ଢାବା ମାଲିକଙ୍କୁ ଛୁରୀ ଦେଖାଇ ଲୁଟ୍ ଘଟଣା, ୨ ଗିରଫ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ରାସ୍ତାର ପଙ୍କଳସାହି ଛକ ନିକଟରେ ଆଦିପୁର ଗ୍ରାମର କେଶବ ସ୍ୱାଇଁ କରିଥିବା ମା'କାଳୀ ଢ଼ାବାରେ ଛୁରୀ ଦେଖାଇ ଲୁଟ୍ ଘଟଣାରେ ପୋଲିସ ୨ ଜଣକୁ ଗିରଫ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବୁଗୁଡ଼ା ଥାନା ଶାଳବଣି ଗ୍ରାମର କେଶବ ପ୍ରଧାନ ଓ ଶାଳବଣିରେ ବାହା ହୋଇଥିବା ଓଡ଼ଗାଁ ଥାନା କୋମଣ୍ଡ ଗ୍ରାମର ଶ୍ରୀକାନ୍ତ ପ୍ରଧାନ । ପୋଲିସ ଶ୍ରୀକାନ୍ତଠାରୁ ନଗଦ ୫ ହଜାର ଏବଂ କେଶବଙ୍କ ଠାରୁ ୧୨୫୦ ଟଙ୍କା ସହ ଛୁରୀଟିଏ ଜବତ କରିଥିବା ନେଇ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ , ଗତ ୧୩ ତାରିଖ ମାଧାହ୍ନ ସମୟରେ ଅଭିଯୁକ୍ତ ଦ୍ୱୟ ଢ଼ାବା ମାଲିକ କେଶବ ସ୍ୱାଇଁଙ୍କୁ ଛୁରୀ ଦେଖାଇ ୧୧ ହଜାର ଟଙ୍କା ଲୁଟି ନେଇଥିଲେ । ଘଟଣା ପରେ ଅଭିଯୁକ୍ତ କେଶବ କୋରାପୁଟର ଜୟପୁରକୁ ଚାଲିଯାଇଥିଲା । ଏହି ଘଟଣା ଉପରେ ନଜର ରଖିଥିବା ବୁଗୁଡ଼ା ପୋଲିସ ଆଜି ଉଭୟଙ୍କୁ ଗିରଫ କରିବା ସହ କେସ୍ ନଂ ୨୭୪/୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

# ବାରହା ମାଂସ ଜବତ, ୭ ଶିକାରୀ ଗିରଫ



କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ବିରାଶାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଦରତୋଟା ନିକଟରୁ ଜନ୍ତୁ ମାଂସ ସହିତ ୭ଜଣ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଭଗ । ଗିରଫ ଅଭିଯୁକ୍ତ ମାନେ ବାଲିକୁମା ପଞ୍ଚାୟତ ଅନ୍ତର୍ଗତ ଦରତୋଟା ଗାଁର ସାଗର ମୁଣ୍ଡା ଏବଂ ସମୁ ମୁଣ୍ଡା । ସେହିପରି ବରଗଜି ଗାଁର ସନ୍ଦୀପ ସର୍ଦ୍ଦାର, ଜାଗର ସର୍ଦ୍ଦାର,ସୁନା ପୂର୍ତ୍ତି, ଲାଠୁର ମୁଣ୍ଡା ଏବଂ ଶାମ ସର୍ଦ୍ଦାରଛ ଅଭିଯୁକ୍ତ ଶିକାରୀ ମାନେ ବିରାଶାଳ ସଂରକ୍ଷିତ ଜଙ୍ଗଲରୁ ବାରହା ଶିକାର କରୁଥିବା ବେଳେ ମାଡି ବସିଥିଲା ବନ ବିଭାଗ । ସେମାନଙ୍କ ଠାରୁ କିଛି ବାରହା ମାଂସ,୨ଟି ବାଇକ,୪ଟି ସାଇକେଲ ଜବତ କରାଯାଇଛି । ଦୀର୍ଘ ଦିନ ହେବ ଅଭିଯୁକ୍ତ ମାନେ ଜନ୍ତୁ ଶିକାରରେ ଲିପ୍ତ ରହିଥିଲେ । କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ଅଭିଯୁକ୍ତ ଜନ୍ତୁ ଶିକାରୀ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଫିସରେ ପ୍ରକାଶ କରିଛନ୍ତି ।

# ନୀଳକଣ୍ଠେଶ୍ୱର ଡ଼ିଗ୍ରୀ ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ




ସାଉଥବଲଣ୍ଡା, (ସବ୍ୟୁ): ସାଉଥ୍ ବଲଣ୍ଡା ସ୍ଥିତ ନୀଳକଣ୍ଠେଶ୍ୱର ଡ଼ିଗ୍ରୀ ମହାବିଦ୍ୟାଳୟରେ ତାଳଚେର ତାଲୁକ ଆଇନ ସହାୟତା କମିଟି ଦ୍ୱାରା ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼ ବଳଭଦ୍ର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଡ଼ିସନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ ଜଜ, ତାଳଚେର ତଥା କମିଟି ଚେୟାରମ୍ୟାନ୍ ରବୀନ୍ଦ୍ର କୁମାର ଦାସ, ସମ୍ମାନୀୟ ଅତିଥି ଭାବେ ସିନିଅର ସିଭିଲ ଜଜ,ତାଳଚେର ସ୍ୱର୍ଣ୍ଣଲତା ନାୟକ, ଏସଡିଜେଏମ, ତାଳଚେର ସୁଶା' କୁମାର ନାୟକ,ବରିଷ୍ଠ ଆଇନଜୀବୀ ତଥା ତାଲୁକ ଆଇନ ସହାୟତା କମିଟି ସଦସ୍ୟ ରାମଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ତଥା ଆଇନଜୀବୀ ବାଉରୀବନ୍ଧୁ ବେଜ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଆଇନରେ ଥିବା ସମସ୍ତ ଧାରା,ଉପଧାରା ବିଷୟରେ ଅବଗତ କରାଇଥିଲେ ଏବଂ ସାଂପ୍ରତିକ ପରିସ୍ଥିତିରେ ସାଧାରଣ ଜୀବନ ଯାପନ ମଧ୍ୟରେ ସାମୟିକ ସମାଧାନ ପାଇଁ ସର୍ବନିମ୍ନ ଆଇନ ବିଷୟରେ ଉପଦେଶ ଦେଇଥିଲେ। ଏଫଆଇଆର,ବେଲ,ସମନ,ଏବଂ ୱାରେଣ୍ଟ ଅଧିକାର ବିଷୟରେ ସଚେତନ କରାଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମକୁ ଅଧ୍ୟାପକ ତଥା ପ୍ରଶାସନିକ ଅଧିକାରୀ ସୁମ' ମାଝୀ ପରିଚାଳନା କରିବାସହ ଧନ୍ୟବାଦ ଦେଇଥିଲେ। କଲେଜର ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଫାଣ୍ଡି ଅଧିକାରୀଙ୍କୁ ପଥର ମାଡ଼, ଜଣେ ଗିରଫ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଟାପଢୋଲ ଫାଣ୍ଡି ଅଧିକାରୀ ତ୍ରିଲୋଚନ ଖଟୁଆ ଙ୍କୁ ରବିବାର ଦିନ ମିଣ୍ଡୋଳ ଗ୍ରାମର ପ୍ରତାପ ନାୟକ ପଥର ମାଡ଼ ମାରିଥିବା ଠାକୁରଗଡ଼ ଥାନା ରେ ତ୍ରିଲୋଚନ ଅଭିଯୋଗ କରିଛନ୍ତି । ଏ ନେଇ ଠାକୁରଗଡ଼ ପୋଲିସ ନମ୍ବର ୯୪/୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରତାପ ଙ୍କୁ ଗିରଫ କରିଛି । ପୋଲିସ କହିଛି ଯେ ତ୍ରିଲୋଚନ ମେରୁ ଯାତ୍ରା ରେ ଡିଉଟି କରୁଥିବା ବେଳେ ପାଇକସାହି – ସାନହୁଲା ରାସ୍ତା ରେ ରବିବାର ଦିନ ଗାଡି ଯାଞ୍ଚ କରୁଥିଲେ । ଏହି ସମୟ ରେ ଏହି ବାଟ ଦେଇ ପ୍ରତାପ ଯାଇଥିଲେ । ତାଙ୍କ ଗାଡି ଯାଞ୍ଚ କରିବାରୁ ସେ ଉତକ୍ଷିପ୍ତ ହୋଇ ପ୍ରଥମେ ତ୍ରିଲୋଚନ ଙ୍କୁ ଗାଳି ଗୁଲଜ କରିଥିଲେ ଛ ପରେ ତାଙ୍କୁ ପଥର ମାଡ଼ ମାରିଥିବା ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତ । ଏହି ଘଟଣା କୁ ନେଇ ସ୍ଥାନୀୟ ଅଞ୍ଚଳ ରେ ଚର୍ଚ୍ଚାର ର ବିଷୟ ପାଲଟିଛି ।

## ବାଇକ ଜବତ, ୩ ଗିରଫ

ଠାକୁରଗଡ଼, (ସବ୍ୟୁ): ଠାକୁରଗଡ଼ ପୋଲିସ ରବିବାର ଦିନ ଠାକୁରଗଡ଼ ଅଞ୍ଚଳ ରେ ପୋଲିସ ଗାଡି ମଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ୱ ରୁ ମଦ୍ୟ ପାନ କରି ଗାଡି ଚଲାଉଥିବା ଅଭିଯୋଗ ରେ ଆଠମଲ୍ଲିକ ଥାନା ନାଗା ନୂଆଁଗଡ ଅଞ୍ଚଳ ର ଅଶ୍ୱିନୀ ନାୟକ , କିଶୋରନଗର ଥାନା ଖଇରାନାଳି ଗ୍ରାମର ର କପିଳେଶ୍ୱର ନାୟକ , ପାଇକସାହି ଗ୍ରାମର ଲିଙ୍କନ ନାୟକ ଙ୍କୁ ଗିରଫ କରିଛି । ଏଥିସହ ତାଙ୍କର ୩ ଟି ବାଇକ କୁ ଜବତ କରିଛି । ସେମାନେ ମଦ୍ୟ ପାନ କରି ବାଇକ ଚଲାଉଥିବା ବେଳେ ପୋଲିସ ସେମାନ ଙ୍କୁ ଯାଞ୍ଚ କରି ଗିରଫ କରିଥିଲା । ଏ ନେଇ ପୋଲିସ ନମ୍ବର ୯୦/୨୪ , ୯୧/୨୪ , ଓ ୯୨/୨୪ ରେ ୩ ଟି ମାମଲା ରୁଜୁ କରିଛି ।

# ଘରପୋଡ଼ି, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ

ରାସୋଳ, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ କୁନୁଆଁ ଗ୍ରାମପଞ୍ଚାୟତ ପଧାନୀ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଘରପୋଡ଼ି ଲକ୍ଷାଧିକ ଟଙ୍କାର ଧନସମ୍ପତ୍ତି ନଷ୍ଟ ହୋଇଥିବାର ଜଣାପଡିଛି । ପଧାନୀ ଗ୍ରାମର ବୁଲା ନାଏକଙ୍କ ଘର ବିଳମ୍ବିତ ରାତିରେ ନିଆଁଲାଗି ଆସବାବପତ୍ର ସହିତ ଧାନ ,ଚାଉଳ,ଟଙ୍କାପଇସା ସମ୍ପୁର୍ଣ ଭାବେ ପୋଡି ପାଉଁଶ ହୋଇଯାଇଛି । ଇଲେକ୍ଟ୍ରିକ ସଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିବାର ସନ୍ଦେହ କରାଯାଉଛି । ପୁରା ପରିବାର ବର୍ତ୍ତମାନ ଖୋଲା ଆକାଶ ତଳେ ରହିଛନ୍ତି । ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାପାଇଁ ଗ୍ରାମବାସୀ ମାନେ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଛନ୍ତ ।

# ଅଜଣା ଲୋକକୁ ନେଇ ଗ୍ରାମରେ ଆତଙ୍କ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳ ରେ କିଛି ଦିନ ହେବ ଅଜଣା ଲୋକ ଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି । ଫଳରେ ରେ ଗ୍ରାମଞ୍ଚଳ ରେ ଆତଙ୍କ ଦେଖାଦେଇଛି । ରବିବାର ଦିନ ସରିଗୀପାଲି ଗ୍ରାମରେ ଜଣେ ଅଣ ଓଡିଆ ବ୍ୟକ୍ତକୁ ନେଇ ଆତଙ୍କ ଦେଖାଯାଇଛି । ପିଲା ଚୋର ସନ୍ଦେହ କରି ଉକ୍ତ ବ୍ୟକ୍ତି ଙ୍କୁ ଗ୍ରାମରେ ଅଟକ ରଖିବା ପରେ ଛାଡି ଦିଆଯାଇଛି । ଘଟଣା ରୁ ଜଣାପଡିଛି ଯେ କିଛି ଅନ୍ୟ ରାଜ୍ୟ ରୁ ମହିଳା ଓ ପୁରୁଷ ମାନେ ଆସି ବଇଣ୍ଡାତଥା ଆଖ ପାଖ ଅଞ୍ଚଳରେ ଯାଯାବର ଭାବରେ ପ୍ରଥମେ ରହୁଛନ୍ତି । ପରେ ବିଭିନ୍ନ ଘର ଠା କରି ରାତି ଅଧ ରେ ଚୋରି କରୁଥିବା ଅଭିଯୋଗ ହୋଇଛି । ରବିବାର ଦିନ ଉକ୍ତ ବ୍ୟକ୍ତି ଜଣଙ୍କ ମହିଳା ଙ୍କର ଡ୍ରେସ ପିନ୍ଧି ସରିଗୀପାଲି ଅଞ୍ଚଳ ରେ ରାତି ସମୟ ରେ ବୁଲୁଥିଲେ । ଏ ପରିକି କୌଣସି ମନ୍ଦ ଉଦ୍ୟେସ ନେଇ ବିଭିନ୍ନ ଘର ତାଲାସି କରୁଥିବା ବେଳେ କିଛି ବ୍ୟକ୍ତି ତାଙ୍କୁ ଠାବ କରି ଗ୍ରାମ କୋଠ ଘର କୁ ଆଣି ଅଟକ ରଖିଥିଲେ । ପରେ ତାଙ୍କୁ ପଚାରା ଉଚରା କରିଥିବା ବେଳେ ତାର ଘର ସଠିକ ତଥ୍ୟ ଦେଇନପାରି ବିଭିନ୍ନ ଅଞ୍ଚଳ ର ଗାଁ ନାମ ହିନ୍ଦି ଭାଷା ରେ ଅଞ୍ଚଳବାସୀକୁ କହିଥଲା । ଫଳରେ ପିଲା ଚୋର ବୋଲି ଅଂଚଳବାସୀ ସନ୍ଦେହ କରିଥିଲେ । ପରେ ତାକୁ ଛାଡି ଦେଇଥିବା ଜଣାପଡିଛି । ୧୦ତାରିଖ ଦିନ ଠାକୁରଗଡ଼ ଥାନା କୁର୍ତ୍ତିବାସପୁର ଅଞ୍ଚଳ ରେ ୨ ଜଣ ଛାତ୍ରୀ ଛାତ୍ର ଙ୍କୁ ବାଇକ ଯୋଗେ ବସାଇ ନେଉଥିବା ବେଳେ ସୁନ୍ଦରଗଡ଼ ଅଞ୍ଚଳ ର ଜଣେ ବ୍ୟକ୍ତି କୁ ପୋଲିସ ଗିରଫ କରିଥିଲା । ଅଜଣା ବ୍ୟକ୍ତିଙ୍କର ପ୍ରାଦୁର୍ଭାବ ବଇଣ୍ଡା ଅଞ୍ଚଳ ରେ ବଢୁଥିଲେ ମଧ ସ୍ଥାନୀୟ ପୋଲିସ ଦୃଷ୍ଟି ଦେଉନଥିବା ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ହଣ୍ଡାପା ଥାନା ରେ କୌଣସି ଅଭିଯୋଗ ହୋଇନଥିବା ପୋଲିସ ସୂଚନା ଦେଇଛି ।

# ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ଥାନା ପକ୍ଷରୁ ବଜ୍ରକୋଟ, ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳରେ ରେଙ୍ଗାଳି ପୋଲିସ ଫୋର୍ସ ଫ୍ଲାଗ ମାର୍ଚ୍ଚ କରିଛି । ଆସନ୍ତା ନିର୍ବାଚନକୁ ଅବାଧ ଓ ନିରପେକ୍ଷ ତଥା ଭୟ ମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ରେଙ୍ଗାଳି ଥାନା ଆଇଆଇସି ଜୟନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି ।

# ଗୋପାଳପ୍ରସାଦରେ ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ



ତାଳଚେର, (ସବ୍ୟୁ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ସୁପ୍ରସିଦ୍ଧ ଜନ୍ତାଳ ପର୍ବ ଗୋପାଳପ୍ରସାଦସ୍ଥିତ ମା'କୁଟେଇଶୁଣୀ ପୀଠରେ ପାଳିତ ହୋଇଯାଇଛି । ଦିବା ୧.୧୫ମି.ରେ ଦେହୁରୀଙ୍କ ଘରୁ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ଏକ ଭବ୍ୟ ଶୋଭାଯାତ୍ରାରେ କୁଟେଇଶୁଣି ମଣ୍ଡପକୁ ଅଣାଯାଇଥିଲା । ସେଠାରେ ମୁଖ୍ୟପୂଜକ କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ମା'ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଉପଯୁକ୍ତ ମାର୍ଜନା ଓ ସ୍ନାନ ପରେ ଶାବର ମତରେ ପୂଜା ଅର୍ଚ୍ଚନା କରିଥିଲେ। ପୂଜା ପରେ ଦୁଇଜଣ ପାଇକ ଠାକୁରାଣୀଙ୍କ ପାଟଖଣ୍ଡା ଓ ଆଜ୍ଞାମାଳ ସହିତ ଗୋପାଳଗଡ଼ ଗ୍ରାମସ୍ଥିତ ପାଟଣା ସାହିରେ ଥିବା ପତିଆରଙ୍କୁ ଡାକି ଯାଇଥିଲେ। ତିନି ଡାକ ପରେ ପତିଆର ସ୍ନାନାଦି କର୍ମ ସମାପନ କରି ପୂଜା ମଣ୍ଡପକୁ ବିଜେ କରିଥିଲେ । ମୁଖ୍ୟ ଦେହୁରିଙ୍କ ହସ୍ତରୁ ପାଣି ନେଇ ପତିଆର ପଂଚାଙ୍ଗ ଧୌତ ପରେ ପୂଜା ପିଢ଼ ସମ୍ମୁଖରେ ତାଳଚେର ରାଜାଙ୍କ ପ୍ରଦତ ନୂତନ ବସ୍ତ୍ର ପରିଧାନ କରି ଆସନ ଗ୍ରହଣ କରିଥିଲେ। ଏହାପରେ ଦେହୁରୀ ପତିଆରଙ୍କୁ ଦେବୀ ରୂପରେ ଷୋଡଶୋପଚାରରେ ବିଧି ଅନୁଯାୟୀ ପୂଜା କରିଥିଲେ । ବିଭିନ୍ନ ପାରମ୍ପରିକ ଢୋଲ,ନିଶାଣ,ମହୁରୀ ଆଦି ବାଦ୍ୟ ନାଦ ମଧ୍ୟରେ ପତିଆରଙ୍କ ମସ୍ତକରେ ଗୁଡ଼ର ସହସ୍ରଧାର ଢଳାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାକୁ ମା ହିଙ୍ଗୁଳାଙ୍କ ପ୍ରସିଦ୍ଧ ଜନ୍ତାଳ ପୂଜା କୁହାଯାଏ । ପତିଆରଙ୍କ ଠାରେ ଦେବୀ ଆବିଷ୍ଟ ହୋଇ ମା' ହିଙ୍ଗୁଳାଙ୍କ ଆର୍ବିଭାବର ଦିଗ ସମ୍ବନ୍ଧରେ ସୂଚନା ଦେହୁରୀଙ୍କୁ ଦେଇଥାନ୍ତି । ପୂର୍ବ ସୂଚନାକୁ ଆଧାର କରି ଦେହୁରୀ ଅର୍ଦ୍ଧରାତ୍ରରେ ଏକା ଯାଇ ମା'ଙ୍କ ଆବିର୍ଭାବ ସ୍ଥଳୀ ବା ଉଭା ସ୍ଥଳୀକୁ ଚିହ୍ନଟ କରିଥାନ୍ତି । ଏହି ଉତ୍ସବ ଦେଖିବା ପାଇଁ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ହରିବୋଲ,ହୁଳହୁଳି ଶବ୍ଦରେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇ ଉଠିଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ମା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟମାନଙ୍କ ସମେତ ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହ,ମା ହିଙ୍ଗୁଳାଙ୍କ ସେବାୟତ ଅଭୟ ପତିଆର, ଡିଳେଶ୍ୱର ସାମଲ, ହାଡିବନ୍ଧୁ ମହାନ୍ତି, ମୁଚିଆ ଦେହୁରୀ,ବାୟା ବାରିକ,ଦୁର୍ଗାଚରଣ ବାରିକ,ଗୋବିନ୍ଦ ଜ୍ୟୋତିଷ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ-ମା ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୦ତମ ଲୋକ ମହୋତ୍ସବ ଚଳିତ ମାସ ୨୨ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖରେ ସମାପ୍ତ ହେବ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

# ହାତୀ ପାଇଁ ଲୋକେ ହନ୍ତସନ୍ତ



ବଅଁରପାଳ, (ସବ୍ୟୁ): ବଅଁରପାଳ ବ୍ଲକ ଅନ୍ତର୍ଗତ ଆଲୁମିନିୟମ ପାର୍କ ନିକଟରେ ପ୍ରାୟ ୩୦ରୁ ଉର୍ଦ୍ଧ ହାତୀପଲ ରହି ଆତଙ୍କ ସୃଷ୍ଟି କରୁଛନ୍ତି । ଘଟଣାରୁ ପ୍ରକାଶ ଏହି ହାତୀପଲ କିଛି ଦିନହେଲା ଆଲୁମିନିୟମ ପାର୍କ ନିକଟରେ ଥିବା ଆମ୍ବ ବଗିଚାରେ ରହୁଛନ୍ତି । ସଂଧ୍ୟା ହେଲେ ଖାଦ୍ୟ ଅନୁସରଣରେ ବିଭିନ୍ନ ଗ୍ରାମକୁ ପ୍ରବେଶ କରୁଛନ୍ତି । ଫଳରେ କୁଲାଡ଼, ତୁଳସୀ ପାଳ, ବନ୍ଦା,ଝଜିରୀ ଓ ଗଡ଼ସନ୍ତୀ ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ସଂଧ୍ୟା ପରେ ଗ୍ରାମର ଲୋକମାନେ ବାହାରକୁ ଆସୁନାହାନ୍ତି କିମ୍ବା ସହର ଲୋକ ଏହି ସବୁ ଗ୍ରାମକୁ ଆସିବାପାଇଁ ଭୟ କରୁଛନ୍ତି । ହାତୀପଲ ଏହି ଅଞ୍ଚଳରେ ଦୀର୍ଘ ଦିନଧରି ରହୁଥିବାରୁ ଚାଷୀ ଚାଷକାର୍ଯ୍ୟ କରି ପାରୁନାହିଁ । ସେହିପରି ହାତୀ ଦେଖିବାପାଇଁ ଆସୁଥିବା କିଛି ଯୁବକ ହାତୀ ମାନଙ୍କୁ ବିରକ୍ତ କରୁଛନ୍ତି । ଜଙ୍ଗଲରେ ଖାଦ୍ୟ ଅଭାବ ସହିତ କିଛି ଅସାମାଜିକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଉଛି ଫଳରେ ହାତୀ ମାନେ ସହର ମୁହାଁ ହେଉଛନ୍ତି । ହାତୀପଲ ରାତିରେ ଗାଁକୁ ପ୍ରବେଶ କଲାମାତ୍ରେ ବିଦ୍ୟୁତ କାଟି ଦିଆଯାଇଛି । ଏବେ ଗରମ ସହ ପ୍ରବଳ ଗୁଳୁଗୁଳି ହେଉଥିବାରୁ ରାତି ସାରା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି । ବନବିଭାଗ ଏହି ଅଞ୍ଚଳରୁ ହାତୀପଲ ଘଉଡାଇବାରେ ବିଫଳ ହେଉଛି । ଏଥିପାଇଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

## ଆମ୍ବେଦକରଙ୍କ ନିଷ୍ଠା, ବଳିଷ୍ଠ ନେତୃତ୍ୱର ସ୍ମୃତିଚାରଣ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ପ୍ରଣେତା,ଭାରତରତ୍ନ ଡଃ ବିଆର ଆମ୍ବେଦକରଙ୍କ ୧୩୩ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି ଅବସରରେ ସଦଭାବନା ସଭାଗୃହ ଠାରେଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଭାରତୀୟ ସମ୍ବିଧାନର ପ୍ରଣେତା.ଦଳିତ ବିକାଶ ନିମନ୍ତେ ନିଜର ଅସୀମ ତ୍ୟାଗ ଓ ସଂଘର୍ଷ ଦ୍ୱାରା ପରିବର୍ତ୍ତନର ସ୍ୱର ଆଣିଥିବା ମହାନ ଜନନାୟକ ଡଃ ବିଆର ଆମ୍ବେଦକରଙ୍କ ଉଦ୍ଦେଶ୍ୟରେ ନିଜର ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥୀ ଭାବରେ ଯୋଗ ଦେଇ ସମ୍ବିଧାନ ପ୍ରଣୟନ ନିମନ୍ତେ ଡଃ ବିଆର ଆମ୍ବେଦକରଙ୍କ ନିଷ୍ଠା ଓ ବଳିଷ୍ଠ ନେତୃତ୍ୱର ସ୍ମୃତି ଚାରଣ କରିଥିଲେ ।ନିଜର ବ୍ୟକ୍ତିଗତ ଜୀବନର ତିକ୍ତ ଅନୁଭୁତିକୁ ପାଥେୟ କରି ସାମୁହିକ ପରିବର୍ତ୍ତନ ଆଣିବା ପାଇଁ ତାଙ୍କର ସଂଗ୍ରାମକୁ ମନେ ପକାଇଥିଲେ । ଜଗତସିଂହପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସୀମାରାଣୀ ଜେନା,ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଜଗମୋହନ ପତି ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ପିଢୀର ସୁତ୍ରଧର ଭାବରେ ସମ୍ବୋଧୀତ କରି ଆମ୍ବେଦକରଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥୀ ପରିଚୟ ପ୍ରଦାନ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଡଃ ବିଆର ଆମ୍ବେଦକରଙ୍କ ସମେତ ଅନ୍ୟ ବରପୁତ୍ର ମାନଙ୍କ ପ୍ରତିମୁର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ।

## ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଜଳଛତ୍ର

ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ): ପ୍ରଖର ରୌଦ୍ରତାପକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ସ୍ଥିତ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଜଳକ୍ଲିଷ୍ଟ ତଥା ବ୍ୟସ୍ତବହୁଳ ଚଣ୍ଡିଖୋଲ ବଜାର ଏବଂ ଖଣି ଖାଦାନଭରା ଅଞ୍ଚଳ ୫୩ ନମ୍ବର ଜାତୀୟ ରାଜପଥର ଚଡେଇଧରା ଉପର ବଜାରରେ ଜଳଛତ୍ର ଉଦଘାଟିତ ହୋଇଯାଇଛ ।ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଦିନ ସଂଘ ପକ୍ଷରୁ ଏହି ଦୁଇ ସ୍ଥାନରେ ଏକସଙ୍ଗେ ଜଳଛତ୍ର ଖୋଲାଯାଇଥିଲା । ସଂଘ ସଭାପତି ଅଜାମ୍ବର ସାହୁଙ୍କ ଉପସ୍ଥିତିରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ ଚଣ୍ଡିଖୋଲ ଜଳଛତ୍ରକୁ ଶୁଭାରମ୍ଭ



କରିଥିଲା ବେଳେ ଚଡେଇଧରା ଠାରେ ଖୋଲାଯାଇଥିବା ଜଳଛତ୍ରକୁ ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ଓ ସୌମ୍ୟରଂଜନ ଭୋଳ, ଉଦଘାଟନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଚଡେଇଧରା ଚେକପୋଷ୍ଟର ଅନିଲକୁମାର ସାହୁ, ସଂଘର ସମ୍ପାଦକ ଅମୀତକୁମାର ସାହୁ,ଉପଦେଷ୍ଟା ଚନ୍ଦନକୁମାର ନାୟକ,ପ୍ରମୋଦକୁମାର ନାୟକ,ରଜନିକାନ୍ତ କର, ପ୍ରଦୀପ୍ତ ସାହୁ,ସୌଭାଗ୍ୟ କରଣ,ପ୍ରଭାତକୁମାର ରାଉତ,ଅଶୋକକୁମାର ପରିଡା, ଅଜୟ ସାହୁ,କେଶବ ରାଉତ,ବୁନା ପରିଡା,ସନ୍ତୋଷକୁମାର ପୃଷ୍ଟି,ବିଦ୍ୟାଧର ପରିଡା, ପ୍ରମୋଦ କବି,ଗଙ୍ଗାଧର ଓଝା'ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।ରୌଦ୍ରତାପ ପ୍ରସମିତ ହେବା ପର୍ଯ୍ୟନ୍ତ ସାଧାରଣ ଲୋକ, ପଥଚାରୀ ଓ ଗାଡି ମଟରରେ ଯାତ୍ରା କରୁଥିବା ଯାତ୍ରୀ ତଥା ଗାଡି ଡ୍ରାଇଭର ଓ ଖଲାସୀ ମାନଙ୍କୁ ଦହି ଲେମ୍ବୁମିଶା ସ୍ୱଚ୍ଛ ଥଣ୍ଡା ପାନୀୟ ନିରନ୍ତର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ଛାତ୍ରଛାତ୍ରୀଙ୍କ ଦକ୍ଷତା ଅନୁସନ୍ଧାନ, ପୁରସ୍କାର ବିତରଣ ଉତ୍ସବ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ସଂଖ୍ୟାଲଘୁ ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ଛାତ୍ରଛାତ୍ରୀଙ୍କର ଦକ୍ଷତା ଅନୁସନ୍ଧାନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଶୁଭେନ୍ଦୁ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ରିଆଦ କମ୍ପାନୀର ସାଧାରଣ ପରିଚାଳକ ଅବୁ ସଲାମ ସଫି ଅହେମଦ ମୁଖ୍ୟ ଅତିଥି, ସେଣ୍ଟ ଜାଭିୟର ସ୍କୁଲର ଇଂରାଜୀ ଶିକ୍ଷକ ଶ୍ରୀମତୀ ପ୍ରତିଜ୍ଞା ସାମଲ, ସ୍କୁଲର ଅଧ୍ୟକ୍ଷା ନିରନ ବେହେରା, ଆଇନଜୀବି ବିଶ୍ୱଜିତ ରାଉତ, ସେକ ମୁସ୍ତାକ, ଷ୍ଟାଣ୍ଡାର୍ଡ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଆସିଫା ଅଖତର, ମହମ୍ମଦ ଆୱେଜ ଜମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କର ବିକାଶ ସଂପର୍କରେ ଅଭିଭାବକ ମାନଙ୍କୁ ଉପଦେଶ ଦେଇଥିଲେ । ବିଭିନ୍ନ ସ୍କୁଲର ପଂଚମରୁ ନବମ ଶ୍ରେଣୀ ପର୍ଯ୍ୟ' ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ୨୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ସମ୍ବର୍ଦ୍ଧିତ କରାଯାଇ ଥିଲା । କାର୍ଯ୍ୟକ୍ରମ ରେ ନାଜୀଆ ଖାତୁନ ମଂଚ ପରିଚାଳନା କରିଥିବା ବେଳେ ସାହିତା ପରୱିନ, ସୋନାଲୀ ସୁଆଣ, ନାଜିରେ ନାଏସା, ରୁକସାନା ବେଗମ, ସେକ କମରନ ପ୍ରମୁଖ ସହଯୋଗ କରିଥିବା ବେଳେ ତୁଳସୀ ସ୍ୟାଣ୍ଡେଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କୁଆଖିଆ, (ସବ୍ୟୁ) ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ପଂଚାୟତ ଲଗୁଆଁ ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ଧରଣୀ ଧର ମହାନ୍ତି (୯୨)ଙ୍କର ବାର୍ଦ୍ଧକ୍ୟ ଜନିତ ରୋଗରେ ପରଲୋକ ହୋଇଯାଇଛି । ରସୁଲପୁର ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରି ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ନିକଟରେ ପ୍ରଶଂସିତ ହୋଇଛନ୍ତି । ମୃତ୍ୟୁରେ ସୁଧାଂଶୁ ଶେଖର ମହାନ୍ତି, ସ୍ୱଦେଶ ରଂଜନ ମହାନ୍ତି, ବିଶ୍ୱନାଥ ନାୟକ, ଛବିରାଣୀ, ବିଜୟ କୁମାର ମହାନ୍ତି, ରେବତୀ, ଇତିଶ୍ରୀ ରାଉତରାୟ, ଆଲୋକ ଜିତ ମହାନ୍ତି, ସସ୍ମିତା ମହାନ୍ତି, ସୌଦାମିନି ମହାନ୍ତି, ଟୁକୁ ମହାନ୍ତି ଓ ପରିବାର ବର୍ଗ, ଗ୍ରାମବାସୀ ଶୋକ ପ୍ରକଟ କରିଛନ୍ତି । ପୁରି ସ୍ୱର୍ଗ ଦ୍ୱାର ରେ ସଂସ୍କାର କରାଯାଇଛି ।

## ଅଟଳ ସେନା ପକ୍ଷରୁ ବୌଦ୍ଧିକ ଆସର

ସାଲେପୁର, (ସବ୍ୟୁ): ଅଟଳ ସେନା, ଓଡ଼ିଶା ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ସାଲେପୁର ଶାଖାର ମିଳିତ ଆନୁକୁଲ୍ୟରେ ମହାବିଷୁବ ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ମା ବୁଢ଼ୀ ଜାଗୁଳାଇ ପୀଠ, ସାଲେପୁର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ସେନାର ଉପଦେଷ୍ଟା ଅଧ୍ୟାପକ ବଳାଇ ଚରଣ ନାୟକଙ୍କ ସଭାପତିତ୍ୱରେ ଏକ ବୌଦ୍ଧିକ ଆସରର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାଲେପୁର ଶାଖାର ସଭାପତି ପ୍ରଧ୍ୟାପକ ଡ଼ଃ ପ୍ରଭାତ କିଶୋର ନାୟକ ଯୋଗ ଦେଇ ଓଡ଼ିଆ ନବବର୍ଷକୁ ଏକ ଗଣ ପର୍ବରେ ପରିଣତ କରିବାକୁ ସମବେତ କାର୍ଯ୍ୟକର୍ତ୍ତା ମାନଙ୍କୁ ଆହ୍ୱାନ ଦେଇଥିଲେ । ଏଥିରେ ଅତିଥି ଭାବରେ ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନ ଓ ଅଟଳ ମହିଳା ସଂଘ ଉପଦେଷ୍ଟା ବିଦ୍ୟୁତଲତା ରାଉତ, ବରିଷ୍ଠ ବିଜେପି ନେତା କୁଞ୍ଜ ମୋହନ ସେଠୀ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସେନାର କଟକ ଜିଲ୍ଲା ସଂଗଠନ ସମ୍ପାଦକ ମନୋରଞ୍ଜନ ରାଉତରାୟ, ସାମାଜିକ ଗଣମାଧ୍ୟମ ମୁଖ୍ୟ ହରେକୃଷ୍ଣ ରାଉତରାୟ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ କୁମାର ବିଶ୍ୱାଳ, ମଣ୍ଡଳ ଯୁବ ସଂଘ ସଭାପତି ମନୋଜ କୁମାର ଯତି, ରୀନାରାଣୀ ଓଝା, ମେଘୁ ସିଂହ ପ୍ରଭୃତି ଯୋଗଦାନ କରିଥିଲେ । ଗଣେଶ୍ୱର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ଉପଦେଷ୍ଟା ଅଭୟ କୁମାର ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ଯାଜପୁର ଲୋକକଳା ମହୋତ୍ସବ

ଯାଜପୁର, (ସବ୍ୟୁ) : ଯାଜପୁର ଜିଲ୍ଲା ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଯାଜପୁର ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡଃ ହରିହର କାନୁନ୍‌ଗୋ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଲୋକକଳାକୁ ବଞ୍ଚାଇବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସଭା ପ୍ରାରମ୍ଭରେ ମା' ଯଶୋଦା କଳା ପରିଷଦର କଳାକାର ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାଶ, କୁମାର ଜଗଦିଶ ପ୍ରମୁଖ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଶଶଧର ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିବା ବେଳେ ଚଳଚ୍ଚିତ୍ର ନିର୍ଦ୍ଦେଶକ ରିତେଶ କୁମାର ନାୟକ, ଅଭିନେତା ହରିହର ସ୍ୱାଇଁ, ତ୍ରିଭାଷୀ କବି ଓ ନାଟ୍ୟକାର ଡଃ ଅଲେଖ ପ୍ରସାଦ ମହାରଣା, ଧାରାବାହିକ ଅଭିନେତା ଇଂ. ପାର୍ଥ ସାରଥି ଦାସ, ବରିଷ୍ଠ ଶିକ୍ଷାବିତ ନବକିଶୋର ଦାସ ଓ ସମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଆଠଟି ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶହେରୁ ଉର୍ଦ୍ଧ୍ୱ କୁନି କୁନି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ବିହାରୀ, ମଧୁସ୍ମିତା ବିଶ୍ୱାଳ, ସୁଶାନ୍ତ ପରିଡ଼ା, କରୁଣା କର ଦାସ, ସୁବାସ ପାତ୍ର, ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାଶ ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଉପସ୍ଥିତ ଥିଲେ।

## 'ସମନ୍ୱୟ' ପକ୍ଷରୁ ବିଷୁବ ମିଳନ, କବିତା ପାଠୋତ୍ସବ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ,ସାରସ୍ୱତ ପରିଷଦ 'ସମନ୍ୱୟ' ଆନୁକୂଲ୍ୟରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଆ ନବବର୍ଷ ପାଳନ, ବିଷୁବ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ଉତ୍କଳଜ୍ୟୋତି ରଘୁନାଥ ମହାନ୍ତିଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟ ଅତିଥି ଭାବେ ପି.ପି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସ୍ୱାଧୀନାନନ୍ଦ ପରିଡ଼ା, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଖଗେଶ୍ୱର ମହାନ୍ତି,ସମ୍ମାନୀତ ଅତିଥି ଭାବେ ଔପନ୍ୟାସିକ ବିଦ୍ୟୁତଲତା ପ୍ରଧାନ,ଶିକ୍ଷାବିତ୍ ସୁଧିର ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ବିଷୁବ ମିଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ । ସମ୍ପାଦକ ଦେବପ୍ରସାଦ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ କବି ସଚ୍ଚିଦାନନ୍ଦ ମିଶ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କବି ରଂଜନ କୁମାର ବେହେରା, ନାରୀ କବି ରବେୟା ସରୱର, କବି ତନ୍ମୟ କିଶୋର ଦାସ, କେଦାରନାଥ ସାହୁ, ନିରଞ୍ଜନ ସାହୁ, ଶରତଚନ୍ଦ୍ର ସାହୁ,ପ୍ରଭାକର ଦାସ,ବିକ୍ରମକେଶରୀ ନାଥ,ଚନ୍ଦ୍ରଭାନୁ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସାହିତ୍ୟର ସ୍ୱର ପତ୍ରିକାର ସମ୍ପାଦକ ଜୟରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାପାନ କରାଟେ ସୋଟକାଇ ପ୍ରଶିକ୍ଷଣ ଶିବିର

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ବ୍ଲକ ଜାରକାସ୍ଥିତ କ୍ଷତରୁ ଦାସ ଷ୍ଟାଡିୟମର ଇଣ୍ଡୋର ହଲରେ ଦିନିକିଆ ଜାପାନ ସୋଟୋକାଇ କରାଟେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରଶିକ୍ଷଣ ଶିବିରରେ ଉଭୟ ବାଳକ ଓ ବାଳିକା ମୋଟ ୮୪ ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ । ପ୍ରଶିକ୍ଷଣ ନେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ସେନସୋଇ ବେଣୁଧର ମଳିକ ପ୍ରମାଣପତ୍ର ସହ ବେଲ୍ଟ ପ୍ରଦାନ କରିଥିଲେ । ପ୍ରଭାତ କୁମାର ମଲିକ, ପ୍ରସନଜିତ ଓଝା, ରୁଦ୍ରବିଘ୍ନ ମଲିକ, ନିଧି ଦେହୁରୀ, ରିତିକ ବରାଳ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ ।

## ଦ୍ୱିତୀୟ ଦିନରେ ଦରିଆପରି ମା' ରାମଚଣ୍ଡୀଙ୍କ ଝାମୁଯାତ୍ରା

ମହାକାଳପଡ଼ା, (ସବ୍ୟୁ): ଦରିଆପାରି ମା' ରାମଚଣ୍ଡୀଙ୍କ ପୀଠରେ ଆଜି ଦ୍ୱିତୀୟ ଦିନରେ ପହଂଚିଛି ମା'ଙ୍କ ଯାତ୍ରା ଧିରେ ଧିରେ ବଢ଼ି ଚାଲିଛି ଭକ୍ତଙ୍କ ସଂଖ୍ୟା । ମା'ଙ୍କ ପୀଠରେ ପହଂଚି ମା'ଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଛି । ଅସହ୍ୟ ଗରମ ଓ ପ୍ରବଳ ତାତିକୁ ଲକ୍ଷ୍ୟ କରି ଭକ୍ତମାନଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସେବା ପ୍ରଦାନ କରାଯାଉଛି । ବିଶେଷ କରି ମହାକାଳପଡ଼ା ପଂଚାୟତ ସମିତି ତରଫରୁ ଭକ୍ତମାନଙ୍କ ସୁବିଧା ପାଇଁ ଜଳଦାନ କେନ୍ଦ୍ର, ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଓ ମା'ଙ୍କ ପୋଖରୀ ହୁଡ଼ାରେ ଭକ୍ତମାନଙ୍କ ବିଶ୍ରାମ ପାଇଁ ଅସ୍ଥାୟୀ ଗୃହ ମଧ୍ୟ ନିର୍ମାଣ କରାଯାଇଛି । ପଂଚାୟତ ସମିତି ଉପାଧ୍ୟକ୍ଷ ବିଜୟ ଶୁକ୍ଳାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି । ଗରମରେ ଅସୁସ୍ଥ ହୋଇ ପଡୁଥିବା ଭକ୍ତମାନଙ୍କୁ ମଧ୍ୟ ଚିକିତ୍ସା କରାଯାଉଛି । ସେହିପରି ଗୁରୁଚରଣ ଦାସ ମେମୋରିଆଲ୍ ଟ୍ରଷ୍ଟ ତରଫରୁ ଭକ୍ତମାନଙ୍କ ପାଇଁ ଖେଚୁଡ଼ି ବ୍ୟବସ୍ଥା କରାଯାଇଥିଲା ।

## ସାହିତ୍ୟ, ସଂସ୍କାରଧର୍ମୀ ପତ୍ରିକା 'ପାଦୁକା'ର ଉନ୍ମୋଚନ ଉତ୍ସବ

ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ ବାଲିସାହି ମା'ବ୍ରାହ୍ମଣୀ ଦେବୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରକାଶିତ ସାହିତ୍ୟ ଓ ସଂସ୍କାରଧର୍ମୀ ପତ୍ରିକା ପାଦୁକାର ଶୁଭ ଉନ୍ମୋଚନ ଉତ୍ସବ ପବିତ୍ର ମହାିଷୁଭ ପଣା ସଂକ୍ରାନ୍ତି ଅବସରରେ ପବିତ୍ର ଆଧାତ୍ମିକ ପୀଠ ପାଦୁକାଗିରିର କଠଉଣୀଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି! ଇତ୍ୟବସରରେ ଏକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ମଧ୍ୟ ଆୟୋଜିତ ହୋଇଥିଲା!ପ୍ରାକ୍ତନ କଲେଜ ଅଧ୍ୟକ୍ଷ ତଥା ଶିକ୍ଷାବିତ ପ୍ରେମାନନ୍ଦ ଓଝାଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବକୁ ବରିଷ୍ଠ



ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଉଦଘାଟନ କରି ଏକ ନିପଟ ଗ୍ରାମାଞ୍ଚଳରେ ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ପାଦୁକା ପରି ଏକ ସୁନ୍ଦର ପତ୍ରିକା ପ୍ରକାଶିତ ହେବା ନେଇ ସେ ପତ୍ରିକାର ସମ୍ପାଦକ ଓ ଆୟୋଜକ ମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ! ଉତ୍ସବର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା! ଏଥିରେ ସରୋଜକାନ୍ତ ବେହେରା, ଅର୍ଜୁନ କୁମାର ସାହୁ, ରଘୁନାଥ ସାହୁ, ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ, ଆଶୁତୋଷ ଦେବୀ ପ୍ରସାଦ ରାଉତ ଅତିଥି ଭାବେ ଯୋଗ ଦେଇ କବିତା ଆସରକୁ ପରିଚାଳନା କରିଥିଲେ! ଦ୍ୱିତୀୟ ଅଧିବେଶନରେ ପତ୍ରିକା ଉନ୍ମୋଚନ ସହିତ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା!ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଲୋକନାଥ ସାମଲ,ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ସମ୍ମାନୀତ ଅତିଥି ଭାବେ ନାରୀନେତ୍ରୀ ଦେବଜାନୀ ପ୍ରଧାନ, ସାମ୍ବାଦିକ ବିବେକାନନ୍ଦ ରାୟ ପ୍ରମୁଖ ଯୋଗଦେଇ ସାହିତ୍ୟର ବିକାଶହେଲେ ପ୍ରକାଶିତ ପତ୍ରପତ୍ରିକା ଗୁଡିକର ମାନବୃଦ୍ଧି ହେବାସହ ସମାଜରେ ମାନବୀୟ ପରିବର୍ତ୍ତନ ଆସିପାରିବ ବୋଲି ମତ ପୋଷଣ କରିଥିଲେ! ଏହି କ୍ଷେତ୍ରରେ ଗ୍ରାମାଞ୍ଚଳରେ ସାହିତ୍ୟ ସୃଷ୍ଟି କରିବାରେ ପାଦୁକା ପତ୍ରିକା ଏକ ପ୍ରତିବଦ୍ଧତା ସୃଷ୍ଟି କରିଛି ବୋଲି ଆଶା ପୋଷଣ କରିଥିଲେ! ବ୍ୟଙ୍ଗକବି ଧର୍ମଛଡା ବିଶେଷ ଆକର୍ଷଣ ଭାବେ ଯୋଗଦେଇ ଉପସ୍ଥିତ ଦର୍ଶକମାନଙ୍କ ମନୋରଂଜନ କରିବା ସହ ପାଦୁକାର ଉତରୋତ୍ତର କାମନା କରିଥିଲେ! ସାମ୍ବାଦିକା ଶ୍ରୁଶ୍ରୀ ରଶ୍ମିତା ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ପତ୍ରିକାର ସମ୍ପାଦକ କାହ୍ନୁଚରଣ ସାହୁ ପତ୍ରିକା ପ୍ରକାଶନ ନେଇ ନିଜର ମତାତମ ରଖିବା ସଙ୍ଗେସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ! ଉତ୍ସବରେ ସମସ୍ତ ଅତିଥି ଓ କବି କବୟିତ୍ରୀ ମାନଙ୍କୁ ଉତ୍ତରୀୟ ଓ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା!

## ବିଜେପିର ବୁଥ୍ ବିଜୟ ଅଭିଯାନ

ଆଠଗଡ଼, (ସବ୍ୟୁ): ଆଠଗଡ଼ ବିଜେପି ପକ୍ଷରୁ ଆଜି ସ୍ଥାନୀୟ ମହାବୀର ପ୍ଲାଜା ଠାରେ ବୁଥ ବିଜୟ ଅଭିଯାନ ପାଇଁ ନୂଆ ରଣନୀତି ପ୍ରସ୍ତୁତ କରାଯାଇଛି।ବୁଥ ସ୍ତରୀୟ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ଆଲୋଚନା ପର୍ଯ୍ୟାଲୋଚନା ସମୀକ୍ଷା ଆଦି ପରେ ଗୁରୁମନ୍ତ୍ର ଦେଇଛନ୍ତି ବିଜେପି କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଭର୍ତ୍ତୃହରି ମହତାବ। ତୃଣମୂଳ ସ୍ତରରେ ସଙ୍ଗଠନ କୁ ମଜଭୁତ କରିବା ସହିତ କେନ୍ଦ୍ର ସରକାର ଙ୍କ ବିଭିନ୍ନ ଯୋଜନା ବାବଦରେ ବୁଝାଇ ଭୋଟର ମାନଙ୍କୁ



କେମିତି ଆକୃଷ୍ଟ କରି ହେବ ସେ ବାବଦରେ ବିସ୍ତୃତ ଭାବରେ ଆଲୋଚନା କରା ଯାଇ ବିଜୟର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ପାଇଁ ଦଳୀୟ ନେତା ଏବଂ କାର୍ଯ୍ୟକର୍ତ୍ତା ମାନଙ୍କୁ ଆହ୍ୱାନ ଦିଆଯାଇଛି। ବିଜେପି ନେତା ବିକ୍ରମ ଦାଶ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଆଜିର ଏହି କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ପ୍ରାର୍ଥୀ ଅଭୟ ବାରିକ, କଟକ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ରାଜେନ୍ଦ୍ର ରାଏ, କଟକ ଲୋକସଭା ମଣ୍ଡଳୀ ସଂଯୋଜକ ଶ୍ରୀକାନ୍ତ ବିଶ୍ୱାଳ, ମହିଳା ମୋର୍ଚ୍ଚା ଉପ ସଭାପତି ଇଲା ପଣ୍ଡା ଙ୍କ ସହିତ ଅନ୍ୟାନ୍ୟ ପଦାଧିକାରୀ ଏବଂ ଶତାଧିକ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ।

## ମହାବୀର ଜନ୍ମୋତ୍ସବ

ନିରାକାରପୁର, (ସବ୍ୟୁ): ପବିତ୍ର ପଣା ସଂକ୍ରାନ୍ତି ଓ ହନୁମାନଙ୍କ ଜୟନ୍ତୀ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲା କାଶିପୁର ଚିତ୍ରକୁଟ ମୁଣ୍ଡିଆ ରେ ଅବସ୍ଥିତ ଶ୍ରୀ ଶ୍ରୀ ମହାବୀର ଙ୍କ ଅଷ୍ଟମ ବାର୍ଷିକ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ଏହି ସ୍ଥଳରେ ହୋମ, ଯଜ୍ଞ, ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛ। ବହୁ ସଂଖ୍ୟାରେ ଭକ୍ତମାନେ ଯାଇ ପୂଜା ଅର୍ଚ୍ଚନା କରି ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରଦୀପ କୁମାର ପଟ୍ଟନାୟକ,ପ୍ରଦୀପ କୁମାର ଷଡ଼ଙ୍ଗୀ, ପବିତ୍ର ମୋହନ ପାଇକରାୟ, ଦେବ ନାରାୟଣ ହୋତା, ନୃସିଂହ ଦଳେଇ, ସୀତାକାନ୍ତ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ଶୁଭଲକ୍ଷ୍ମୀ ମହାପାତ୍ର, ସ୍ୱପ୍ନେଶ୍ୱର ଜୟସିଂହ ଓ ତ୍ରିନାଥ ଦଳେଇ,ଶିକ୍ଷାବି୍ କମଳ ଲୋଚନ ପ୍ରଧାନ, ଉମେଶ ଚନ୍ଦ୍ର ମିଶ୍ର ଓ ଅପର୍ତ୍ତି ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଶାଶ୍ୱତ ସୃଜନୀର ବିଷୁବ କବିତା ଆସର

ଭୁବନେଶ୍ୱର ,(ସବ୍ୟୁ) : ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱରର ଅନ୍ୟତମ ସାହିତ୍ୟ ସଙ୍ଗଠନ 'ଶାଶ୍ୱତ ସୃଜନୀ' ଆନୁକୂଲ୍ୟରେ ଏକ ମନୋଜ୍ଞ କବିତା ଆସର ସ୍ଥାନୀୟ 'ରାଜଧାନୀ କଳା ସଂସଦ' ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ଆବାହକ ଭାବେ ସଙ୍ଗଠନର ସଭାପତି କବି କମଳ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି ଡ. ପ୍ରସନ୍ନ କୁମାର ମହାନ୍ତି ମଣିଷ ଜୀବନରେ କବିତାର ଆବଶ୍ୟକତା ସମ୍ପର୍କରେ ଏକ ସାରଗର୍ଭିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର ପ୍ରକାଶ ମହାପାତ୍ର ଗଳ୍ପ ଓ କବିତାର ଉପଯୋଗିତା ସମ୍ପର୍କରେ ମୂଲ୍ୟବାନ ମତ ରଖିଥିଲେ । ମୁଖ୍ୟ ଅତିଥି ବିଶିଷ୍ଟ ଓ ବରେଣ୍ୟ କବି ରୋହିଣୀକାନ୍ତ ମୁଖାର୍ଜୀ କହିଥିଲେ କବିତା ହିଁ ଜୀବନ ଓ କବିତା ବିନା ଜୀବନର ମାନେ ନାହିଁ । ଓଡ଼ିଶାର ଅନ୍ୟତମ ଯୁବ କାବ୍ୟସ୍ୱର




ଶସରୋଜ ବଳ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ସଭାପତିତ୍ୱକରି ବିଷୁବ ସଂକ୍ରାନ୍ତି ପଣା ଓ ପାଣିର ପର୍ବ ତଥା ଓଡ଼ିଆମାନଙ୍କ ଜୀବନର ଆଦ୍ୟ ଉପପାଦ୍ୟ ବୋଲି କହିଥିଲେ। ବିଶିଷ୍ଟ କବି ଡ. ବିଭୁ ପାଢ଼ୀଉତ୍ସବରେ ଉପସ୍ଥିତ କବିମାନଙ୍କୁ ତାଙ୍କର ଦୀର୍ଘଦିନର ସାରସ୍ୱତ ଅନୁଭୂତିରେ ସମ୍ବୋଧିତ କରିଥିଲେ । ସର୍ବଶ୍ରୀ ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅଭୟ ନାୟକ, ନେତ୍ରାନନ୍ଦ ସାମନ୍ତରାୟ , ଖଗେଶ୍ୱର ମହତାବ, ଦୁର୍ଗାଚରଣ ଷଡ଼ଙ୍ଗୀ, ରାଜ କିଶୋର ଦାସ, ଶାନ୍ତି ମହାନ୍ତି, ମିନତୀ ମିଶ୍ର, ନର୍ମଦା ନିଳୋପୂଳା,ଭାରତୀ ନାୟକ, ରସାନନ୍ଦ ସାହୁ, ଯୋଗେନ୍ଦ୍ର ନାୟକ, ରାମଚନ୍ଦ୍ର ପଲାଇ, କମଳିନୀ ମଲ୍ଲିକ, ଅଶୋକ ସିଂହ, ଆଶିଷ ମହାପାତ୍ର, କୁମୁଦିନୀ ଜୀ, ଅଶ୍ୱିନୀ ସୁତାର, ପ୍ରଦ୍ୟୁମ୍ନ ପଟ୍ଟନାୟକ ଓ କମଳ ମହାନ୍ତି ପ୍ରମୁଖ କବିଓ କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଆସରର ଅନ୍ୟତମ ଆକର୍ଷଣ ଥିଲା ବରିଷ୍ଟ କଥାକାର ପ୍ରକାଶ ମହାପାତ୍ରଙ୍କର ବଂଶୀବାଦନ । କବି ସରୋଜ ବଳ, ଶାନ୍ତି ମହାନ୍ତି, ଯୋଗେନ୍ଦ୍ର ନାୟକ ଓ ମିନତୀ ମିଶ୍ରଙ୍କ ସୁଲଳିତ ସଙ୍ଗୀତରେ ଝୁମିଥିଲେ ଦର୍ଶକ । ଶେଷରେ କବି ଯୋଗେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମିଳନ

## ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ବାଲୁଗାଁ, (ସବ୍ୟୁ): ପବିତ୍ର ମହାବିଷୁବ (ପଣା) ସଂକ୍ରାନ୍ତି ଅବସରରେ ବାଲୁଗାଁର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠ ଠାରେ ୨ଦିନ ବ୍ୟାପି ଅନୁଷ୍ଠିତ ଅଷ୍ଟଶମ୍ଭୁ ମେଳଣ ଉତ୍ସବ ସୋମବାର ସଂନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉତ୍ସବର ସ୍ଥାନାଧିପତି ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ରାମେଶ୍ୱରଦେବ ଗବପଦର, ଗତିଶ୍ୱରଦେବ ମଙ୍ଗରାଜପୁର, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା, ବାଲୁଙ୍କେଶ୍ୱର ଦେବ ଦୋଳମୁଣ୍ଡାଇ, ବାଙ୍କନିଧିଦେବ ଗବପଦର, ଚନ୍ଦ୍ରଶେଖର ଦେବ ବଡ଼କୂଳ, ଗୁପ୍ତେଶ୍ୱର ଦେବ ରଘୁନାଥପୁର, ଦଧିବାମନ ଦେବ ସାନ୍ତରାପୁର(ବାଲୁଗାଁ), ଗୋପାଜିଉ ଦେବ ପାଟଣାସାହି, ରଘୁନାଥ ଦେବ ବାଲୁଗାଁ, ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁ, ପାଟଣା ସାହି ଓ ଗୁଣ୍ଡୁରୁପୁର ସାହିର ମା' ଜାଗୁଳାଇ ଠାକୁରାଣୀ ଏବଂ ମା' ଚଣ୍ଡୀ ଠାକୁରାଣୀ ସମେତ ୧୫ ଦେବାଦେବୀ ରବିବାର ରାତ୍ରିରୁ ପାଟପଟୁଆର, ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ଆସ୍ଥାନ ବିଜେ କରିଥିଲେ । ଏହାପରେ ଠାକୁରଙ୍କୁ



ପଣା ଭୋଗ ଲାଗି ହୋଇଥିଲା । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାତ୍ର ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୋମବାର ଭୋରରୁ ଠାକୁରଙ୍କୁ ଦୁଇଟି ପର୍ଯ୍ୟାୟରେ ଭୋଗଲାଗି ହେବା ସହ ଦିନ ତମାମ ପୂଜାର୍ଚ୍ଚନା ଜାରି ରହିଥିଲା । ସଂଧ୍ୟାରେ ପାରମ୍ପରିକ ପୂଜା ନିତି ସମାପନ ପରେ ମେଳଣ ପର୍ବ ଆରମ୍ଭ ହୋଇଥିଲା । ସମସ୍ତ ଠାକୁର ସେବାୟତଙ୍କ ଗହଣରେ ମେଳଣ ପଡ଼ିଆକୁ ବିଜେ କରିବା ପରେ ହରିବୋଲ, ହୁଳହୁଳି ଓ ଘଣ୍ଟକାହାଳୀ ଧ୍ୱନିରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇ ଉଠିଥିଲା । ଏହି ଉତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମେଳଣ ସମାପ୍ତି ପରେ ଠାକୁରମାନେ ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଅବସରରେ ଶୋଭାଯାତ୍ରା, ଆତସବାଜୀ ଓ ସାଜସଜ୍ଜା କ୍ଷେତ୍ରରେ ଉତ୍କୃଷ୍ଟ ବିବେଚିତଙ୍କୁ ଅଷ୍ଟଶମ୍ଭୁ ମିଳନ ପରିଚାଳନା କମିଟି ତରଫରୁ ପୁରସ୍କାର ବିତରଣ କରାଯାଇଥିଲା । ପାଟପଟୁଆର ତଥା ଶୋଭାଯାତ୍ରାରେ ଶ୍ରୀ ଶ୍ରୀ ନିଳକଣ୍ଠେଶ୍ୱର ଦେବ ନିମିକ୍ଷେତା ପ୍ରଥମ, ଏବଂ ଯୁଗ୍ମ ସ୍ୱତନ୍ତ୍ର ଭାବେ ଦଧିବାମନଦେବ ସାମନ୍ତରାପୁର, ବାଲୁଙ୍କେଶ୍ୱର ଦେବ ଦୋଳମୁଣ୍ଡାଇ, ରଘୁନାଥ ଦେବ ବାଲୁଗାଁ, ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁଙ୍କୁ ପୁରସ୍କୃତ ହୋଇଥିଲେ । ସେହିପରି ବିମାନ ସାଜସଜ୍ଜାରେ ଶ୍ରୀଶ୍ରୀ ନିଳକଣ୍ଠେଶ୍ୱର ଦେବ ନିମିକ୍ଷେତା ପ୍ରଥମ, ଶ୍ରୀଶ୍ରୀ ବାଙ୍କନିଧିଦେବ ଗବପଦର ଦ୍ୱିତୀୟ, ଶ୍ରୀଶ୍ରୀ ଗୋପାଳଜିଉଦେବ ପାଟଣାସାହି ତୃତୀୟ ସ୍ଥାନ ହାସଲ କରିଥିଲେ । ଆତସବାଜୀରେ ରଘୁନାଥ ଦେବ ବାଲୁଗାଁ ପ୍ରଥମ ଏବଂ ନିଳକଣ୍ଠେଶ୍ୱର ଦେବ ନିମିକ୍ଷେତା ଦ୍ୱିତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ଅଷ୍ଟଶମ୍ଭୁ ମିଳନ ପରିଚାଳନା କମିଟିର ସମସ୍ତ ସଦସ୍ୟବୃନ୍ଦ ଏହାକୁ ସୂଚାର ରୂପେ ପରିଚାଳନା କରିଥିଲେ । ବାଲୁଗାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ୨ଦିନଧରି ପଣା ବଣ୍ଟନ ଏବଂ ଜଳଛତ୍ର ସେବା ଯୋଗାଇ ଦିଆଯାଇଥିଲା । ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୁଲିସ୍ ମୁତୟନ କରାଯାଇଥିଲା ।

## ମହାବିଷୁବ ସଂକ୍ରାନ୍ତିରେ ମଠ ମନ୍ଦିର ଉତ୍ସବମୁଖର

ବୋଲଗଡ଼, (ସବ୍ୟୁ): ରବିବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ବୋଲଗଡର ବିଭିନ୍ନ ହନୁମାନ ପୀଠ ଓ ମଠ ମନଦିରମାନଙ୍କରେ ମହାବିଷୁବ ସଂକ୍ରାନ୍ତି ଅବସରରେ ଉତ୍ସବମୁଖର ହୋଇଉଠିଥିଲା। ସକାଳୁ ସକାଳୁ ଏହି ସଂକ୍ରାନ୍ତିକୁ ପାଳନ କରିବାପାଇଁ ଶ୍ରଦ୍ଧାଳୁମାନେ ମନ୍ଦିରମାନଙ୍କରେ ଭିଡ ଜମାଇଥିଲେ । ପବିତ୍ର ମହାବୀର ହନୁମାନଙ୍କ ଜୟନ୍ତୀରେ ମାଣିବନ୍ଧ ସିଦ୍ଧମହାବୀର ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ମୁଖ୍ୟ ପୁରୋଧା ପ୍ରଶାନ୍ତ ବାବାଙ୍କ ତତ୍ତ୍ୱାବଧାନରେ ନାମ ଯଜ୍ଞ, ହୋମ, ହନୁମାନ ଚାଳିଶାପାଠ, ବସ୍ତ୍ରଦାନ, ଅନ୍ନ ଦାନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ସେହିପରି ଯୋଡାପଡା ରାମମନ୍ଦିର, ଜକଲା ମହାବୀର ମନ୍ଦିର, ସଂପୁର ମୁଣ୍ଡିଆ ହନୁମାନ ପୀଠ,ଗୋପବନ୍ଧୁ ବିହାରୀ ହନୁମାନ ମନ୍ଦିର, ପ୍ରସନ୍ନ ତ୍ରିପାଠୀ ମହାବୀର ମନ୍ଦିର, କଳାଙ୍ଗ ବ୍ରାହ୍ମଣ ସାହି ମହାବୀର ମନ୍ଦିର, ଆରିକମା ମହାବୀର ମନ୍ଦିର ସମେତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହନୁମାନ ମନ୍ଦିରମାନଙ୍କରେ ପୂଜାଅର୍ଚ୍ଚନା କରାଯାଇଥିଲା। ସେହିପରି ଭାରତୀୟ ସମ୍ବିଧାନରେ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଥିଲା। ବାଙ୍କୋଇ, ଧଳାପଥର, ଗେଡିଆପଲ୍ଲୀ, ଦେଉଳି ଓ ପିଚୁକୁଳିଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳନ କରାଯାଇଥିଲା। ଏହିପରୀପ୍ରେକ୍ଷୀରେ ଓଡ଼ିଆ ନବବର୍ଷ ଅବସରରେ ନୂତନ ପାଞ୍ଜି ଅନୁକୂଳ କରାଯାଇଥିଲା । ଘରେ ଘରେ ଚୌରା ପୂଜନ ସହିତ ପଣା ଓ ପୀଠା କରାଯାଇ ବହୁ ଓଡ଼ିଆ ନବବର୍ଷକୁ ବହୁ ଜାକଜମକରେ ପାଳନ ଯାଇଥିଲା।

# ପୁଣି ବଦଳିଲା ସମୟ : ସକାଳ ସାଢ଼େ ୬ରୁ ସାଢ଼େ ୯ ପର୍ଯ୍ୟନ୍ତ ଖୋଲା ହେବ ସମସ୍ତ ସ୍କୁଲ

ଭଦ୍ରକ, (ସବ୍ୟୁ):ଭଦ୍ରକ ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାର ସମସ୍ତ ସ୍କୁଲ ଖୋଲା ରହିବା ସମୟ ପରିବର୍ତ୍ତନ କରାଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଆଦେଶ କ୍ରମେ ଜିଲ୍ଲାର ସମସ୍ତ ସରକାରୀ, ଘରୋଇ, ଅନୁଦାନପ୍ରାପ୍ତ ୧ମ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ, ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ସକାଳ ଘ.୬.୩୦ ମିନିଟ୍‌ରୁ ଖୋଲାଯାଇ ସକାଳ ଘ.୯.୩୦ ମିନିଟ୍‌ରେ ବନ୍ଦ ହେବ। ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଆଦେଶ ଜାରି ରହିବ। ସୂଚନା ଯୋଗ୍ୟକି ଗତ ଏପ୍ରିଲ ୬ ତାରିଖରେ ସମସ୍ତ ସ୍କୁଲ ଓ ଅଙ୍ଗନୱାନି କେନ୍ଦ୍ର ସକାଳ ଘ.୬.୩୦ ମିରୁ ୧୦.୩୦ ମି ପର୍ଯ୍ୟନ୍ତ ଖୋଲା ରହିବା ନେଇ ଜିଲ୍ଲାପାଳଙ୍କ ଦ୍ୱାରା ଆଦେଶ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଜନିତ ପରିସ୍ଥିତି ପାଇଁ ସତର୍କତା ଅବଲମ୍ବନ ପୂର୍ବକ ସମସ୍ତ ସ୍କୁଲ ଆବାସିକ ବ୍ୟବସ୍ଥା ବା ଛାତ୍ରାବାସ ଥିବା ସ୍କୁଲ ପ୍ରଭୃତିରେ ନିରାପଦ ପାନୀୟ ଜଳ, ଓ.ଆର.ଏସ୍. ପ୍ୟାକେଟ୍ ଓ ଅନ୍ୟାନ୍ୟ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ, ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ମଧ୍ୟ ଏ ଆଦେଶ ତ୍ୱରିତ କାର୍ଯ୍ୟକାରୀ ପାଇଁ ଅବଗତ କରାଯାଇଛି।

# ୧୧ କୁଖ୍ୟାତ ଆନ୍ତଃଜିଲ୍ଲା ଡକାୟତ ଗିରଫ

## ବହୁ ମାରଣାସ୍ତ୍ର, ୧୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସହ ବିପୁଳ ସୁନା ଓ ରୁପା ଜବତ

ପିପିଲି,(ସବ୍ୟୁ) :ପିପିଲି, ନିମାପଡା, କୋଣାର୍କ, ଅସ୍ତରଙ୍ଗ, ବଳଙ୍ଗା ଥାନାର ଏକ ମିଳିତସ୍ୱତନ୍ତ୍ର ପୋଲିସ ଟିମ ଏକ ମାସର ପ୍ରଚେଷ୍ଟାରେ ପୁରୀ ଜିଲ୍ଲା ସମେତ ଜିଲ୍ଲାର ଅନ୍ୟାନ୍ୟ ଜିଲ୍ଲାରେ ଡକାୟତି କରି ଆତଙ୍କ ସୃଷ୍ଟିକରି ଥିବା ୧୧ ଜଣ ଡକାୟତଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ ଠାରୁ ୧୬ ଟି ଖଣ୍ଡା, ୨ ବନ୍ଧୁକ, ସାତଟି ବୋମା ସମେତ ୧୮ଲକ୍ଷ ୧୬ହଜାର ଟଙ୍କା, ୪୬୨ଗ୍ରାମ ସୁନା,୫୬୬ଗ୍ରାମ ରୁପା ଏବଂ ଡକାୟତି ରେ ବ୍ୟବହୃତ ଗୋଟିଏ ସ୍କୋପ୍ରିୟ ଗାଡି, ଗୋଟିଏ ବାଜାଜ ପଲସର ବାଇକି ଜବତ କରିବାରେ ସଫଳ ହୋଇଛନ୍ତି।ପୁରୀ ଏସ ପି ପିନାକ ମିଶ୍ର ପିପିଲି ଥାନାରେ ଆୟୋଜିତ ସାମ୍ବାଦିକ ସମିଳନୀରେ କହିଛନ୍ତି। ବଳଙ୍ଗା ଥାନା ସରସ୍ୱତୀପୁର ରବୀନ୍ଦ୍ର କୁମାର ମହାପାତ୍ର, କୋଣାର୍କ କୁଞ୍ଜମଠ ର ବାଉରୀବନ୍ଧୁ ମାଣିକ, ଅସ୍ତରଙ୍ଗ ଥାନା ଆଳସାହି ବିଷ୍ଣୁ ଚରଣ ମଲିକ ଙ୍କ ଅଭିଯୋଗ କ୍ରମେ ହୋଇଥିବା ଡକାୟତି ର ତଦନ୍ତ କରିବା ପାଇଁ ନିମାପଡା ଏସଡ଼ିପିଓ ପ୍ରଭାତ କୁମାର ମଲିକ, ପିପିଲି ଏସଡ଼ିପିଓ ବିରଞ୍ଚି ନାରାୟଣ ପତି, ପିପିଲି ଆଇଆଇସି ଦୀପକ ଖଣ୍ଡାୟତରାୟ, ଏସ ଆଇ ମମତା ବିଶ୍ୱାଳ, ଙ୍କ ସହ ଅସ୍ତରଙ୍ଗ,କୋଣାର୍କ,ବଳଙ୍ଗା ଥାନା ଅଧିକାରୀ ମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସମ୍ପୃକ୍ତ ଡକାୟତ ଙ୍କୁ ଗିରଫ କରିବା ସହିତ ଉକ୍ତ ଅସ୍ତ୍ର ଶସ୍ତ୍ର, ଟଙ୍କା, ସୁନା, ରୁପା ଜବତ କରିଛନ୍ତି।ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ପିପିଲି ଥାନା ପିପିଲି ଭବାନୀପୁର ର ହାଫିଜ ଖାନ,ମହମଦ ଅରମାନ ସାହା, ନରସିଂହପୁର ୱାର୍ଡ ନମ୍ବର ୭ ର ରାହୁଲ ସାହା,ଦାନଗୋହିର ଗ୍ରାମର ଅସଲାମ ଖାନ, ସାତଶଂଖ ସୁବଳପୁର କଲୋନୀ ଜଗନାଥ ପୁଷ୍ପାଳକ, ଭବାନୀପୁରର ଆୟୁବ ଖାନ, ନରସିଂହପୁର ଉମରାନ ସାହା, ଭବାନୀପୁର ୱାର୍ଡ ନମ୍ବର ୮ର ଅସିଫ ଖାନ,ଅସ୍ତରଙ୍ଗ ଥାନା ଅଶାନ ଗ୍ରାମର ପ୍ରଦୀପ୍ତ ଖୁଣ୍ଟିଆ,ବାଲିପାଟଣା ଥାନା ନହରକଣ୍ଠା ଗ୍ରାମର ଶୁଭ୍ରଜିତ ପରିଡା, ବଳଙ୍ଗା ଥାନା ନୂଆପଡା ଗ୍ରାମର ଦିଲୁ ଆଲିଆସ ରଶ୍ମିରଂଜନ ସାମନ୍ତରାୟ. ଅଭିଯୁକ୍ତ ମାନଙ୍କ ମଧ୍ୟରୁ ପିପିଲି ପୋଲିସ ଜଣକୁ, ବଳଙ୍ଗା ପୋଲିସ ୬ ଜଣଙ୍କୁ ,ଅସ୍ତରଙ୍ଗ ଜଣଙ୍କୁ , କୋଣାର୍କ ପୋଲିସ ୩ଜଣ ଙ୍କୁ କୋର୍ଟ ଚାଲାଣ କରିଛନ୍ତି।ଏହି ଘଟଣା ସହିତ ସମ୍ପୃକ୍ତ ୩ ଅଭିଯୁକ୍ତ ଙ୍କୁ ଭୁବନେଶ୍ୱର କମିଶନରଟେ ପୋଲିସ ଗିରଫ କରିଛନ୍ତି।ଅଭିଯୁକ୍ତ ଙ୍କ ନାମରେ ଅନେକ ମାମଲା ବିଭିନ୍ନ ଥାନାରେ ରହିଛି.ଏ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି।



# କାଳରାତ୍ରି ବେଶରେ ମା’ ବନଦୁର୍ଗା



ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା ବନଦୁର୍ଗାଙ୍କ ପୀଠରେ ବିଶ୍ କଲ୍ୟାଣ ନିମନ୍ତେ, ବାସନ୍ତୀକ ଚୈତ୍ର ନବରାତ୍ରର ସପ୍ତମ ଦିବସରେ କାଳରାତ୍ରି ବେଶରେ ମା ଦର୍ଶନ ଦେଇଛନ୍ତି। ସକାଳୁ ମା’ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଆଧରପଣା ଓ ମହାପ୍ରସାଦ ମା’ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଛି। ଡଃ କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର , ବିଷ୍ଣୁପ୍ରୀୟା ପଟ୍ଟଯୋଷୀ ସହଯୋଗ କରିଥିଲେ ।ଏହି ଅବସରରେ ଶିକ୍ଷାବିତ୍ ଡଃ ଦୁର୍ଗା ଶରଣ ରଥ, ରୀନା ମଣି ଦାଶ, କୁଞ୍ଜ କିଶୋର ରାମ ସପରିବାର ଅଂଶଗ୍ରହଣ କରିଥିଲେ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା’ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ।

# ଜିଲ୍ଲା କଂଗ୍ରେସ ପାଳିଲା ଆମ୍ବେଦକରଙ୍କ ଜୟନ୍ତୀ

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭାରତରତ୍ନ ଡ. ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରିଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ଡ. ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ଉପସ୍ଥିତ ସମସ୍ତେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧା ନିବେଦନ କରିଥିଲେ । ଜିଲ୍ଲା କଂଗ୍ରେସ ଉପସଭାପତି ଗୋପିନାଥ ପାଢ଼ୀଙ୍କ ସମେତ ଜ୍ୟୋତ୍ସ୍ନା ସେନାପତି, ପ୍ରଜ୍ଞାପରମିତା ମହାନ୍ତି, ରଂଜନ ଦାସ, ବିକାଶ ଦାସ, ଅରୁଣ ଜେନା, ସରୋଜ ଲେଙ୍କା, ସଂଜୁଲତା ବେହେରା, ସୁରେଶ ଜେନା, ଆରତୀ ଜେନା, କହ୍ନେଇ ବେହେରା, ମଲିକ ଜଲାଲ, ବିଜୟୀ ମାଝୀ, ଉତ୍ତମ ପ୍ରଧାନ, ଅବ୍ଦୁଲ ମସ୍‌ଜିଦ ପ୍ରମୁଖ ଉପସ୍ଥିତ ରହି ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ.ଭୀମରାଓ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିବା ସହ ତାଙ୍କର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ ।

# ମଦ ଜବତ ଜଣେ ଗିରଫ

କାକଟପୁର (ସବ୍ୟୁ) : ପେଟ୍ରୋଲିଂ ସମୟରେ କୌଣସି ସୂତ୍ରରୁ ଖବର ପାଇ କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ ପ୍ରମୋଦ କୁମାର ସେଠୀ, ମନୋରଞ୍ଜନ ପରିଡ଼ା ସଦଳ ବଳେ ଖଣ୍ଡାସାହି –ଓସ୍ତପୁର ତିନି ଛକ ରାସ୍ତାରେ ମନୋରଞ୍ଜନ ସେନାପତିଙ୍କୁ ଧରିବା ସହ ତାର ପାନ ଦୋକାନ ରୁ (୬) ଲିଟର ଦେଶୀ ମଦ ଜବତ ହୋଇଛି । ଏ ସଂକ୍ରାନ୍ତରେ କେଶ ନଂ ୯୧/୨୪,୫୨(ଚ)ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

# ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ ପାଳିତ



ଦଶପଲ୍ଲା ,(ସବ୍ୟୁ) :ଦଶପଲ୍ଲା ର ଅଗ୍ରଣୀ ସାହିତ୍ୟ ସଂଗଠନ ଗଠନ ପରିବାର ଓ ସାମାଜିକ ସଂଗଠନ ’ମାଟିର ସ୍ୱର ପକ୍ଷରୁ ବିଷୁବ ମିଳନ ଓ ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ଙ୍କ ୫୮ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ଗଠନ ପରିବାର ପକ୍ଷରୁ ସ୍ଥାନୀୟ ଗାନ୍ଧୀ ମୈଦାନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତପନ କୁମାର ପଣ୍ଡା,ମୁଖ୍ୟ ବକ୍ତା ଚିରଶ୍ରୀ ଇନ୍ଦ୍ର ସିଂ, ସମ୍ମାନୀତ ଅତିଥି ଭାବେ ଡ଼ଃ ନାରାୟଣ ମହାପାତ୍ର ଏବଂ ବିପିନ ମହାନ୍ତି ଯୋଗ ଦେଇ ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ଙ୍କ ସ୍ମୃତି ଚାରଣ କରିଥିଲେ ।ଗଠନ ପରିବାର ସଭାପତି ରଘୁନାଥ ସାହୁ ଏହାକୁ ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏ ଅବସରରେ ଗଠନ ପରିବାରପକ୍ଷରୁ ଅବସରପ୍ରାପ୍ତ ଅଧ୍ୟାପକ ଅଲେଖ ସ୍ୱାଇଁ , ଚାଷୀ ଶରତ ପ୍ରଧାନ, କଳାକାର ଭରତ ସାହୁ, କବି ମୁରଲୀଧର ମହାରଣା, ଦିବ୍ୟାଙ୍ଗ ଲକ୍ଷ୍ମୀଧର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷକ ଲକ୍ଷ୍ମୀଧର ଦାସ ଙ୍କ ଦ୍ୱାରା ରଚିତ ପୁସ୍ତକ ଅତିଥି ମାନେ ଉନ୍ମୋଚନ କରିଥିଲେ । ସଭାର ପ୍ରାରମ୍ଭରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ସେହିପରି ସାମାଜିକ ସଂଗଠନ ମାଟିର ସ୍ୱର ପକ୍ଷରୁ ବିପ୍ଲବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି ଛ ସଭାପତି ପ୍ରଭାତ କୁମାର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜ ସେବୀ ପ୍ରସନ୍ନ କୁମାର ପଣ୍ଡା, ଆଇନିଯିବି ଶରତ ବେହେରା, ବିଶିଷ୍ଟ ସମାଜ ସେବୀ ପ୍ରମୋଦ ପୃଷ୍ଟି, ବରିଷ୍ଠ ନାଗରିକ ସଭାପତି ପ୍ରାଣକୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇ ଓଡିଶା କୁ କିଭଳି ମହାତ୍ମା ଗାନ୍ଧୀ ଙ୍କୁ ଆଣିବାରେ ଗୋବିନ୍ଦ ମିଶ୍ର ଙ୍କ ଭୂମିକା ଏବଂ ଗୋପବନ୍ଧୁ ଙ୍କୁ କିଭଳି ମହାତ୍ମା ଗାନ୍ଧୀ ଙ୍କ ସହ ଗୋବିନ୍ଦ ମିଶ୍ର ପରିଚୟ କରାଇଥିଲେ ସେ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଏନ ଏ ସି ପାର୍କ କୁ ବିପ୍ଲବୀ ଗୋବିନ୍ଦ ମିଶ୍ର ଙ୍କ ନାଁ ରେ ନାମିତ କରିବା ପାଇଁ ଦାବି କରିଥିଲେ । ଉଭୟ ସଭାରେ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ ବିଷୁବ ମିଳନ ଉତ୍ସବ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସର ମଧ୍ୟରେ ଅବସର ଅନୁଷ୍ଠାନ ପକ୍ଷରୁ ଉନବିଂଶତମ ରାଜ୍ୟସ୍ତରୀୟ ବିଷୁବ ମିଳନ ଉତ୍ସବ ଶିକ୍ଷାବିତ୍ ଅଭିମନ୍ୟୁ ବେହେରା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ୍ଧୁ ମିଳନ,ସାଧାରଣସଭା,ସମ୍ବର୍ଦ୍ଧନା ପର୍ବ ଓ କବିତା ପାଠ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ବିଷୁବ ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଟଳ ବିହାରୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରବିନାରାୟଣ ସେନାପତି ଯୋଗଦେଇଥିବା ବେଳେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ଉଦଘାଟନ କରିଥିଲେ। ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ସଭାପତି ସନାତନ ପୁରୀ,ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର,ଅଟଳ ବିହାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶ,ମୁଖ୍ୟବକ୍ତା ଭାବେ ରତ୍ନାକର ବାରିକ ଯୋଗଦେଇ ଉଦବୋଧନ ଦେଇଥିଲେ। ଅବସର ପକ୍ଷରୁ ସାରସ୍ୱତ ପ୍ରତିଭା ସମ୍ମାନରେ ରତ୍ନାକର ବାରିକ,ବନମାଳୀ ବାରିକ ସ୍ମୃତି ସମ୍ମାନରେ ଧନେଶ୍ୱର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷା ସମ୍ମାନରେ ପୂର୍ଣ୍ଣଚନ୍ଦ୍ର ମହାଳିକ,ସେବା ସମ୍ମାନରେ ପଦ୍ମନାଭ ଦାଶ,କଥାସାହିତ୍ୟ ସମ୍ମାନରେ କମଳାକାନ୍ତ କରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସର୍ବ ପୁରାତନ ଅନୁଷ୍ଠାନ ପକ୍ଷରୁ ବିଷୁବ ମିଳନରେ ଅପରାହ୍ନର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଗୟାଧର ଦାସ ଓ ଶାନ୍ତିଲତା ପଣ୍ଡା ସୁଧାଂଶୁ ଜେନା ଆୟୋଜିତ କବିତା ପାଠ ସଂଯୋଜନା କରିଥିଲେ। ସୂର୍ଯ୍ୟସାରଥି ବାରିକ ଓ ପାର୍ଥ ସାରଥି ବାରିକ୍ ସହଯୋଗ କରିଥିଲେ।

# ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ତିହିଡି,(ସବ୍ୟୁ):ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ବୋଡ଼କ ଠାରେ ଅଗ୍ରଣୀ ସାମାଜିକ ସଂଗଠନ ଶୁଭମ ପକ୍ଷରୁ ଆୟୋଜିତ ଡ଼.ବିଆର ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ କୁମାର ନାୟକ,ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଆଇନଜୀବି ଦିବ୍ୟସିଂହ ନାୟକ,ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗୋଲକ ଚନ୍ଦ୍ର ସାମଲ,ଶିକ୍ଷାବିତ ସୁବାସ ଚନ୍ଦ୍ର ଦା,ସମାଜସେବୀ ମହେନ୍ଦ୍ର ମଲ୍ଲି,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦେବେନ୍ଦ୍ର ପୁହା,ଜିଲ୍ଲା ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ଜେନ,ସମିତିସଭ୍ୟ ଜୟ ପ୍ରକାଶ ମଲ୍ଲି.ସରପଞ୍ଚ ପ୍ରତିନିଧି ବିଷ୍ଣୁ ମୋହନ ଜେନାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ବାବା ସାହେବଙ୍କ ବହୁ ମୁଖୀ ଆଦର୍ଶ ଦେଶ ପାଇଁ କରିଥିବା କାର୍ଯ୍ୟ ଏବଂ ତାଙ୍କ ସଂଗ୍ରାମମୟ ଜିବନୀ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କ ପରିଚୟ ସଂଗଠନର ସମ୍ପାଦକ ନରେନ୍ଦ୍ର କୁମାର ସାମଲ ପ୍ରଦାନ କରିଥିଲାବେଳେ ସଂଗଠନର କାର୍ଯ୍ୟକ୍ରମ ସଂଯୋଜକ ଆନନ୍ଦ ଚନ୍ଦ୍ର ପଲାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସଂଗଠନର ଉପସଭାପତି ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୟନ୍ତୀ ସମାରୋହରେ ବୋଡ଼କ ପଂଚାୟତ ବିଭିନ୍ନ ଅଂଚଳରୁ କୃଷକ ଦଳିତ ଓ ସଚେତନ ନାଗରିକ ମାନେ ଯୋଗ ଦେଇ ବାବା ସାହେବଙ୍କ ଫଟୋ ଚିତ୍ର ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଟିଲୋରେ ଖୋଲିଲା ଜଳଛତ୍ର

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ଅଧିନ ଟିଲୋ ହାଇସ୍କୁଲ ଛକ, ଜାଗୁଳାଇପଦା ଓ ଦେବତାଗଡିଆ ଠାରେ ଜଳଛତ୍ର ଖୋଲା ଯାଇଥିବା ଦେଖାଯାଇଛି । ସରପଞ୍ଚ ସଂଗ୍ରାମ କେଶରୀ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିନୋଦ ସାମଲ, ଅର୍ଜ୍ଜୁନ ପଢିଆରୀ, ଉତ୍ତମ ଜେନା, ମନୋରଞ୍ଜନ ପତି, ଦିଗମ୍ବର ପାଗଳ ପ୍ରମୁଖ ଏହି ଜଳ ଛତ୍ର କାର୍ଯ୍ୟରେ ସହଯୋଗ କରୁଛନ୍ତି।

# ମା’ସ୍ୱର୍ଣ୍ଣମୟୀଙ୍କ ପୀଠରେ ଯଜ୍ଞ ଉତ୍ସବ ପାଳିତ

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଭଣ୍ଡାରଗଡିଆ ଗ୍ରାମରେ ମା’ସ୍ୱର୍ଣ୍ଣମୟୀଙ୍କ ପୀଠରେ ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି । ନିଳୋକ ମହାଦେବ ପୁଷ୍କରିଣୀରୁ କଳସ ଅଣାଯାଇ ଘଟ ସ୍ଥାପନା ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ଗ୍ରାମର କୃଷ୍ଣ ଚନ୍ଦ୍ର ଲେଙ୍କା, ସାବିତ୍ରୀ ଲେଙ୍କା, ରଘୁନାଥ ନାୟକ, କୌଶଲ୍ୟା ନାୟକ, ବଟକୃଷ୍ଣ ରାଉତ, ରମେଶ ଲେଙ୍କା, ପର୍ଶୁରାମ ନାୟକ, ରେଣୁବାଳା ନାୟକ, ଅଭିମନ୍ୟୁ ରାଉତ, ସଂଗ୍ରାମ ଲେଙ୍କା, କୃପାସିନ୍ଧୁ ମହାନ୍ତି, ଅନିରୁଦ୍ଧ ଜେନା, ଧ୍ରୁବ ଚରଣ ଲେଙ୍କା, କୁଳମଣି ଲେଙ୍କା, କନକ ଲେଙ୍କା, ପ୍ରକାଶ ଜେନା, ପଦ୍ମାବତୀ ଜେନା ପ୍ରମୁଖ କଳସ ଧାରଣ କରିଥିଲେ । ପୂଜକ ପଦ୍ମନାଭ ପଣ୍ଡା, ନାରାୟଣ ଦ୍ୱିବେଦୀ, ବସନ୍ତ କୁମାର ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଦୀର୍ଘ ୫୦୦ ବର୍ଷ ପୂର୍ବରୁ ପଣା ସଂକ୍ରାନ୍ତି ଦିନ ମା’ଙ୍କ ପୀଠରେ ପୂଜା ଯଜ୍ଞ ଅନୁଷ୍ଠିତ ହୋଇ ଆସୁଅଛି । ତିନି ଦିନ ବ୍ୟାପୀ ଅନୁଷ୍ଠିତ ଏହି ପୂଜା ଯଜ୍ଞରେ ଆଖପାଖ ଅଂଚଳର ଶହଶହ ଲୋକ ମାଆଙ୍କ ପୀଠରେ ରୁଣ୍ଡିଭୂତ ହୋଇଥାନ୍ତି ।

# ମହାବିଷୁବ ସଂକ୍ରାନ୍ତି ପାଳିତ

ଭଣ୍ଡାରିପୋଖରୀ,(ସବ୍ୟୁ):ମହାବିଷୁବ ସଙ୍କ୍ରାନ୍ତି ଓ ହନୁମାନ ଜୟନ୍ତୀ ପର୍ବ ଶନିବାର ପାଳନ କରାଯାଇଛି। ଏହି ଅବସରରେ ଦେବଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ଯଅ, ଛତୁଆ, ନଡ଼ିଆ, କଦଳୀ, ଗୁଡ଼, କର୍ପୁର ମିଶ୍ରିତ ପଣା ଓ ଆମ୍ବ ଭୋଗ ଦେବତାଙ୍କୁ ସମର୍ପିତ କରାଯାଇଛି। ନିଦାଘ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥିବାରୁ ଚଉରା ଉପରେ ରୋପିତ ହୋଇଥିବା ପବିତ୍ର ତୁଳସୀ ଗଛ ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବର, ଅଶ୍ୱସ୍ତ ଆଦି ବୃକ୍ଷମାନଙ୍କୁ ରୌଦ୍ରତାପରୁ ରକ୍ଷାକରିବା ପାଇଁ ଛିଦ୍ରଯୁକ୍ତ ମାଟିଠେକି ବନ୍ଧାଯାଇ ଜଳଅର୍ପଣ କରାଯାଇଛି। ବହୁ ସ୍ଥାନରେ ପଥିକମାନଙ୍କ ତୃଷା ନିବାରଣ ସକାଶେ ଜଳଛତ୍ର କେନ୍ଦ୍ରମାନ ସ୍ଥାପିତ ହୋଇଛି। ପ୍ରତ୍ୟେକ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ, ଭଣ୍ଡାରିପୋଖରୀ ବଜାରରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଅନ୍ୟାନ୍ୟ ସ୍ଥାନରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପକ୍ଷରୁ ଅନ୍ୟାନ୍ୟ ସ୍ଥାନରେ ଜଳଦାନ କେନ୍ଦ୍ର ସ୍ଥାପିତ ହୋଇ ତୃଷାର୍ତ୍ତ ପଥିକମାନଙ୍କୁ ଜଳଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଭକ୍ତକୂଳତିଳକ ଶ୍ରୀ ଶ୍ରୀ ହନୁମାନ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସଦା ସେବକ ରୂପେ ଆଖ୍ୟାୟୀତ ଶ୍ରୀରାମଦୂତ ହନୁମାନଙ୍କୁ ଆଜି ପ୍ରତ୍ୟୁଷରୁ ପୂଜାର୍ଚ୍ଚନା କରାଯାଇଛି। ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନକାରୀ ଓ ଅସାମାନ୍ୟ ବିଭୁପ୍ରୀତିର ଆଦର୍ଶ ଏହି ଠାକୁରଙ୍କ ପ୍ରତି ଭକ୍ତମାନେ ନିଜକୁ ସମର୍ପଣ କରିଛନ୍ତି। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ କଳସ ଶୋଭାଯାତ୍ରା ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମୁଢ଼ାପଦା ପ୍ରସିଦ୍ଧ ମହାବୀର ମନ୍ଦିର, ଛତାବର, ମଞ୍ଜୁରୀରୋଡ, ନାଆମୀ, ଥଇଲା, ରାଢୋ, ରହଣିଆ, ସରସଦା, କୁଲଣା, ବାରିକପୁର, ପାଟୁଳି, ଛତାବର, ଭଣ୍ଡାରିପୋଖରୀବଜାର, ରେବୋ, ମଣିନାଥପୁର, ନଗୁଆଁ, ସମେତ ବିଭିନ୍ନ ସ୍ଥାନରେ ଥିବା ହନୁମାନ ମୂର୍ତ୍ତି ଓ ଗ୍ରାମଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଛି। ନାମସଙ୍କୀର୍ତ୍ତନ, ହୋମଯଜ୍ଞ, ପ୍ରବଚନ, ଶ୍ରୀରାମଚରୀତ ମାନସ ପାରାୟଣ ସହ ପ୍ରସାଦ ସେବନର ଆୟୋଜନ କରାଯାଇଛି। ବିଭିନ୍ନ ଗ୍ରାମଦେବତୀ ପୀଠ ସମେତ ଥଇଲା, ଚେକାସାଆନ୍ତାଣୀ, ମଞ୍ଜୁରୀରୋଡ ମା’ ତାରେଣୀ ପୀଠରେ ବିଶେଷ ପୂଜାର୍ଚ୍ଚନା କରାଯାଇ ମେଳାର ଆୟୋଜନ କରାଯାଇଛି।

# ଭାଟ ସଚେତନତା କାର୍ଯ୍ୟକ୍ରମ

ଢେଙ୍କିକୋଟ , (ସବ୍ୟୁ) :କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ମେଙ୍କିକୋଟ ଠାରେ ଥିବା ବହୁ ପୁରାତନ ସତ୍ୟନାରାୟଣ ବିଦ୍ୟାପୀଠର ଛାତ୍ରଛାତ୍ରୀମାନେ ସୋମବାର ଦିନ ଭୋଟ୍ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି । ସେମାନେ ଢେଙ୍କିକୋଟ ମାର୍କେଟ, ସାହି,ବସ୍ତି ପରିକ୍ରମାକରି ହାତରେ ସଚେତନତା ବ୍ୟାନର ଧରି ଭୋଟର ମାନଙ୍କୁ ସଚେତନ କରିଥିଲେ । ନିଜେ ସଚେତନ ହୁଅନ୍ତୁ, ଦେଶର ନାଗରିକ ଭାବେ ସ୍ୱାଧୀନ ଭାବରେ ମତଦାନ କରନ୍ତୁ।କାହାରି ଅର୍ଥ,ପ୍ରଲୋଭନ ରେ ପଡନ୍ତୁ ନାହିଁ। ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ ରେ ସାମିଲ୍ ହୁଅନ୍ତୁ ବୋଲି ପ୍ରଚାର ପ୍ରସାର କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକିର ଚରଣ ସାହୁଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ /ଶିକ୍ଷୟିତ୍ରୀ ମାନେ ଏହି ସଚେତନତା କାର୍ଯ୍ୟକ୍ରମ ରେ ସାମିଲ୍ ହୋଇଥିଲେ ।

# ଆଜି କପିଳେଶ୍ୱରଙ୍କ ଅଶୋକାଷ୍ଟମୀ ରଥଯାତ୍ରା



ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡିଆ ଗ୍ରାମ କପିଳେଶ୍ୱରଙ୍କ ଅଶୋକାଷ୍ଟମୀ ରଥଯାତ୍ରା ରଥ ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଯାଇଛି। ଶ୍ରୀକ୍ଷେତ୍ରରୁ ଆଜ୍ଞାମାଳ ଆଣିବା ପାଇଁ ଟାଙ୍ଗୀ ତହସିଲଦାର ଓ କମିଟିର ଜଣେ ସଦସ୍ୟ ଯାଇଛନ୍ତି। ୧୬ ତାରିଖ ମଙ୍ଗଳବାର ଅଷ୍ଟମୀ ପୂର୍ବାହ୍ନରେ ରଥ ପ୍ରତିଷ୍ଠା ପରେ ଶ୍ରୀ କପିଳେଶ୍ୱରଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ଅପରାହ୍ନ ସୁଦ୍ଧା ଆରେଡି ଗ୍ରାମବାସୀଙ୍କ ଦ୍ୱାରା ପଟୁଆର ରେ କପିଳେଶ୍ୱର ଙ୍କ ବଡ଼ଭାଇ ଗ୍ରାମେଶ୍ୱର ଦେବ ଓ ଭାଉଜ ଗ୍ରାମେଶ୍ୱରୀ ଆସି ମଣ୍ଡପ ରେ ବିଜେ କରିବେ। ଏହାପରେ ନିଜ ମନ୍ଦିର ରୁ ଶ୍ରୀ କପିଳେଶ୍ୱର ଦେବ ଓ ମା ପାର୍ବତୀ ଆସି ଉକ୍ତ ମଣ୍ଡପରେ ବିଜେ କରି ପୂଜା ନୀତି ସଂପନ୍ନ ପରେ ଗ୍ରାମବାସୀଙ୍କ ଦ୍ୱାରା ଚୁଡାଘସା ଲାଗି ହେବାପରେ ଚାରି ଠାକୁର ପହଣ୍ଡି ହୋଇ ରଥାରୂଢ଼ ହେବେ। ଏହା ପରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ଟାଣି ପଣା କିଆରୀ ପର୍ଯ୍ୟନ୍ତ ନେବେ। ନବମୀ ସଂଧ୍ୟାରେ ଠାକୁର ମାନଙ୍କୁ ରଥରୁ ଗୁଣ୍ଡିଚା ମନ୍ଦିରକୁ ନିଆ ଯିବ। ଦଶମୀ ରେ ଚାରି ଭଉଣୀ ମା ସରସ୍ୱତୀ, ଲକ୍ଷ୍ମୀ,କାଳୀ, ନାରାୟଣୀ ଆସି ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଅଭିମାନ ରେ ରଥର ଏକ ଅଂଶକୁ ଭାଙ୍ଗି ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏକାଦଶୀ ରେ ରଥର ଦିଗ ପରିବର୍ତ୍ତନ କରାଯିବ। ପରେ ୨୦ ତାରିଖ ଦ୍ୱାଦଶୀ ରେ ଠାକୁର ମାନେ ଗୁଣ୍ଡିଚା ମନ୍ଦିରରୁ ବାହାରି ଗ୍ରାମ ରେ ଭୋଗ ଖାଇ ରଥାରୂଢ଼ ହେବେ। ପରିଚାଳନା କମିଟି ତରଫରୁ ଠାକୁରମାନଙ୍କ ପାଖରେ ସ୍ୱତନ୍ତ୍ର ପଣା ଲାଗି ହେବା ସହିତ ନିଶାର୍ଦ୍ଧ ସମୟରେ ଗହୀର ବିଲରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ଟାଣି ନେଇ ଭେଟବାଲି ନିକଟରେ ପହଞ୍ଚାଇବେଛ ଏଠାରେ ସ୍ଥାନୀୟ ଗୋପାଳ ଙ୍କ ଦ୍ୱାରା ସ୍ୱତନ୍ତ୍ର ପଣା ଲାଗି କରାଯିବ।ଏହାପରେ ପୁଣିଥରେ ରଥକୁ ଟାଣି ଟାଣି ମନ୍ଦିର ପର୍ଯ୍ୟନ୍ତ ନିଆଯାଇ ଅପରାହ୍ନ ରେ ଠାକୁର ମାନେ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ଅବସରରେ ପୁରୀ ଗଜପତିଙ୍କ ଦ୍ୱାରା ନିୟୋଜିତ ଦଳବେହେରାଙ୍କୁ ଶିରପା ପ୍ରଦାନ କରାଯାଇଥାଏ।ଡିଆ, ନିରାକାର ପୁର, ରାମେଶ୍ୱର ପଂଚାୟତ ସମେତ ପାଖ ଆଖ ଅଂଚଳ ରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଏହି ରଥଯାତ୍ରା ଦେଖିବାକୁ ଆସିଥାନ୍ତି। ଏହି ୫ ଦିନିଆ ରଥଯାତ୍ରା ରେ ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ନିରାକାର ପୁର ପୋଲିସ ମୃତୟନ ହୋଇଥାନ୍ତି। ପରିଚାଳନା କମିଟି ର ସମସ୍ତ କର୍ମକର୍ତ୍ତା, ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରନ୍ତି ବୋଲି ସଭାପତି କିଶୋର କୁମାର ଦାଶ ସୂଚନା ଦେଇଛନ୍ତି।

# ନିତ୍ୟାନନ୍ଦ କଲେଜ ଅଫ୍ ଫାର୍ମାସୀରେ କର୍ମଶାଳା




ବାଲେଶ୍ୱର,(ସବ୍ୟୁ) :ନିତ୍ୟାନନ୍ଦ କଲେଜ ଅଫ୍ ଫାର୍ମାସୀ ଆନୁକୁଲ୍ୟରେ ୧୫ ତାରିଖ ସୋମବାର ଦିନ କ୍ୱାଲିଟି ବେସ୍‌ଡ଼ ଡ୍ରଗ ଡିଜାଇନ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳରେ ବ୍ରହ୍ମପୁରସ୍ଥିତ ରୋଲାଣ୍ଡ ଇନ୍ଷ୍ଟିଚ୍ୟୁଟ ଅଫ୍ ଫାର୍ମାସିଉଟିକାଲ ସାଇନ୍‌ସେସ୍ ପ୍ରଫେସର ଡ. ସି.ଏଚ୍. ନିରଞ୍ଜନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର କାର୍ଯ୍ୟଶୈଳୀ ଏବଂ ପ୍ରଣାଳୀ ଉପରେ ପିଲାଙ୍କୁ ଶିକ୍ଷାପ୍ରଦାନ କରାଇଥିଲେ। ଏହି କର୍ମଶାଳା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ବିଜୟ କୁମାର ସାହୁ ଏବଂ ଅଧ୍ୟକ୍ଷ ଡ. ଆଦିତ୍ୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳାର ଆୟୋଜନ ହୋଇଥିଲା। ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ବିଜୟ କୁମାର ସାହୁ ଆଲେଖ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ। ତତ୍ ସହିତ ଅନୁଷ୍ଠାନର ସହ ଅଧ୍ୟାପିକା ପଲ୍ଲବୀ ବେହେରା ଏବଂ ଟ୍ରେନିଂ ଏଣ୍ଡ ପ୍ଲେସ୍‌ମେଂଟ ଅଫିସର ବହ୍ନିମାନ ରଥ ସମସ୍ତକାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଂଚାଳନ କରିଥିଲେ। ପରିଶେଷରେ ଅନୁଷ୍ଠାନର ଅଧ୍ୟାପକ ଡ. ତାପସ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ–ଉପସଭାପତି ରାଜଶ୍ରୀ ସ୍ୱାଇଁ ସମସ୍ତ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ବୃନ୍ଦଙ୍କୁ ସାଧୁବାଦ ଜଣାଇଥିଲେ।

# ଶ୍ରୀରାମ ନବମୀ ମହୋତ୍ସବ : ୫୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା

ଭଦ୍ରକ,(ସବ୍ୟୁ):ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଚଳିତ ବର୍ଷ ରୀତିନୀତି ଅନୁଯାୟୀ ସୋମବାର ଦିନ କଳସ ଶୋଭାଯାତ୍ରା, ଆଜ୍ଞାମାଳ ଅଣାଯିବା କାର୍ଯ୍ୟ ସହିତ ଯଜ୍ଞ କର୍ମ ଆରମ୍ଭ ହୋଇଛି। ପୂର୍ବାହ୍ନରେ ତିନୋଟି ଆଧ୍ୟାତ୍ମିକ ସ୍ଥଳୀ ଆରଢ଼ି ବାବା ଆଖଣ୍ଡଳମଣି, ଯାଜପୁର ମା’ ବିରଜା ଓ ମା’ ଭଦ୍ରକାଳୀଙ୍କ ପୀଠରୁ ଶତାଧିକ ଭକ୍ତଙ୍କୁ ନେଇ ଆଜ୍ଞାମାଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶ୍ରୀରାମ ନବମୀ ମହାଯଜ୍ଞ ନିମନ୍ତେ ସହରର ବାବା ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞାରମ୍ଭ ହୋଇଥିଲା। ଅପରାହ୍ନ ୪ଘଟିକାରେ ୫ ହଜାର ସଂଖ୍ୟାରେ ମହିଳାମାନେ ଗାନ୍ଧୀ ପଡ଼ିଆ ଯଜ୍ଞସ୍ଥଳରୁ ବାହାରି ଅସ୍ତଳ ଗ୍ରାମ ହୋଇ ସାଳନ୍ଦୀ ନଦୀ ଘାଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜା ପରେ ମହିଳାମାନେ ଘଟୋତ୍ତଳନ କରିଥିଲେ। ପରେ ଶୋଭାଯାତ୍ରାରେ ବନ୍ତ ଛକ, ଅପର୍ତ୍ତିବିନ୍ଧା ଛକ, କଚେରୀ ବଜାର, ଟାଉନହଲ ଛକ, ନୂଆବଜାର ହୋଇ ଗାନ୍ଧୀ ପଡ଼ିଆକୁ ଫେରିଥିଲେ। ଯଜ୍ଞ ମଣ୍ଡପରେ ରୀତିନୀତି ମୁତାବକ ପୂଜାକର୍ମ ଆରମ୍ଭ କରାଯାଇଛି। ଆଜିଠାରୁ ଏହି ପୂଜା ଯଥା, ରାମ ନବମୀ ଯଜ୍ଞ, ହନୁମାନ ଚାଳିଶା ପାଠ ଆଦି ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଯଜ୍ଞ କର୍ମରେ କର୍ତ୍ତାକର୍ତ୍ତ୍ରୀ ଭାବେ ସନାତନ ସାହୁ, ଅମ୍ବିକା ପ୍ରସନ୍ନ ଦାସ, ସନ୍ତୋଷ ସାହୁ, ରବି ସାହୁ ସପତ୍ନୀକ ସଂକଳ୍ପ କରିଛନ୍ତି। ଆଜି ବାବା ଆଖଣ୍ଡଳମଣିଙ୍କ ପୀଠରୁ ବରିଷ୍ଠ ସମାଜସେବୀ କିଶୋର ନାୟକ, ବିରଜା କ୍ଷେତ୍ରରୁ ଅମୂଲ୍ୟ ସେଠୀ, ଭଦ୍ରକାଳୀଙ୍କ ପୀଠରୁ ଡାକ୍ତର ପ୍ରଦୀପ ନାୟକ ଓ ଅନିଲ ବେହେରାଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଥିବା ବେଳେ ମହିଳାଙ୍କ କଳସ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଓ ବ୍ଲକ ସ୍ତରର ମହିଳା ନେତୃତ୍ୱମାନେ ବିଭିନ୍ନ ବିଭାଗର ଦାୟିତ୍ୱ ନିର୍ବାହ କରିଥିଲେ। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ, ଅଭିମନ୍ୟୁ ସେଠୀ, ଦୀନବନ୍ଧୁ ପତି, ପ୍ରୀପ୍ତ ବିଶ୍ୱାଳ, ରଘୁନାଥ ସାହୁ, ଡ. ଦେବରାଜ ପାତ୍ର, ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଢିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହକୋଷାଧ୍ୟକ୍ଷ ଶିବଶଙ୍କର ଦାସ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଉପସଭାପତି ଜଗନ୍ନାଥ ଦାଶ, କହ୍ନେଇ ଚରଣ ଦାସ, ତ୍ରିଲୋଚନ ନାୟକ କଳସ ଶୋଭାଯାତ୍ରାର ସଂଯୋଜକ ସୁବ୍ରତ ନାୟକ, ଶ୍ରୀହର୍ଷ ସ୍ୱାଇଁ, ଭାଗବତ ବାରିକ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୫/୦୭)
–କର୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ )

**ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।**
**ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ ।।୭।।**

ଯାହାଙ୍କର ଚିତ୍ତ ବିଶୁଦ୍ଧ, ଯାହାଙ୍କର ଦେହ ଓ ଇନ୍ଦ୍ରିୟଗଣ ବଶୀଭୂତ ଏବଂ ଯେ ଆପଣାର ଆତ୍ମାକୁ ସର୍ବପ୍ରାଣୀଙ୍କ ଆତ୍ମା ପରି ଜାଣନ୍ତି, ସେ କର୍ମ କଲେ ସୁଦ୍ଧା, ତହିଁରେ ଲିପ୍ତ ହୁଅନ୍ତି ନାହିଁ ।।୭।।

## ସମ୍ପାଦକୀୟ

# ଅଜଣା ବିପଦ!

ପିଲାଟିଏ ଜନ୍ମ ହେବା ଠାରୁ ବଡ ହେବା ପର୍ଯ୍ୟନ୍ତ ସବୁବେଳେ ପିତାମାତାଙ୍କ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ସାମଗ୍ରିକ ଭାବରେ ସମାଜ ପିଲାଟିର ସୁରକ୍ଷା ନେଇ ଚିନ୍ତା କରିଥାନ୍ତି । ଏହା ଗୋଟିଏ ସ୍ୱାଭାବିକ ପ୍ରକ୍ରିୟା । ବିପଦ କଣ, କଣ କରିବା ଉଚିତ ବା ନ କରିବା ଉଚିତ, ସେଥିନେଇ ଆମେ ପିଲାଟିକୁ ଶିକ୍ଷା ଦେଇଥାଉ । କେତେକ ବିପଦର ଚିତ୍ର ଖୁବ ସ୍ପଷ୍ଟ ଥାଏ ଯେପରିକି ଅଗ୍ନିକାଣ୍ଡ, ଦୁର୍ଘଟଣା ଏବଂ ଯେଉଁଥିପାଇଁ ଆମେ ପିଲାଟିକୁ ସତର୍କ କରାଇଥାଉ । ଆଉ କିଛି ବିପଦ ଆମ ଅଜାଣତରେ ଆମର କ୍ଷତି କରି ଚାଲିଥାଏ ଯାହାକୁ ଆମେ ଜାଣି ପାରୁନାହୁଁ କାରଣ ଏହା ଆମ ଦୈନନ୍ଦିନ ଜୀବନ ସହ ଯୋଡି ହେଇସାରିଛି ଏବଂ ଜାଣତରେ ଆମର ଲାଭ ମଧ୍ୟ ଅନେକ କରିଥାଏ । 'ଅନଲାଇନ୍' ଏମିତି ଏକ ଶବ୍ଦ, ଯାହା ସହ ଆମେ ସମସ୍ତଙ୍କର ନିବିଡ଼ତା ଖୁବ ବେଶୀ । ଏହା ଆମର ନିତିଦିନିଆ ବନ୍ଧୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାୟ ପାଖାପାଖି ୩୦ ବର୍ଷ ହେଲା, ଅମପାଖରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ହେଲାଣି ଏବଂ ଏହା ଭିତରେ ପ୍ରାୟ ଅଧିକାଂଶଙ୍କ ପାଇଁ ନିଶା ଭାବରେ ଉଭା ହେଇଛି । ବିଶେଷ ଭାବରେ ଏହି ପିଢ଼ିର ଲୋକଙ୍କ ପାଇଁ ୱେବ୍ ବିନା ଜୀବନର ମାନେ କିଛି ନାହିଁ । ସେମାନେ ଶତପ୍ରତିଶତ ଇଣ୍ଟରନେଟ୍ ଉପରେ ନିର୍ଭର କରନ୍ତି । ଶିକ୍ଷା, ସାମାଜିକୀକରଣ ଏବଂ ମାନସିକ ସୁସ୍ଥତା ସହିତ ମଣିଷ ଜୀବନ ସବୁ କ୍ଷେତ୍ରକୁ ଏହା ପ୍ରଭାବିତ କରିସାରିଛି । ମୋଟାମୋଟି ଭାବରେ ବର୍ତ୍ତମାନର ସମାଜ ଇଣ୍ଟରନେଟ୍‌କୁ ସମର୍ଥନ କରନ୍ତି ଏବଂ ଏହାର ଲାଭ କଥା ସବୁବେଳେ ଆଲୋଚିତ ହୁଏ ଏବଂ ଇଣ୍ଟରନେଟ୍ ବ୍ୟବହାର ବିପକ୍ଷରେ ଯୁକ୍ତି କରୁଥିବା ବ୍ୟକ୍ତିଟି ପରାସ୍ତ ହେବାକୁ ବାଧ୍ୟହୁଏ । କାରଣ ଇଣ୍ଟରନେଟ୍ ଆମକୁ କିପରି ପ୍ରଭାବିତ କରୁଛି, ଏହାର ନକାରାତ୍ମକ ପ୍ରଭାବ ଅଛି କି ନାହିଁ ସେ ଉପରେ ଆମେ ସଠିକ୍‌ଭାବରେ ତର୍ଜମା କରିନାହେଁ ବା କରିବାକୁ ଚେଷ୍ଟା କରିନାହେଁ । ୱେବ୍ ସମାଜ ଉପରେ ବିଶେଷ କରି ପିଲାମାନଙ୍କ ଉପରେ ପଡୁଥିବା ପ୍ରଭାବ ବିଷୟରେ ଆମେ ଏପର୍ଯ୍ୟନ୍ତ ଜାଣିନାହୁଁ । କିନ୍ତୁ, ଆମେ ୱେବ୍‌ର ସର୍ବବ୍ୟାପକତା ସମ୍ପର୍କରେ ଅବଗତ । ବହୁ ଭଲ କାର୍ଯ୍ୟ ପାଇଁ ଉପଯୋଗୀ ହେଉଥିବାବେଳେ ଯୁବକମାନଙ୍କ ପାଇଁ ଅନଲାଇନ୍ ପର୍ଣ୍ଣୋଗ୍ରାଫି ଏବଂ ଗ୍ରାଫିକ୍ ହିଂସା ଠାରୁ ଆରମ୍ଭ କରି ବ୍ଲାକମେଲ୍ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ବିଷାକ୍ତ ପ୍ରଭାବର ସମ୍ମୁଖୀନ ହେବା ସହଜ କରିଛି । ଏବେ ବହୁ ଦେଶ ବିଷାକ୍ତ ପଦାର୍ଥକୁ ୱେବରୁ ହଟାଇବା ନେଇ ପଦକ୍ଷେପ ଘୋଷଣା କରିଛନ୍ତି । ଆମ ଦେଶ ମଧ୍ୟ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ସଚେତନତା ବଢାଇବା ପାଇଁ କାର୍ଯ୍ୟକ୍ରମ କରୁଛନ୍ତି । ଖୁସିର କଥା, ଖାଲି ଆମ ଦେଶ ନୁହେଁ ବହୁ ଦେଶ ଖରାପ ପ୍ରଭାବ ପକାଉଥିବା ୱେବସାଇଟ୍ ଏବଂ ସୋସିଆଲ ମିଡିଆ ଆକାଉଣ୍ଟ ବନ୍ଦ କରିବା ନେଇ କାର୍ଯ୍ୟ ଆରମ୍ଭ କରିଛନ୍ତି । କ୍ଷତିକାରକ ସାଇଟ ଏବଂ ସୋସିଆଲ ମିଡିଆ ଆକାଉଣ୍ଟକୁ ହଟାଇବା ପାଇଁ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଠିକ୍ । ଟେକ୍ ପ୍ଲାଟଫର୍ମଗୁଡିକୁ ସେମାନଙ୍କ ପ୍ଲାଟଫର୍ମରେ ଥିବା କ୍ଷତିକାରକ ବିଷୟବସ୍ତୁ ଦ୍ୱାରା ହେଉଥିବା କ୍ଷତି ହ୍ରାସ କରିବା ଓ ଅଧିକ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ଉତ୍ସାହିତ କରିବା ପାଇଁ ଆଇନର ଚାପ ଆବଶ୍ୟକ । କିନ୍ତୁ ପିଲାମାନଙ୍କୁ ଏ ସବୁଥିରୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟକ୍ରମ ଘର ଏବଂ ଶ୍ରେଣୀଗୃହରୁ ଆରମ୍ଭ ହେବା ଦରକାର । ୟୁନିସେଫ୍ ପରି ଅନେକ ଶିଶୁ–କୈନ୍ଦ୍ରିକ ସଂଗଠନ, ପିତାମାତାଙ୍କୁ ପରାମର୍ଶ ଦିଅନ୍ତି ଯେ ଇଣ୍ଟରନେଟ୍‌ରେ ଥିବା ସମ୍ଭାବ୍ୟ ବିପଦ ବିଷୟରେ ସେମାନଙ୍କ ପିଲାମାନଙ୍କୁ ଅବଗତ କରାଇବା ଦରକାର । ପିଲାମାନଙ୍କ ସହ ସମାନ ଅନୁପାତରେ ବୟସ୍କମାନଙ୍କ ର ମଧ୍ୟ ଟେକ୍ନୋଲୋଜିର ଉପରେ ଧାରଣା ରହିବା ଦରକାର ଯାହା ପିଲାଙ୍କୁ ନିୟନ୍ତ୍ରଣ କରିବାରେ ସହାୟକ ହେବ । ଡେସ୍କଟପ୍ କମ୍ପ୍ୟୁଟରରୁ ସ୍ମାର୍ଟଫୋନ୍‌ର ଉପଲବ୍ଧ ଯୋଗାଯୋଗକୁ ଆହୁରି ସରଳ ଓ ସହଜ କରିଛି । ଏହାର ସୁଯୋଗ ନେଇ ବହୁ ୱେବସାଇଟ ଖରାପ ବିଷୟବସ୍ତୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସୁଯୋଗ ନେଉଛନ୍ତି ଯାହା ପିଲାମାନଙ୍କୁ କେତେକ କ୍ଷେତ୍ରରେ ବିପଦମୁହାଁ କରୁଛି । ପିଲା ବିପଥଗାମୀ ହେଉଛନ୍ତି । ତେଣୁ ଏହା ଉପରେ କିପରି ନିୟନ୍ତ୍ରଣ ଅଣାଯାଇ ପାରିବ ସେ ନେଇ ଚିନ୍ତା କରିବାର ସମୟ । ଟେକ୍ନୋଲୋଜି ଯୁବକମାନଙ୍କୁ ଅନନ୍ୟ ଲାଭ ପ୍ରଦାନ କରେ, ଯେପରିକି ମାନବ ଜ୍ଞାନର ବ୍ୟାପକ ପ୍ରବେଶ, ଦୂରରୁ ଶିଖିବାର ସୁଯୋଗ ଦେବାସହ ସେମାନଙ୍କର ସୃଜନଶୀଳତାକୁ ବଢାଇବାରେ ସହଯୋଗ କରେ । ଏହା ମଧ୍ୟ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ସହିତ ଯୋଗାଯୋଗ ଏବଂ ତଦାରଖ କରିବାରେ ସହାୟକ ହେଇଥାଏ । କିନ୍ତୁ ଇଣ୍ଟରନେଟ ମାଧ୍ୟମରେ ଉପଲବ୍ଧ ହେଉଥିବା ଅନେକ ଖରାପ ବିଷୟବସ୍ତୁ ଓ କାର୍ଯ୍ୟ ସାଧାରଣତଃ ଯୁବକ ଓ ପିଲାମାନଙ୍କୁ ଆକର୍ଷିତ କରିଥାଏ ଏବଂ ବିପଥଗାମୀ କରାଇଥାଏ । ଏ ସବୁଥିରୁ ପିଲାମାନେ କିପରି ଦୂରରେ ରହିପାରିବେ ସେ ଦିଗରେ ପ୍ରୟାସ କରାଯିବା ଜରୁରୀ । ଶିଶୁ ଏବଂ କିଶୋରମାନେ ଅନ୍ୟମାନଙ୍କ ତୁଳନାରେ ଏହାକୁ ଅଧିକ ବ୍ୟବହାର କରୁଥିବା ପରି ମନେହୁଏ । ସେମାନେ ବିଭିନ୍ନ କାରଣରୁ ଇଣ୍ଟରନେଟ୍ ବ୍ୟବହାର କରନ୍ତି ଯଥା, ଅନଲାଇନ୍ ମାଧ୍ୟମରେ ପାଠପଢିବା ଠାରୁ ଆରମ୍ଭକରି ସେମାନଙ୍କ ସାଥୀ ଏବଂ ପରିବାର ସହିତ ସଂଯୁକ୍ତ ରହିବା, ଅନ୍ୟାନ୍ୟ ବିଭିନ୍ନ ପ୍ରକାର ଗେମ ମାଧ୍ୟମରେ ସମୟ ବିତାଇବା ଏବଂ ନିଜର ସୃଜନଶୀଳତାର ବିକାଶ କରାଇବା । ଏ ସବୁ ଠିକ, କିନ୍ତୁ ଅତ୍ୟଧିକ ଇଣ୍ଟରନେଟ୍ ବ୍ୟବହାର ଏକ ଶିଶୁ କିମ୍ବା କିଶୋରଙ୍କ ମଧ୍ୟରେ ଇଣ୍ଟରନେଟ୍ ନିଶା ବିକଶିତ କରିପାରେ, ଯାହା ଅନେକ ଖରାପ ପ୍ରଭାବ ପକାଇପାରେ । ଅତ୍ୟଧିକ ଅନଲାଇନ୍ ନିଶା କ୍ଷତିକାରକ ଆଚରଣରେ ପରିଣତ ହୋଇପାରେ ଯେପରିକି ସୋସିଆଲ ମିଡିଆର ଭୁଲ ବ୍ୟବହାର, ଇମ୍ପଲ୍‌ସିଭ୍ ଅନ୍‌ଲାଇନ୍ କ୍ରୟ, ଅତ୍ୟଧିକ ଭିଡିଓ ଗେମିଂ ଏବଂ ଅନଲାଇନ୍ ଗେମିଂ, ଯାହାକୁ ସାମୂହିକ ଭାବରେ ଇଣ୍ଟରନେଟ୍‌ର ସମସ୍ୟାଗତ ବ୍ୟବହାର କୁହାଯାଏ । ଭର୍ଚୁଆଲ୍ ଦୁନିଆରେ ଅଧିକାଂଶ ସମୟ ବିତାଉଥିବା ଶିଶୁ ଏବଂ କିଶୋରମାନେ ଧୀରେ ଧୀରେ ବାସ୍ତବ ଦୁନିଆରୁ ଦୂରେଇ ଯାଆନ୍ତି । ସେମାନେ ଶୀଘ୍ର ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହୁଅନ୍ତି ଏବଂ ଯେତେବେଳେ ସେମାନେ ଇଣ୍ଟରନେଟ୍ ପାଇପାରନ୍ତି ନାହିଁ ଚିନ୍ତା, ଦୁଃଖ ଏବଂ ଉଦାସୀନତା ଅନୁଭବ କରିବା ଆରମ୍ଭ କରନ୍ତି । ଅତ୍ୟଧିକ ବ୍ୟବହାର ନିଦରେ ବ୍ୟାଘାତ କରେ ଯାହା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ଯେଉଁମାନେ ଇଣ୍ଟରନେଟରେ ବହୁତ ସମୟ ବିତାଉଛନ୍ତି ସେମାନେ ଏକ କିମ୍ବା ଅନେକ ଅନଲାଇନ୍ ସମ୍ପ୍ରଦାୟର ଏକ ଅଂଶ ହେବାକୁ ଲାଗନ୍ତି । ସେମାନେ ଅନେକ ବ୍ୟକ୍ତିଙ୍କ ସହିତ ଘନିଷ୍ଠ ବନ୍ଧୁତା କିମ୍ବା ଅନ୍ତରଙ୍ଗ ସମ୍ପର୍କର ବିକାଶ କରନ୍ତି । ଏହି ବ୍ୟକ୍ତିବିଶେଷଙ୍କ ସହିତ ସଂଯୁକ୍ତ ରହିବାକୁ ସେମାନେ ଦୀର୍ଘ ସମୟ ଧରି ଅନଲାଇନ୍ ରୁହନ୍ତି ଏବଂ ଧୀରେ ଧୀରେ ସେମାନଙ୍କ ପରିବାର ଏବଂ ସାଥୀମାନଙ୍କଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଅଲଗା ରୁହନ୍ତି, ଯାହା ବେଳେବେଳେ ସେମାନଙ୍କୁ ଉଦାସ କରିଥାଏ । ତେଣୁ ପିଲାମାନେ ଇଣ୍ଟନରନେଟର ବ୍ୟବହାରର ସଦୁପଯୋଗ କିପରି କରିପାରିବେ ତାହା ପିତାମାତା, ଶିକ୍ଷକ ଓ ସମାଜ ଯତ୍ନ ନେବାର ଆବଶ୍ୟକତା ରହିଛି । ସେହିପରି ସମ୍ଭାବ୍ୟ ବିପଦ ଉପରେ ମଧ୍ୟ ପିତାମାତା, ଶିକ୍ଷକ ଓ ସମାଜ ପିଲାଙ୍କ ସହ ଆଲୋଚନା କରିବା ଆବଶ୍ୟକ । ବିଶେଷକରି, ବିଷାକ୍ତ ବିଷୟବସ୍ତୁ ଓ କାର୍ଯ୍ୟକ୍ରମରୁ ପିଲାମାନେ କିପରି ଦୂରରେ ରହିପାରିବେ ସେ ଦିଗରେ ପ୍ରୟାସ କରାଯିବା ସମୟର ସବୁଠାରୁ ବଡ ଆହ୍ୱାନ । ସରକାର ମଧ୍ୟ ବିଷାକ୍ତ ବିଷୟବସ୍ତୁ ଥିବା ୱେବସାଇଟଗୁଡିକୁ ହଟାଇବା ପାଇଁ ବା ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପ୍ରୟାସ କରିବା ଉଚିତ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଜଳହିଁ ଜୀବନ ...

**ଡ.ଇଂ.ସଞ୍ଜୟ କୁମାର ପଣ୍ଡା**

ବ୍ରହ୍ମାଣ୍ଡ ସୃଷ୍ଟିରେ ଉପଲବ୍ଧ ପଞ୍ଚଭୂତ ଯଥା– ଆପ୍, ତେଜ, ବାୟୁ,ଆକାଶ, ପୃଥିବୀ ମାନବ ଶରୀରର ଅବିଚ୍ଛେଦ୍ୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ । ମାନବ ଜୀବନର ଅସ୍ତିତ୍ୱ ପଞ୍ଚଭୂତ ବ୍ୟତିରେକ ଅଚିନ୍ତନୀୟ । ଜୀବନ ସଂଗ୍ରାମରେ ଏହି ଉପାଦାନଗୁଡିକ ଯେତେ ମାତ୍ରାରେ ଉପକାର କରିଛନ୍ତି, ସେତିକି ପରିମାଣରେ ମଧ୍ୟ ଅପବ୍ୟବହାର ହେତୁ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି । ସହଜଶୀଳ ଜୀବନ ଅତିବାହିତ କରିବା ଲକ୍ଷ୍ୟରେ ପ୍ରକୃତି ପ୍ରଦତ୍ତ ଏହି ଦିବ୍ୟଗୁଣ ସଦାସର୍ବଦା ବିକଶିତ ସଭ୍ୟତା ସୃଷ୍ଟି କରିଥାଏ । ପ୍ରତ୍ୟେକ ସଭ୍ୟତା କାଳଖଣ୍ଡର ଆବଶ୍ୟକତା ଓ ତା'ର ବଞ୍ଚିବାର ଶୈଳୀକୁ ନେଇ ପରିପୁଷ୍ଟ । ଏହି ଧାରାରେ ନ୍ୟୁନତମ ସାମାଜିକ ଉପଲବ୍ଧି ମାନବୀୟ ମୂଲ୍ୟବୋଧ ଓ ଜୀବନ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ମନୁଷ୍ୟ ପ୍ରକୃତ୍ୟାଶ୍ରୟୀ ହୋଇଥିବାରୁ ନିଜର ବିଶ୍ୱସନୀୟତା ବଜାୟ ରଖି ପ୍ରକୃତିର ଉପାସନା କରି ଗଭୀର କୃତଜ୍ଞତା ଜ୍ଞାପନ କରିଥାଏ । ଏହି ଭାବାବେଗ ସର୍ବଦା ଉତ୍ତରପିଢିକୁ ସମ୍ପ୍ରସାରିତ ହୋଇ ସକରାତ୍ମକ ଧର୍ମୀୟ ଭାବନା ସୃଷ୍ଟି କରି ସଂସ୍କୃତିର ସଂଜ୍ଞା ବହନ କରିଥାଏ । ଏହି କ୍ରମରେ ଅନନ୍ତ କାଳରୁ ହିନ୍ଦୁ ଧର୍ମର ପୂଜ୍ୟ ଦେବାଦେବୀ ପଞ୍ଚଭୂତକୁ ସାକାର କରି ସମାଜକୁ ବଞ୍ଚାଇ ରଖିଥିବା ବିଶ୍ୱାସ କରାଯାଏ । ଗବେଷକଙ୍କ ମତରେ ଖ୍ରୀଷ୍ଟପୂର୍ବ ୮୦୦୦ ରୁ ଏହି ଧର୍ମ ପ୍ରଚାର ହୋଇଥିବା କୁହାଯାଇଥିବାବେଳେ କେତେକ ଖ୍ରୀ.ପୂ. ୩୦୦୦ରୁ ବେଦର ସୃଷ୍ଟିକୁ ଗ୍ରହଣ କରି ହିନ୍ଦୁଧର୍ମର କାଳ ନିର୍ଣ୍ଣୟ କରିଥାନ୍ତି । ସର୍ବ ପୁରାତନ ହିନ୍ଦୁଧର୍ମ ପରି ଅନେକ ଧର୍ମ ପଞ୍ଚଭୂତ ପରିଧିରେ ସମନ୍ୱିତ ହୋଇଥାଏ । ଅତଏବ ପଞ୍ଚଭୂତ ବିନା ମାନବ ସଭ୍ୟତା, ଧର୍ମ ଓ ସଂସ୍କୃତି ଅକଳ୍ପନୀୟ ଓ ସତ୍ତାହୀନ ।

ପଞ୍ଚଭୂତ ମାନବ ଶରୀରର ବିଭିନ୍ନ ତତ୍ତ୍ୱକୁ ଅନୁଶାସିତ କରିଥାନ୍ତି । ଆପ୍ ସାଧାରଣତଃ ଜଳତତ୍ତ୍ୱକୁ ବୋଧ କରିଥାଏ । ହିନ୍ଦୁଧର୍ମ ଅନୁସାରେ ଜଳକୁ କେବଳ ମାନବ ଶରୀର ଭୌତିକ ଆବଶ୍ୟକତା ଭାବେ ବିବେଚନା କରାଯାଇ ନ ଥାଏ, ବରଂ ଜଳର ଆଧ୍ୟାତ୍ମିକ ପ୍ରଭାବ ମାନବ ସତ୍ତାକୁ ସର୍ବଦା ପ୍ରଭାବିତ କରି ରଖିଥାଏ । ଆଧ୍ୟାତ୍ମିକ ପୂଜା ପଦ୍ଧତିରେ ଜଳକୁ ବିଶୋଧନର ମାଧ୍ୟମ ରୂପେ ବିବେଚନା କରାଯାଇ ପ୍ରଦୂଷଣ ଦୂରୀଭୂତ କରାଯିବାରେ ବ୍ୟବହାର କରାଯାଏ । ଏଥି ସହିତ ପାତ୍ର ପ୍ରକ୍ଷାଳନ, ଦ୍ରବ୍ୟ ବିଶୋଧନ, ଦେବସ୍ଥାନ ଓ ଅଭିଷେକ ଆଦି କର୍ମରେ ଜଳୋପଯୋଗ କରାଯାଇଥାଏ । ଜଳ ତର୍ପଣ କରାଯାଇ ଦେବତାଙ୍କୁ ଆବାହନ କରାଯାଇ ସନ୍ତୁଷ୍ଟ କରାଯାଏ । ପୂର୍ଣ୍ଣ କୁମ୍ଭରେ ପଞ୍ଚଗବ୍ୟ ସହ ବିଶୁଦ୍ଧ ଜଳ ସଂରକ୍ଷିତ କରାଯାଇ ଆମ୍ରଡାଳ ଓ ନାରିକେଳର ସଂଯୋଗରେ ଦେବତାଙ୍କୁ ଆସ୍ଥାନ ନିମନ୍ତେ ନିମନ୍ତ୍ରଣ କରାଯାଏ । ବିଶ୍ୱାସ ରହିଛି ଏହି ପୂର୍ଣ୍ଣକୁମ୍ଭରେ ଜୀବନ୍ୟାସ ହୋଇଥିବା ଦେବତାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥାଏ । ପୂଜା ବିଧି ପ୍ରକାରେ ପୂର୍ଣ୍ଣକୁମ୍ଭ (ତମ୍ବା, ରୂପା, ସ୍ୱର୍ଣ୍ଣ କିମ୍ବା ମୃତ୍ତିକା ନିର୍ମିତ) ଭିନ୍ନ ଭିନ୍ନ ମଣ୍ଡଳରେ ଅବସ୍ଥାପିତ ହୋଇଥାଏ । ଜଳ ପୂର୍ଣ୍ଣ କୁମ୍ଭକୁ ବ୍ରହ୍ମାଣ୍ଡ ରୂପେ ମାନ୍ୟତା ଦିଆଯାଏ । ଜଳ ତର୍ପଣ ହିନ୍ଦୁ ଧର୍ମରେ କୃତଜ୍ଞତାର ପର୍ବ ଅଟେ । ପିତୃପୁରୁଷ ଓ ଦେବାଦେବୀଙ୍କୁ ଗଙ୍ଗାଜଳ, ଅକ୍ଷତ, କୁଶ, ହରିଦ୍ରା, ଅଗୁରୁ, ଚନ୍ଦନ ଆଦିର ସମ୍ମିଶ୍ରଣରେ ପାତ୍ରି ମାଧ୍ୟମରେ ଜଳ ତର୍ପଣ କରାଯାଏ । ଏହି ବିଧି ସମର୍ପଣ, କୃତଜ୍ଞତା ଓ ଭକ୍ତିଭାବର ପ୍ରତୀକ ହୋଇ ପିତୃପୁରୁଷ ଓ ଦେବାଦେବୀଙ୍କ ସନ୍ତୁଷ୍ଟି ନିମନ୍ତେ ଅଭିପ୍ରେତ ।

ପୂଜା ସମୟରେ ଶରୀର ବିଶୋଧନ ନିମନ୍ତେ କୁଶଦ୍ୱାରା ଜଳ ସିଞ୍ଚନ ଆପାଦ ମସ୍ତକରେ କରାଯାଏ । ଫଳତଃ ଶରୀର, ଆତ୍ମା ଓ ମାନସ ପବିତ୍ର ହୋଇଥାଏ । ଆଚମନରେ ଜଳ ବ୍ୟବହାର କରି ଅନ୍ତରାତ୍ମା ବିଶୋଧନ କରାଯାଇଥାଏ । ବିଶ୍ୱାସ ରହିଛି ଯେ ଆଚମନ ଦ୍ୱାରା କଳୁଷିତ ଆତ୍ମା ବିଶୋଧିତ ହୁଏ । ସୂର୍ଯ୍ୟାର୍ଘ୍ୟ ପ୍ରଦାନ କରାଯାଇ ପୂଜାରମ୍ଭ କରାଯାଉଥିବାବେଳେ ଶକ୍ତି ଓ ଜୀବନ କିମ୍ବା ଜଳ ଓ ଅଗ୍ନିର ଶାଶ୍ୱତ ସମ୍ପର୍କକୁ ସୂଚୀତ କରାଯାଏ । ଜଳ ସିଞ୍ଚନ ଦ୍ୱାରା ଶରୀର ସମସ୍ତ ଅଙ୍ଗ ଶୁଦ୍ଧ ହେବା ସହ ଅସୁର ଆତ୍ମାର ଅପସାରଣ ହୋଇ ଦେବତାଙ୍କ ଆଗମନ ହେବାର ବିଶ୍ୱାସ ରହିଛି । ଏଠାରେ କାମନା, ବାସନା, କ୍ରୋଧକୁ ଅସୁରଙ୍କ ରୂପେ ଆଖ୍ୟାୟିତ କରାଯାଏ ଓ ସୂର୍ଯ୍ୟଙ୍କୁ ପ୍ରଜ୍ଞାର ଉଦୟ ରୂପେ ବିବେଚନା କରାଯାଏ । ଅଗ୍ନି ଯେପରି ସମସ୍ତ କଳୁଷିତ ଅବଗୁଣକୁ ଦହନ କରିଥାଏ, ଜଳ ମଧ୍ୟ ସେହିପରି ସମସ୍ତ ପାପକୁ ଧୌତ କରି ପୁଣ୍ୟତା ପ୍ରଦାନ କରିଥାଏ । ଏପରିକି ଶବ ସତ୍କାର, ଅସ୍ଥି ବିସର୍ଜନ ଓ ଅନ୍ୟାନ୍ୟ ପ୍ରେତକର୍ମ ଆଦିରେ ଜଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୌରାଣିକ ମତାନୁସାରେ ଜଳକୁ ଅଗ୍ନିର ସ୍ୱରୂପ ରୂପେ ମାନ୍ୟତା ରହିଛି । ଜଳକୁ ପୃଥିବୀର ଯୋନି ରୂପେ ବର୍ଣ୍ଣନା କରାଯାଏ । ଜଳ ହିଁ ଅମୃତର ଧାରା ଓ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଆଧାର ଅଟେ ।

*'ଅଗ୍ନିମୂର୍ତ୍ତିଃ କ୍ଷିତେର୍ୟୋନିରମୃତସ୍ୟ*
*ଚ ସମ୍ଭବଃ, ଅତୋଦ୍ଭସଃ ସର୍ବଭୂତାନାଂ ମୂଳ*
*ମିତ୍ୟୁଚ୍ୟତେ ବୁଧୈଃ।'*

ବିଷ୍ଣୁ ପୁରାଣ ଅନୁସାରେ ପ୍ରଭୁ ନାରାୟଣ ସୃଷ୍ଟି ଜଳରୁ ଆରମ୍ଭ କରି ମତ୍ସ୍ୟରୂପେ ଗ୍ରହଣ କରିଥିଲେ । ଯେହେତୁ ଜଳ (ନାର) ଭଗବାନଙ୍କ ଆୟନ (ବାସସ୍ଥାନ) ହୋଇଛି, ଏଣୁ ତାଙ୍କୁ ନାରାୟଣ କୁହାଯାଏ ।

*'ଆପୋ ନାରା ଇତି ପ୍ରୋକ୍ତା ନାମ ପୂର୍ବମିତି*
*ଶ୍ରୁତି, ଅୟନଂ ତସ୍ୟ ତା ଯସ୍ମାତ୍ ତେନ*
*ନାରାୟଣ ସ୍ମୃତା'*

ଜଳ ଶରୀର ମଧ୍ୟରେ ରହି ଶରୀରର ପ୍ରତ୍ୟେକ ତତ୍ତ୍ୱକୁ ନିୟନ୍ତ୍ରଣ କରୁଥିବାରୁ ଏହାକୁ ଅମୃତ କୁହାଯାଏ । ଶରୀର ପରି ଜଗତର ପ୍ରାଣ ମଧ୍ୟ ଜଳ । ଜଳର ଆଧାରରେ ସମସ୍ତ ଚର, ଅଚର ସ୍ଥିତିବାନ । ଜଳକୁ ଶକ୍ତି ରୂପେ ମଧ୍ୟ ପୂଜା କରାଯାଇଥାଏ । ଜଳକୁ ଶ୍ରୀକୃଷ୍ଣ ରୂପେ ପୂଜା କରାଯାଏ, ଯିଏ କି ଜଳରୁ ଜଳ ସୃଷ୍ଟି କରନ୍ତି, ଜଳରୁ ଜଳ ପାଳନ ଓ ଜଳରୁ ଜଳକୁ ହରଣ କରିଥାନ୍ତି ।

*'ଜଳଂ ଜଳେନ ସୃଜତି ଜଳଂ*
*ପାତି ଜଳେନ ୟଃ, ହରେ ଜ୍ଜଳଂ*
*ଜଳେନୈବ ତଂ କୃଷ୍ଣ ଭଜ ସନ୍ତତମ୍ ।'*

ଅତଏବ ଜଳ ଯେ ଶାଶ୍ୱତ ଏବଂ ନାରାୟଣ ବା କୃଷ୍ଣଙ୍କ ସାକ୍ଷାତ ରୂପ, ଏହା ନିଃସନ୍ଦେହ । ଜଳ ହିନ୍ଦୁ ଧର୍ମରେ ପୂଜ୍ୟ ଏହା ନୁହେଁ, ଏ ସମାଜର ସମସ୍ତ ଜଡ, ଜୀବ ଓ ଧର୍ମ ଜଗତର ଉପାସ୍ୟ ।

ବୈଜ୍ଞାନିକ ଯୁଗରେ ଜଳର ବୈଜ୍ଞାନିକ ଅନୁଶୀଳନ କରିବା ବିଧେୟ । ଖାଦ୍ୟ ବିନା ମନୁଷ୍ୟ ସପ୍ତାହାନ୍ତେ କାଳ ଜୀବିତ ରହିପାରିବ କିନ୍ତୁ ବିନା ଜଳରେ ସେ ବଞ୍ଚିବା କଷ୍ଟ । ମନୁଷ୍ୟ ଶରୀରରେ ୯୮ ପ୍ରତିଶତ ଜଳ ଥିବାରୁ ଜଳର ଆବଶ୍ୟକତା ସହଜେ ଅନୁମେୟ । ଏଣୁ କୁହାଯାଏ 'ଜଳମେବ ଜୀବନମ୍' ।

ସୂର୍ଯ୍ୟଙ୍କ ଦ୍ୱାରା ଦୀର୍ଘ ଆଠମାସ ଜଳ ଶୋଷଣ ହୋଇ ଅନ୍ୟୁନ ଚାରିମାସ ବର୍ଷା ମାଧ୍ୟମରେ ପୃଥିବୀରେ ଅବତରଣ ହୁଏ । ଏହି ଜଳ ଶ୍ୱେତ ମୃତ୍ତିକାରେ ପତିତ ହେଲେ କଷା, ପାଣ୍ଡୁବର୍ଣ୍ଣ ମୃତ୍ତିକାରେ ପଡିଲେ କ୍ଷାର, ଉସର (ଲବଣ) ମୃତ୍ତିକାରେ ପଡିଲେ ଲବଣ, ପର୍ବତରେ ପଡିଲେ କଟୁ ଓ କଳା ମୃତ୍ତିକା (ଚିକିଟା) ରେ ପଡିଲେ ମଧୁର ହୋଇଥାଏ । ଜଳ ତୃଷ୍ଣା, ମୂର୍ଚ୍ଛା, ଜ୍ୱଳନ, ପିତ୍ତବିକାର, ରକ୍ତବିକାର ଦୂର କରିବା ସହ ଗ୍ଲାନି, ହାଲିଆପଣ ଦୂର କରିଥାଏ । ଜଳକୁ ସୁବର୍ଣ୍ଣ, ରୌପ୍ୟ, ତମ୍ବା, ସ୍ଫଟିକ ଓ ମୃତ୍ତିକା ପାତ୍ରରେ ପାନ କଲେ ଏହାର ଧାତବ ଗୁଣ ମନୁଷ୍ୟ ଶରୀରକୁ ସ୍ୱାସ୍ଥ୍ୟବାନ କରିଥାଏ ।

ରାସାୟନିକ ଦୃଷ୍ଟିକୋଣରୁ ଜଳ ଉଦ୍‌ଜାନ ଓ ଅମ୍ଳଜାନର ସମ୍ମିଶ୍ରଣରେ ସୃଷ୍ଟି ହୋଇଥାଏ । ପୁନଶ୍ଚ ଅନୁଶୀଳନରୁ ଜଣାଯାଏ ଯେ ଉଦ୍‌ଜାନ ଓ ଅମ୍ଳଜାନ ଜ୍ୱଳନଶୀଳ ରସାୟନ ହୋଇଥାନ୍ତି । ଜଳରୁ ଅଗ୍ନିର ସୃଷ୍ଟି ଏଥିପାଇଁ କୁହାଯାଇଥାଏ, ଜଳ ଓ ଅଗ୍ନି ପରସ୍ପରର ପରିପୂରକ । ଅଗ୍ନିରୁ ଜଳ କିମ୍ବା ଜଳରୁ ଅଗ୍ନି, ଏହା ଏକ ବିତର୍କର ବିଷୟ ହେଲେ ମଧ୍ୟ ଏହି ଦୁହେଁ ଯେ ମାନବ ସଂସ୍କୃତିର ଅବିଚ୍ଛେଦ୍ୟ ଉପାଦାନ ଏହା ସ୍ୱୀକାର୍ଯ୍ୟ । ଏ ଦୁଇ ଉପାଦାନ ପରସ୍ପରର ନିର୍ବାପନର ମାଧ୍ୟମ । ଅଗ୍ନି ଜଳକୁ ବାଷ୍ପ କରିଦିଏ, ଠିକ୍ ସେହିପରି ଜଳ ଅଗ୍ନିକୁ ନିଶ୍ଚିହ୍ନ କରିଦିଏ । ଜଳ ଅତ୍ୟଧିକ ଗରମ କଲେ (ପରମାଣୁ ରିଏକ୍ଟର ଶୀତଳିକରଣ ପ୍ରଣାଳୀ) ଏଥିରୁ ଉଦ୍‌ଜାନ ଓ ଅମ୍ଳଜାନ ନିର୍ଗତ ହୁଏ, ଯାହା ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ବିସ୍ଫୋରଣ ସୃଷ୍ଟି କରିଥାଏ । ଏଣୁ ଜଳ ଓ ଅଗ୍ନି ଉଭୟ ସର୍ଜନ ଓ ବିନାଶଶୀଳ ହୋଇଥାଏ ।

ବିକାଶୋନ୍ମୁଖୀ ପୃଥିବୀରେ ଗୃହକର୍ମ, କୃଷି, ବିଦ୍ୟୁତ ଉତ୍ପାଦନ, କଳକାରଖାନା, ଜଳସେଚନ, ପାନୀୟ (ବିଶୁଦ୍ଧ) ନିମନ୍ତେ ଜଳର ଯଥେଷ୍ଟ ପ୍ରୟୋଜନ ରହିଛି । ପୃଥିବୀର ଶତକଡା ଏକସ୍ତରୀ ଭାଗ ଜଳଥିବାବେଳେ ବିଶୁଦ୍ଧ ଜଳର ମାତ୍ରା ସମୁଦ୍ର ଜଳ ତୁଳନାରେ ୩.୦ ଶତକଡା ରହିଥାଏ । ଏହି ବିଶୁଦ୍ଧ ଜଳର ଅଧିକାଂଶ ଭାଗ ୯୦ପ୍ରତିଶତ ବରଫ, ବାୟୁମଣ୍ଡଳ ଓ ମୃତ୍ତିକା ମଧ୍ୟରେ ଅବସ୍ଥିତ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଉପଲବ୍ଧ ୩ ପ୍ରତିଶତ ବିଶୁଦ୍ଧ ଜଳରୁ କେବଳ ୦.୩ ପ୍ରତିଶତ ବିଶୁଦ୍ଧ ଜଳ ଭୂମିରେ ପ୍ରବାହିତ । ଏଣୁ ଜଳର ସଠିକ୍ ବ୍ୟବହାର ଓ ସଂରକ୍ଷଣ ନିହାତି ଆବଶ୍ୟକ ।

ଜଳ ହିଁ ସମ୍ପଦ ବିବେଚନା କରି ଆମେ ଏହାର ଆବଶ୍ୟକ ମୁତାବକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ବ୍ୟବହାର ନ କଲେ ଜଳ ଭବିଷ୍ୟତରେ ଅନ୍ୟ ଏକ ବିଶ୍ୱ ଯୁଦ୍ଧର କାରଣ ହୋଇପାରେ । ଅନାବଶ୍ୟକ ଗୃହସ୍ଥ ବ୍ୟବହାରରୁ ନିବୃତ ରହିଲେ ଜଳ ସଂରକ୍ଷଣ ହେବ । ଗୃହ ଛାତରେ ବର୍ଷାଜଳ ଅମଳ କରିପାରିଲେ ଓ ନିଜ ନିଜର କୂପରେ ସଂରକ୍ଷଣ କରିପାରିଲେ ଭୂତଳ ଜଳ ସଂରକ୍ଷଣ ହେବ ଓ ଜଳ କ୍ଲିଷ୍ଟ କିଛି ମାତ୍ରାରେ ଦୂର ହେବ । ସମାଜରେ ଭୂମିର ସଦୁପଯୋଗ କରିବା ସହ ବୃକ୍ଷରୋପଣ, ଜଙ୍ଗଲ ସୃଷ୍ଟି, ପ୍ରାକୃତିକ ଦ୍ରବ୍ୟର ସଦୁପଯୋଗ, ସଂରକ୍ଷଣ ଓ ଉତ୍ତମ ଜୀବନଚର୍ଯ୍ୟା ରଖି ପାରିଲେ ଜଳ ସଂରକ୍ଷଣ ହେବା ସହ ପ୍ରାକୃତିକ ପରିବେଶ ସନ୍ତୁଳନ ବଜାୟ ରହିବ ।

ଜଳ ସଂରକ୍ଷଣ ପାଇଁ ସଂଗଠନାତ୍ମକ ନିର୍ମାଣ ଢାଞ୍ଚା ଯଥା କ୍ଷୁଦ୍ର ନଦୀବନ୍ଧ, ଆଡିବନ୍ଧ, ପୋଖରୀ, ହ୍ରଦ ଆଦି ସବୁ ସୃଷ୍ଟି କରିବା ସହ ଜଳସେଚନ ବ୍ୟବସ୍ଥା କରାଯାଇ ଉନ୍ନତମାନର କୃଷିପ୍ରଣାଳୀ ଆଦରି ନେଲେ ଜଳ ବ୍ୟବହାର କମ୍ ହେବା ସହ ଜଳ ସଂରକ୍ଷଣ ହୋଇପାରିବ । ବର୍ଷା ଜଳକୁ ଭୂମିରେ ଅଧିକ ସମୟ ଧାରଣ କରିପାରିଲେ ଭୂତଳ ଜଳସ୍ତର ବୃଦ୍ଧି ପାଇବ । ବୃକ୍ଷରୋପଣ ଜଳ ଧାରଣ କ୍ଷମତା ବୃଦ୍ଧି କରିବାର ପ୍ରମୁଖ ମାଧ୍ୟମ ଅଟେ । ପ୍ରକୃତି ବଞ୍ଚିଲେ ପଞ୍ଚଭୂତ ତାର ଅମୃତ ବର୍ଷା କରିବ, ନଚେତ୍ ପଞ୍ଚଭୂତର ପ୍ରଳୟ ରୂପ ଏ ବ୍ରହ୍ମାଣ୍ଡରେ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିଦେବ । ଏଣୁ କୁହାଯାଏ –

*'ପ୍ରାଣୋ ବୈ ଜଗତା ନାପୋ ଭୂତାନି*
*ଭୁବନାନି ଚ, ବହୁନାତ୍ର କିମୁକ୍ତେନ*
*ଚିରାଚର ମିଦଂ ଜଗତଃ ।'*

ଅର୍ଥାତ୍ ଜଳ ଜଗତର ପ୍ରାଣ ଅଟେ ଯେଉଁଠାରେ ଭୂତ ଓ ଭୁବନ ରହିଛି । ସମ୍ପୂର୍ଣ୍ଣ ଚର ଓ ଅଚର ଜଗତର ପ୍ରାଣ ଜଳ ଅଟେ । 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ'ଉକ୍ତିକୁ ମନେ ରଖି ବିଜ୍ଞାନୀ ଯୁଗରେ ମନୁଷ୍ୟ ନିଜର ବିକାଶ ନିମନ୍ତେ ସ୍ୱାର୍ଥୀ ନ ହୋଇ ହିତାହିତ ଜ୍ଞାନକୁ ଜାଗ୍ରତ କରି ବିକାଶ ସହ ପ୍ରକୃତିକୁ ସନ୍ତୁଳିତ ନ କଲେ ବିନାଶ ଥୟ, ଏହା ପ୍ରାଞ୍ଜଳ ଦୃଶ୍ୟମାନ ।

**ଶିକ୍ଷାବିତ,ନୀଳଚକ୍ର, ବୌଦ୍ଧ**
**ମୋ – ୯୪୩୭୦୭୯୦୯**

# ହୋମିଓପ୍ୟାଥି: ଏକ ନିରାପଦ ଚିକିତ୍ସା ପଦ୍ଧତି

**ଡାକ୍ତର ଅଶୋକ କୁମାର ସେଠି**

ହୋମିଓପ୍ୟାଥି ଚିକିତ୍ସାର ଜନ୍ମଦାତା ଜର୍ମାନ ଚିକିତ୍ସକ ଡାକ୍ତର ଖ୍ରୀଷ୍ଟିୟାନ ଫେଡେରିକ୍ ସାମୁଏଲ ହାନିମ୍ୟାନ । ସେ ଜଣେ ଏଲୋପ୍ୟାଥିକ ଚିକିତ୍ସକ ଥିଲେ ଏବଂ ୧୭୭୯ ମସିହାରେ ସେ ଏମ୍.ଡି ଡିଗ୍ରୀ ହାସଲ କରିଥିଲେ ।

ସେ ସେହି ସମୟରେ ବିଭିନ୍ନ ଔଷଧର ଭେଷଜ ଗୁଣ ସମ୍ପର୍କରେ ଗବେଷଣା କରୁଥିଲେ । ଥରେ ସେ କୁଇନାଇନ୍ ବା ସିନକୋନାରି ଦ୍ରବ୍ୟ ଗୁଣ ସମ୍ବନ୍ଧରେ ଗବେଷଣା କରୁ କରୁ ନିଜେ ସିନକୋନା ଖାଇବାରୁ ତାଙ୍କ ଦେହରେ ଜ୍ୱର ଓ କମ୍ପର ଲକ୍ଷଣ ପ୍ରକାଶ ପାଇଲା । ଏ ସବୁ କାହିଁକି ହେଲା ତା ଉପରେ ଗବେଷଣା କରିବା ଫଳରେ ଜନ୍ମ ହେଲା ହୋମିଓପ୍ୟାଥି ।

୧୮୦୬ ମସିହାରେ କର୍ମାନୀ ଚିକିତ୍ସକ ବୈଜ୍ଞାନିକ ଡାକ୍ତର ସାମୁଏଲ ହାନିମ୍ୟାନ୍‌ଙ୍କ ଦ୍ୱାରା ପ୍ରଥମେ ଆବିଷ୍କାର ହେଲା ଏକ ବିକଳ୍ପ ଚିକିତ୍ସା ପଦ୍ଧତି ହୋମିଓପ୍ୟାଥି । ହୋମିଓପ୍ୟାଥିର ମୁଖ୍ୟ ଗୁଣ ବା ବୈଶିଷ୍ଟ୍ୟ ହେଲା ସମ ମତ ରୂପ ଅପୂର୍ବ ସତ୍ୟ ବା ସଦୃଶ ନିଦାନ ।

ସେତେବେଳେ ଔଷଧଗୁଡିକ ପଶୁମାନଙ୍କ ଉପରେ ଗବେଷଣା କରାଯାଉଥିଲା । କିନ୍ତୁ ହ୍ୟାନିମ୍ୟାନ ପ୍ରଥମେ ସୁସ୍ଥ ଲୋକ ଉପରେ ଗବେଷଣା କଲେ । ସେ କହିଲେ ଓ ପରୀକ୍ଷା କରି ଦେଖିଲେ ଯେଉଁ ଔଷଧ ମଣିଷ ଦେହରେ ରୋଗ ସୃଷ୍ଟି କରି ପାରେ, ସେହି ଔଷଧ ମଣିଷର ରୋଗ ମଧ୍ୟ ଭଲ କରିପାରେ । ସେ ସୁସ୍ଥ ଲୋକମାନଙ୍କୁ ଅତି କମ୍ ମାତ୍ରାରେ ହୋମିଓପ୍ୟାଥି ପଦ୍ଧତିରେ ଡାଇଲୁସନ୍ କରି ଔଷଧ ତିଆରି କରି ଖାଇବାକୁ ଦେଉଥିଲେ ଓ ଲକ୍ଷଣ ମାନ ଟିପି ରଖୁଥିଲେ । ସେହିପରି ଲକ୍ଷଣମାନ ରୋଗୀଙ୍କ ଠାରେ ପ୍ରକାଶ ପାଇଲେ ଔଷଧ ଦେଇ ଭଲ କରୁଥିଲେ ।

ହୋମିଓପ୍ୟାଥିକ ଚିକିତ୍ସା ବ୍ୟବସ୍ଥାରେ ଶରୀର ପ୍ରାକୃତିକ ଆରୋଗ୍ୟ ଲାଭ ଶକ୍ତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରାକୃତିକ ଆରୋଗ୍ୟ ପଦାର୍ଥକୁ ବ୍ୟବହାର କରାଯାଇଥାଏ । ଏହାଦ୍ୱାରା ରୋଗୀ ତା ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇଥାଏ । ଏହି ଆରୋଗ୍ୟକାରୀ ଦ୍ରବ୍ୟ ଉଦ୍ଭିଦ, ଖଣିଜ ପଦାର୍ଥ ଏବଂ ପ୍ରାଣୀଙ୍କଠାରୁ ସଂଗୃହୀତ ହୁଏ । ଜଣେ ହୋମିଓପ୍ୟାଥିକ ଚିକିତ୍ସକ ତାର ରୋଗୀକୁ ସମସ୍ତ ସ୍ତରରେ ଚିକିତ୍ସା କରିଥାଏ । ତାହା ମଧ୍ୟ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ସ୍ତର ଅନ୍ତର୍ଭୁକ୍ତ । ଉତ୍ତମ ହୋମିଓପ୍ୟାଥିକ ଚିକିତ୍ସକ ନିଜକୁ ସର୍ବଦା ନିଜ ରୋଗୀଠାରେ ନିୟୋଜିତ କରି ରଖିଥାଏ ।

ହୋମିଓପ୍ୟାଥିକ ଚିକିତ୍ସକ ରୋଗୀକୁ କମ୍ ମାତ୍ରାରେ ଔଷଧ ଦେଇ କମ୍ ପାଇସାରେ ଚିକିତ୍ସା କରିଥାଏ । ଏଲୋପ୍ୟାଥିକ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ବେଳେ ବେଳେ ହୁଏ, କିନ୍ତୁ ହୋମିଓପ୍ୟାଥି ଔଷଧର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ହୋମିଓପ୍ୟାଥି ରୋଗକୁ ଚିକିତ୍ସା କରେ ନାହିଁ ରୋଗୀକୁ ଚିକିତ୍ସା କରେ । ପ୍ରତ୍ୟେକ ହୋମିଓପ୍ୟାଥି ଔଷଧର ବୈଜ୍ଞାନିକ ଭିତ୍ତି ରହିଛି । ହୋମିଓପ୍ୟାଥି ଆଉ ରହସ୍ୟଜନକ ଚିକିତ୍ସା ହୋଇ ରହି ନାହିଁ । ବହୁ ବ୍ୟକ୍ତି ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ହୋଇ ଏଲୋପ୍ୟାଥି ଚିକିତ୍ସକମାନଙ୍କ ଠାରୁ ନିରାଶ ହେବାପରେ ହୋମିଓପ୍ୟାଥିର ଆଶ୍ରୟ ନେଇ ରୋଗମୁକ୍ତ ହୋଇଛନ୍ତି । ଏହାର ଅନେକ ଉଦାହରଣ ମଧ୍ୟ ସବୁବେଳେ ଉପଲବ୍ଧ ।

ହୋମିଓପ୍ୟାଥିକ ଜନକ ହ୍ୟାନିମ୍ୟାନଙ୍କ ଆଉ ଏକ ଅବଦାନ ହେଲା ପ୍ରତିଷେଧକ ଔଷଧ । ଯେତେବେଳେ କୌଣସି ଭୂତାଣୁଜନିତ ରୋଗ ମହାମାରୀ ରୂପ ନିଏ, ସେତେବେଳେ ହୋମିଓପ୍ୟାଥି ଔଷଧ ପ୍ରତିଷେଧକ ରୂପେ କାମ କରେ । ସାଇନ୍‌ଫ୍ଲୁ, ହାଡଫୁଟି, ମିଳିମିଳା ଓ ଅଖିଧାରା ଇତ୍ୟାଦି ଅନେକ ରୋଗରେ ପ୍ରତିଷେଧକ ହୋମିଓପ୍ୟାଥି ଦ୍ୱାରା ହୋଇଥାଏ ।

ଏହା ବର୍ତ୍ତମାନ ଏକ ଜନପ୍ରିୟଚିକିତ୍ସା ମଧ୍ୟ ତୁଳନାତ୍ମକ ଭାବରେ ରୋଗୀକୁ ହୋମିଓପ୍ୟାଥି ଔଷଧ ଶରୀରର ଅନ୍ତଃ ସନ୍ତୁଳନ ରକ୍ଷା କରି ଆରୋଗ୍ୟ ପ୍ରଦାନ କରିଥାଏ । ଏହା ଦ୍ୱାରା ରୋଗୀ ଶରୀର ସାମଗ୍ରିକ ସମୃଦ୍ଧି ଲାଭ କରିଥାଏ ।

ଅସୁସ୍ଥ ଶିଶୁମାନଙ୍କୁ ଆରୋଗ୍ୟ ପ୍ରଦାନ କରିବାରେ ଏ ଚିକିତ୍ସା ପ୍ରଣାଳୀର ସ୍ଥାନ ନିଆରା । ଶିଶୁମାନେ ସହଜ ଭାବରେ ଏହି ଔଷଧ ଖାଇବାକୁ ପସନ୍ଦ କରନ୍ତି । ଲୋକମାନଙ୍କର ଏକ ଭୁଲ୍ ଧାରଣା ରହିଛି, ହୋମିଓପ୍ୟାଥି ଔଷଧ ଶୀଘ୍ର କାମ କରେ ନାହିଁ । ହୋମିଓପ୍ୟାଥିକ ଔଷଧ ଶୀଘ୍ର କାମ ନ କରିବାର କାରଣ ହୋମିଓପ୍ୟାଥିକ ଡାକ୍ତରଙ୍କର ଔଷଧ ନିର୍ଣ୍ଣୟ କରିବାରେ ଅପାରଗତା କିମ୍ବା ରୋଗୀ ତାର ଲକ୍ଷଣଗୁଡିକ ସଠିକ୍ ରୂପେ ଉପସ୍ଥାପନା କରି ପାରି ନ ଥିବା ହୋଇଥାଏ ।

ଉଦାହରଣ ସ୍ୱରୂପ ଗୋଟିଏ ଛୋଟ ଶିଶୁକୁ ତରଳ ଝାଡା ହେଉଛି । ଝାଡାର ରଙ୍ଗ, ଗନ୍ଧ ଓ ସମୟ କହି ନ ପାରିଲେ ଔଷଧ କାମ ଦେବ ନାହିଁ । କାରଣ ହୋମିଓପ୍ୟାଥିରେ ହଳଦିଆ ଝାଡା, ଶାଗୁଆ ଝାଡା ଓ ବିଭିନ୍ନ ପ୍ରକାର ଗନ୍ଧର ଅଲଗା ଅଲଗା ଔଷଧ ରହିଛି । ଜ୍ୱର ସହିତ ଝାଡା କଠିନ ହେଲେ ଅଲଗା ଔଷଧ । ଲକ୍ଷଣ ଠିକ୍ ଭାବେ କହିଲେ ରୋଗ ନିଶ୍ଚୟ ଭଲ ହେବ । କାରଣ ଏହା ଲକ୍ଷଣ ଦେଖି ଚିକିତ୍ସା କରାଯାଏ । ରୋଗ ଯାହା ହେଉ ଚିନ୍ତା ନାହିଁ ।

ସବୁ ବିଦ୍ୟାର କିଛି ନିୟମ ଅଛି ଓ ଏକ ନିର୍ଦ୍ଦିଷ୍ଟ ସୀମା ଅଛି । ହୋମିଓପ୍ୟାଥିକ ଚିକିତ୍ସା ସୀମା ଅଛି । ହୋମିଓପ୍ୟାଥିକ ଚିକିତ୍ସାର ସୀମା ଉପରେ ହ୍ୟାନିମ୍ୟାନ ମଧ୍ୟ ସଚେତନ କରାଇଛନ୍ତି । ଜରୁରୀ ଚିକିତ୍ସାରେ ରୋଗୀର ଜୀବନ ବଞ୍ଚାଇବା ପାଇଁ ଯେଉଁ ଚିକିତ୍ସା ଦରକାର ତାହା କରାଯିବା ଉଚିତ୍ ।

**ସରକାରୀ ହୋମିଓପ୍ୟାଥିକ ଚିକିତ୍ସାଳୟ,**
**ପଟୁଆପାଲି, ବଲାଙ୍ଗିର**
**ମୋ ନଂ–୯୪୩୯୪୨୫୨୯୮**

# ମନର ସ୍ୱର...

ଜଣେ ବୃଦ୍ଧା ଗୋଟିଏ ବଡ ଗଣ୍ଠିଲିକୁ ହାତରେ ଧରି ଚାଲିକରି ଯାଉଥିଲେ । ଚାଲୁ ଚାଲୁ ସେ ବହୁତ ଥକି ଯାଇଥିଲେ । ସେ ଦେଖିଲେ ତାଙ୍କ ଆଗରେ ଜଣେ ଲୋକ ଘୋଡା ଉପରେ ବସିକରି ଯାଉଛନ୍ତି । ତାଙ୍କୁ ଦେଖି ବୃଦ୍ଧାଜଣଙ୍କ ଡାକ ପକେଇଲେ । ଆରେ ପୁଅ ! ମୋ ପାଖକୁ ଟିକିଏ ଆସିବ ? ଏହାଶୁଣି ଘୋଡାବାଲା ରହିଗଲେ । ଆଉ ତାଙ୍କ ପାଖକୁ ଆସି ପଚାରିଲେ କ'ଣ ପାଇଁ ଡାକିଲେ ମା' ? ବୃଦ୍ଧା ଜଣକ କହିଲେ, ଆରେ ପୁଅ ! ମୁଁ ସେହି ପାଖ ଗାଁକୁ ଯାଉଛି । ଏବେ ମୁଁ ବହୁତ ଥକି ଯାଇଛି । ଆଉ ଏ ଗଣ୍ଠିଲିକୁ ମୁଁ ଉଠେଇ ପାରୁନି । ତୁମେ ବୋଧେ ସେ ଗାଁକୁ ଯାଉଛ । ମୋର ଏହି ଗଣ୍ଠିଲିକୁ ତୁମେ ଘୋଡା ଉପରେ ବୋହିନେବ ମୋତେ ଟିକିଏ ଚାଲିବାକୁ ସହଜ ହେବ ।

ଏହା ଶୁଣି ସେ ବ୍ୟକ୍ତି କହିଲେ, ମା'ତୁମେ ତ ଚାଲିକରି ଯାଉଛ । ମୁଁ ଘୋଡା ଉପରେ ବସିକରି ଯାଉଛି । ସେ ଗାଁ ତ ଏଠାରୁ ବହୁତ ଦୂରରେ ଅଛି । ଜଣା ନାହିଁ କେତେବେଳେ ସେ ଗାଁରେ ଆପଣ ପହଞ୍ଚିବେ । ମୁଁ ତ କିଛି ସମୟ ଭିତରେ ସେଠାରେ ପହଞ୍ଚିଯିବି । ସେଠି ପହଞ୍ଚି କ'ଣ ତୁମର ପ୍ରତୀକ୍ଷା କରୁଥିବି? ଏହା କହିକରି ସେ ଚାଲିବାକୁ ଲାଗିଲା । କିଛିବାଟ ଯାଇକରି ସେ ନିଜକୁ ନିଜେ କହିଲା, ସେ ଜଣେ ବୃଦ୍ଧା, ଠିକ୍‌ରେ ଚାଲି ପାରୁନାହାନ୍ତି । ଜଣା ନାହିଁ ତାଙ୍କୁ ଠିକ୍‌ରେ ଦେଖା ଯାଉଥିବକି ନାହିଁ? ତତେ ସେ କେବଳ ତାଙ୍କର ଗଣ୍ଠିଲିକୁ ଉଠେଇକରି ନେବାକୁ କହୁଥିଲେ । ସମ୍ଭବତଃ ସେ ଗଣ୍ଠିଲିରେ କିଛି ମୂଲ୍ୟବାନ ଜିନିଷ ଥାଇପାରେ । ତୁ ତ ତାକୁ ନେଇକରି ଚାଲି ଯାଇଥାନ୍ତୁ । ଏହି ନିଛାଟିଆ ରାସ୍ତାରେ ତତେ କିଏ ବା ଦେଖିଛି । ଯା..ଯା..ପଛକୁ ଫେରିକରି ସେ ବୃଦ୍ଧାଙ୍କର ଗଣ୍ଠିଲିକୁ ନେଇକରି ସେଠାରୁ ପଳେଇ ଯା... । ସେ ପଛକୁ ଫେରି ଆସି ସେ ବୃଦ୍ଧାଙ୍କୁ କହିଲା,ମା'! ଦିଅନ୍ତୁ ଆପଣଙ୍କର ଗଣ୍ଠିଲିକୁ, ମୁଁ ତାକୁ ସାଙ୍ଗରେ ନେଇଯିବି । ଗାଁମୁଣ୍ଡରେ ମୁଁ ଆପଣଙ୍କର ପ୍ରତୀକ୍ଷା କରିଥିବି ।

ଏବେ ସେ ବୃଦ୍ଧା କହିଲେ,ନା' ପୁଅ ଏବେ ତୁ ଯା...ମୁଁ ଆଉ ଗଣ୍ଠିଲିକୁ ତତେ ଦେବିନି । ଏହା ଶୁଣି କରି ଘୋଡାବାଲା କହିଲା,ଏଇକିଛି ସମୟ ପୂର୍ବରୁ ଆପଣକ କହୁଥିଲେ ଗଣ୍ଠୁଲିକୁ ନେଇକରି ଯା! ଏବେ ଯେତେବେଳେ ମୁଁ ହଁ କହୁଛି, ତୁମେ ତୁମର ଗଣ୍ଠିଲି ଦେଉନ । ଏମିତି କାହିଁକି ? ତୁମକୁ କିଏ କ'ଣ ଓଲଟାବୁଝେଇ ଦେଲାନା କ'ଣ?

ଏବେ ବୃଦ୍ଧା ହସିକରି କହିଲେ,ସିଏ ମୋତେ ବୁଝେଇଲେ ଯିଏ ତତେ ବୁଝେଇକରି ମୋ ପାଖକୁ ପଠେଇଛନ୍ତି ଗଣ୍ଠିଲି ନେବାକୁ । ଯିଏ ତୋ ଭିତରେ ବସିଛି ଆଉ ସେ ମଧ୍ୟ ମୋ ଭିତରେ ବସିଛନ୍ତି । ମୋତେ ସେ ବୁଝେଇକରି କହିଲେ ଗଣ୍ଠିଲିକୁ ଦେବୁନି...ସେ ନେଇକରି କୁଆଡେ ପଳେଇବ । ତୁମେ ମଧ୍ୟ ନିଜ ମନର ସ୍ୱରକୁ ଶୁଣିଲ ଆଉ ମୁଁ ମଧ୍ୟ ଶୁଣିଲି ।

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,**
**ୟୁନିଟ୍–୯, ଭୁବନେଶ୍ୱର–୨୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଭରବ୍ରିଜ୍‌ରୁ...



ଚାପି ହୋଇ ରହିଥିବା କୁହାଯାଉଛି। ବସଟି ଓଭରବ୍ରିଜ ତଳକୁ ଖସି ପଡ଼ିଥିଲେ ହେଁ କେଉଁଭଳି ପରିସ୍ଥିତିରେ ଏପରି ଘଟଣା ଘଟିଲା ସେକଥା ଜଣାପଡ଼ିନାହିଁ। ୨୦ ଜଣ ଆହତଙ୍କ ଅବସ୍ଥା ଉଦବେଗ ଜନକ ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯଇଛି।ମୃତ୍ୟୁ ସଂଖ୍ୟା ବଢିପାରେ ବୋଲି ଡାକ୍ତରଖାନା ସୂତ୍ରରୁ କୁହାଯାଇଛି ।

## ଏବର୍ଷ...

ବର୍ଷା ହୋଇପାରେ। ପୂର୍ବ, ଉତ୍ତର-ପଶ୍ଚିମ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଞ୍ଚଳକୁ ଛାଡ଼ିଦେଲେ ଭାରତର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ।

୧୯୫୪ରୁ ୨୦୨୩ ମଧ୍ୟରେ ୯ ବର୍ଷ ଏଭଳି ସମୟ ଆସିଛି । ଏହି ସମୟରେ ଦୁଇ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି । ୫ ବର୍ଷ ସବୁଠୁ ଅଧିକ ବର୍ଷା ରେକର୍ଡ ହୋଇଥିବାବେଳେ ୨ ବର୍ଷ ସ୍ୱାଭାବିକ ବର୍ଷା ହୋଇଛି । ମୌସୁମୀ ଋତୁରେ ୨୨ ବର୍ଷ ଲାନିନା ସକ୍ରିୟ ରହିଛି । ସମସ୍ତ ୨୨ ବର୍ଷରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି । ତେବେ ଚଳିତ ବର୍ଷ କେବେ ମୌସୁମୀ କେରଳ ଛୁଇଁବ ସେନେଇ ମେ'ଶେଷ ସପ୍ତାହରେ ଆକଳନ କରାଯିବ ।

## ସୁର...

ଓ ଆଦର୍ଶରେ ଅଛନ୍ତି । ୫୦ ବର୍ଷରୁ ଅଧିକ ସମୟ ଧରି ମୁଁ କଂଗ୍ରେସ ପାଇଁ କାମ କରିଛି । ଯଦି ମୋ ପୁଅ ଅଲଗା ଦଳରୁ ଟିକେଟ ପାଇଲା ବୋଲି ମୋତେ ବାହାର କରି ଦିଆଗଲା, ତା'ହେଲେ ଅଭିନନ୍ଦନ । କିଛି ଆପତ୍ତି ନାହିଁ କି ଖାତିର ନାହିଁ । ଏନେଇ କୌଣସି ପ୍ରକାର ଦୁଃଖ ବି ନାହିଁ । ପୁଅ ଟିକେଟ ପାଇଲା ବୋଲି ମୋତେ ଦଳରୁ କାଢି ଦେବା ଘୋର ଲଜ୍ଜାଜନକ କଥା । ମୁଁ କେବେ କିଛି ବିଶୃଙ୍ଖଳିତ କାର୍ଯ୍ୟ କରିନି । ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କ ଦ୍ୱାରା ଜାରି ୩ଧାଡ଼ିଆ ପ୍ରେସ୍ ରିଲିଜରେ, ସୁରେଶ କୁମାର ରାଉତରାୟଙ୍କୁ ବିଶୃଙ୍ଖଳିତ ଓ ଦଳବିରୋଧୀ କାର୍ଯ୍ୟ ପାଇଁ୬ବର୍ଷ ନିମନ୍ତେ ବହିଷ୍କାର କରାଗଲା ବୋଲି ଉଲ୍ଲେଖ ଅଛି । ସୂଚନାଯୋଗ୍ୟ, ସାନପୁଅ ମନ୍ମଥଙ୍କ ପାଇଁ ସୁର ପ୍ରଚାର କରୁଥିଲେ ମଧ୍ୟ ବାରମ୍ବାର ଏହାକୁ ଖଣ୍ଡନ କରି ଆସୁଥିଲେ । କଂଗ୍ରେସ ପକ୍ଷରୁ ତାଙ୍କୁ ୨ଥର କାରଣଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଥିଲା । ମାତ୍ର ସେ ଏହି ନୋଟିସକୁ ପ୍ରତ୍ୟାଖ୍ୟାନ କରି ସେ ଦଳ ବିରୋଧୀ କାର୍ଯ୍ୟ କରୁନାହାନ୍ତି ବୋଲି ସଫେଇ ଦେଇଥିଲେ । ଏପରିକି କଂଗ୍ରେସ ତାଙ୍କୁ ଦଳରୁ ବିଦା କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଓଲଟା ଚେତାବନୀ ଦେଇଥିଲେ । ସୁର ୨୦୧୯ରେ କଂଗ୍ରେସ ଟିକେଟରେ ଜଟଣୀରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ ।

## ମଧ୍ୟପ୍ରାଚ୍ୟ...

ଦିଆଯାଇଥିବା ଇସ୍ରାଏଲ କହିଛ । ସେପଟେ ଆକ୍ରମଣ ମଧ୍ୟରେ ବିଶ୍ୱ ସମୁଦାୟକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ଆଗକୁ ଆକ୍ରମଣ ନ କରିବାକୁ ନିଷ୍ପତ୍ତି ନେଇଛି ଇରାନ । ଇରାନ ପକ୍ଷରୁ କୁହାଯାଇଛି ଯେ, ଲକ୍ଷ୍ୟ ପୂରଣ ହୋଇଯାଇଛି, ଏବେ ଆଉ ସାମରିକ ପଦକ୍ଷେପ ନିଆଯିବ ନାହିଁ । ଯଦି ଇସ୍ରାଏଲ ଆମକୁ ଟାର୍ଗେଟ କରି ଆକ୍ରମଣ କରେ କିମ୍ବା କୌଣସି କ୍ଷତି ପହଞ୍ଚାଏ ତେବେ ଆମେ ଚୁପ୍ ରହିବୁନ । ଏହାର ମୁହଁତୋଡ ଜାବବ ଦେବୁ ବୋଲି ଇରାନରମୁଖ୍ୟ ଅଧିକାରୀ କହିଛନ୍ତି ।

## ଆଗକୁ...

ଗ୍ରୀଷ୍ମ ପ୍ରବାହ ନେଇ ଆସନ୍ତାକାଲି(ମଙ୍ଗଳବାର) ପାଇଁ ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ, କେନ୍ଦୁଝର, ଭଦ୍ରକ ଓ କେନ୍ଦ୍ରାପଡ଼ା ପ୍ରଭୃତି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୭ ତାରିଖରେ ଆହୁରି ବଢ଼ିବ ତାତି । ୧୭ ତାରିଖରେ ହିଟ୍ ୱେଭ୍ ନେଇ ମାଲକାନଗିରି, କୋରାପୁଟ, କନ୍ଧମାଳ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଭୁବନେଶ୍ୱର, କଟକ ଓ ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଛୁଇଁପାରେ । ମାଲକାନଗିରି, ପାରଳାଖେମୁଣ୍ଡି, ଟିଟିଲାଗଡ଼, ବଲାଙ୍ଗିର, ବୌଦ୍ଧ, ରାଉରକେଲା, ବାରିପଦା, ନୟାଗଡ଼, ଅନୁଗୋଳ ଓ ଭବାନୀପାଟଣାରେ ତାପମାତ୍ରା ୪୩ ଡିଗ୍ରୀ ରହିପାରେ । ନୂଆପଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବାଲେଶ୍ୱର, କେନ୍ଦ୍ରାପଡ଼ା,ଜଗତସିଂହପୁର, ସୋନପୁର ଓ କେନ୍ଦୁଝରଗଡ଼ରେ ତାପମାତ୍ରା ୪୨ ଡିଗ୍ରୀ ରହିପାରେ ।

ଗ୍ରୀଷ୍ମ ଲହରୀ ନେଇ ୧୮ ତାରିଖ ପାଇଁ ମାଲକାନଗିରି, କୋରାପୁଟ, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ନୟାଗଡ଼, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଟିଟିଲାଗଡ଼ ଓ ବଲାଙ୍ଗିରର ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ । ଏହାସହିତ ଭୁବନେଶ୍ୱର, କଟକ, ବୌଦ୍ଧ, ଭବାନୀପାଟଣା, ଅନୁଗୋଳ ଓ ଝାରସୁଗୁଡ଼ାରେ ତାପମାତ୍ରା ୪୪ ଡିଗ୍ରୀ ରହିପାରେ । ମାଲକାନଗିରି, ପାରଳାଖେମୁଣ୍ଡି, ନୂଆପଡ଼ା, ସୋନପୁର, ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲା, ନୟାଗଡ଼, ବାରିପଦା, ଯାଜପୁର ଓ କେନ୍ଦ୍ରାପଡ଼ାରେ ତାପମାତ୍ରା ୪୩ ଡିଗ୍ରୀ ରହିପାରେ ।

## କ୍ରିପ୍ଟୋ...

ଏତଲା କରିଥିଲେ ଯେ, କ୍ରିପ୍ଟୋ କଏନ୍ କାରବାରରେ ସେ ୪୮ ଲକ୍ଷ ୨ ହଜାର ୨୦୦ ଟଙ୍କା ବିନିଯୋଗ କରିଥିବାବେଳେ ମାତ୍ର ୨୦ ହଜାର ଟଙ୍କା ସେ ଠକ ର୍ୟାକେଟ୍‌ଙ୍କ ଠାରୁ ପାଇଛନ୍ତି । ଲାଭ ତ ଦୂରର କଥା ବିନିଯୋଗ ଅର୍ଥ ପ୍ରେମ୍‌ସାଗର ନପାଇବାରୁ ଇଓଲବ୍ଲ୍ୟୁରେ ଏତଲା କରିବା ପରେ ତଦନ୍ତ ତ୍ୱରାନ୍ୱିତ ହୋଇଥିଲା। କ୍ରିପ୍ଟୋ କଏନ୍ କାରବାର ବିଭିନ୍ନ ପ୍ରକାରର । ଇଏନ୍‌ଜି କ୍ରିପ୍ଟୋ, ଏନ୍‌ଟେକ୍ କ୍ୟାପିଟାଲ, ୟୁଏସ୍‌ଡିଟି କ୍ଲବ୍, ଏଡିଏସ୍ ଏକ୍ସଚେଞ୍ଜ, କ୍ରିଟ୍ ଇଲେଭେନ୍ ଓ ଅନ୍ୟ କେତେକ ଆପ୍ ମଧ୍ୟ ରହିଛି । କ୍ରିପ୍ଟୋ କଏନ୍ କାରବାର ନିମନ୍ତେ ଓଡ଼ିଶାର ଜଣେ ମୁଖ୍ୟ ଥିଲେ । ତା' ନାଁ ସୁଧୀର କୁମାର ପଟେଲ । ଘର ସୁନ୍ଦରଗଡ଼ ଜିଲ୍ଲାରେ ବୋଲି ଇଓଡବ୍ଲ୍ୟୁ କହିଛି । ସେ ରାଜସ୍ଥାନର ଠକ ବେଦପ୍ରକାଶ ସହ ଯୋଗାଯୋଗରେ ରହି ଓଡ଼ିଶା କାରବାର ବୁଝାବୁଝି କରୁଥିଲା ।

ବେଦପ୍ରକାଶ ଯୁକ୍ତଦୁଇ ପାସ୍ କରିନଥିଲେ ମଧ୍ୟ ରାଜସ୍ଥାନ ପୋଲିସ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲା । ଚାକିରି ଶୃଙ୍ଖଳା ଭଙ୍ଗ କରିବାରୁ ୫ ବର୍ଷ ପୂର୍ବରୁ ବେଦପ୍ରକାଶକୁ ବହିଷ୍କାର କରାଯାଇଥିଲା । ପୋଲିସ ଚାକିରିରୁ ବହିଷ୍କୃତ ହେବା ପରେ ସେ ସାରା ଦେଶରେ କ୍ରିପ୍ଟୋ କଏନ୍ କାରବାରରେ ଲିପ୍ତ ରହି ବହୁ କୋଟି ଟଙ୍କା ଠକେଇ କରିଥିବାବେଳେ ସୁଧୀର ମାଧ୍ୟମରେ ଓଡ଼ିଶାରୁ ୧୫ କୋଟିରୁ ଊର୍ଦ୍ଧ୍ୱ ଠକି ନେଇଛି । ଓଡ଼ିଶାର ପୁରୀ, ଭୁବନେଶ୍ୱର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବରଗଡ଼ ପ୍ରଭୃତି ଜିଲ୍ଲାର ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଠାରୁ ଠକି ନେଇଥିବା ଇଓଡବ୍ଲ୍ୟୁ କହିଛି । ବେଦପ୍ରକାଶକୁ ଚଳିତମାସ ୧୦ ତାରିଖରେ ରାଜସ୍ଥାନରୁ ଗିରଫ କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା । ବେଦପ୍ରକାଶ କହିବାନୁଯାୟୀ ସୁନ୍ଦରଗଡ଼ରୁ ରାଜ୍ୟ ମୁଖ୍ୟ ସୁଧୀର ପଟେଲକୁ ୧୪ ତାରିଖରେ ଗିରଫ କରାଯାଇଛି । ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଶ୍ରୀ ଶ୍ରୀ ହନୁମାନ ଚାଳିଶା ଓଡ଼ିଆ ରୂପାନ୍ତର ଉନ୍ମୋଚନ ଉତ୍ସବ

କରଞ୍ଜିଆ ,(ସବ୍ୟୁ) :ସନ୍ଥ ତୁଳସୀ ଦାସଙ୍କ ରଚିତ ମୂଳ ହନୁମାନ ଚାଳିଶାର ଓଡ଼ିଆ ରୂପାନ୍ତର ପୁସ୍ତକ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ କାଦଡିହା ଅଧକ୍ଷ ଡ଼ ଭାଗବତ ଲେଙ୍କାଙ୍କ ସମ୍ପାଦନାରେ ଶ୍ରୀ ସଂକଳ୍ପ ପ୍ରକାଶନୀ ପକ୍ଷରୁ ସମ୍ପନ୍ନ ହୋଇଛି। ରବିବାର ଏହାର ଉନ୍ମୋଚନ ଉତ୍ସବ କରଞ୍ଜିଆ ପୌରାଞ୍ଚଳ ୱାଡ ନମ୍ବର ୧୧ ସ୍ଥିତ ଶ୍ରୀ ହନୁମାନଜୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା।୧୦୮ ହନୁମାନ ଚାଳିଶା ପ୍ରାଣାୟଣ ଅବସରରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବର ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଓକିଲ ସଂଘ ସଭାପତି ବାଞ୍ଛାନିଧି ପୃଷ୍ଟି, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ସାହିତ୍ୟ ସଂସଦ ସଭାପତି ଭରତ ଚନ୍ଦ୍ର ଦାସ, ଇ ତ୍ରିଲୋଚନ ସେଠୀ ଓ ହନୁମାନ ଚାଳିଶା ଓଡ଼ିଆ ଅନୁବାଦକ ଡ଼ ଭାଗବତ ଲେଙ୍କା ଯୋଗଦେଇ ହିନ୍ଦୀ ଭାଷା ଅପେକ୍ଷା ଓଡ଼ିଆ ଭାଷାରେ ପୁସ୍ତକ ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଆଦୃତ ହେବ ବୋଲି କହିଥିଲେ। ପୁସ୍ତକର ପ୍ରକାଶକ ସଞ୍ଜିବ କୁମାର ସାହୁ ଏହି ପୁସ୍ତକର ଉପାଦେୟତା ଉପରେ ନିଜର ମତାମତ ରଖିଥିଲେ। ଶିକ୍ଷକ ସନା ମହାକୁଡ଼ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂକଳ୍ପ ପ୍ରକାଶନୀ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପରେ ଓଡ଼ିଆ ଅନୁବାଦ ଗାନ କରାଯାଇଥିଲା। ଚନ୍ଦନ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ଚଢ଼ାଉ : ୫ ଗିରଫ

ସୋର,(ସବ୍ୟୁ) : କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ସ୍କୁଟି ସହ ଦେଶୀମଦ ଜବତ କରିଥିବା ବେଳେ ପାଞ୍ଚ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ଅଳକା ସୁନାଙ୍କ ତତ୍ତ୍ୱାବଧାନରେ ଆଇଆଇସି ଧୀରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ସୋମବାର ସକାଳେ ଅଞ୍ଜି ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଗୋପାଳପୁରରୁ ଅଞ୍ଜି ଅଭିମୁଖେ ଆସୁଥିବା ଓଡି ୨୨ଆର ୮୩୯୧ ନମ୍ବର ବିଶିଷ୍ଟ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ଏକ ଅଖାରେ ୩୫ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ସ୍କୁଟି ସହ ମଦକୁ ଜବତ କରି ଅଞ୍ଜି ଗ୍ରାମର ମନୋରଞ୍ଜନ ନାୟକକୁ ଗିରଫ କରିଥିଲେ। ସେହିପରି ଚିଉଳ ଗ୍ରାମର ଧୀରେନ ମହାରଣା ନିକଟରୁ ୧୫ ଲିଟର, ସେହି ଗ୍ରାମର ଦିବାକର ମହାରଣା ନିକଟରୁ ୨୦ ଲିଟର ଦେଶୀମଦ, ଚମ୍ପୁ ଗ୍ରାମର କୈଳାସ ସାହୁ ନିକଟରୁ ୨୦ ଲିଟର ଏବଂ ଔପଦା ଥାନା ଜୋକ ଗଡିଆ ଗ୍ରାମର ବସନ୍ତ କୁମାର ସେଠୀଙ୍କ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରି ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡ଼ିକାଲରେ ସମସ୍ତଙ୍କର ଡାକ୍ତରୀ ମାଇନା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ ଥବୀର ପଟ୍ଟନାୟକ, କିଶୋର ରାଉତ, ଯୋଗେନ୍ଦ୍ର ପରିଡା, କନେଷ୍ଟବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ, ସୁମିତ୍ରା ସାମଲ ଓ ଜଗନ୍ନାଥ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ପୂର୍ବ ଶତ୍ରୁତାକୁ ନେଇ ବୋମା ମାଡ଼ : ୨ଗୁରୁତର



ବାଙ୍କୀ , (ସବ୍ୟୁ): ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ ଓ ପରେ ବୋମା ମାଡ଼ ହୋଇଛି। ଏହି ବୋମା ମାଡ଼ରେ ଦୁଇ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତରିତ କରାଯାଇଛି। କଟକ ଜିଲ୍ଲା ବାଙ୍କୀଥାନା ଅନ୍ତର୍ଗତ ଭେଡା ରାମଚନ୍ଦ୍ରପୁର ଗ୍ରାମରେ ରବିବାର ରାତିରେ ନାଟକ ମଞ୍ଚସ୍ଥକୁ ନେଇ ଦୁଇ ସାହି ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ଏହି ଘଟଣାକୁ ନେଇ ବୋମା ମାଡ଼ ହେବାରୁ ୨ ଜଣଙ୍କୁ ପ୍ରଥମେ ବାଙ୍କି ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲ।ମାତ୍ର ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ପ୍ରସିଦ୍ଧ ଉଡାଯାତ୍ରା : ପିଠିରେ କଣ୍ଟା ଫୋଡେଇ ଆକାଶରେ ଉଡିଲେ ୫୩ ଭକ୍ତ



ଠାକୁରମୁଣ୍ଡା ,(ସବ୍ୟୁ) : ରବିବାର ପିଠିରେ କଣ୍ଟାଫୁଡେଇ ହୋଇ ଆକାଶ ମାର୍ଗରେ ଉଡିଲେ୫୩ ଜଣ ଭକ୍ତା। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ଓଡିଶା ପ୍ରସିଦ୍ଧ ଉଡାଯାତ୍ରା। କାହିଁ କେଉଁ କାଳରୁ ପାରମ୍ପରିକ ବିଶ୍ୱାସ ଓ ଧାର୍ମିକ ଭାବନାରେ ଏହା ପ୍ରତି ବର୍ଷ ପଣାସଂକ୍ରାନ୍ତୀ ବା ମହାବିଷୁବ ପଣା ସଂକ୍ରାନ୍ତି (ଏପ୍ରିଲ୧୪) ରାତିରେ ସମ୍ପନ୍ନ ହୋଇଥାଏ। ଏହାର ନିଆର ଢ଼ଙ୍ଗ ଓ ସ୍ୱତନ୍ତ୍ରତା ପାଇଁ ବହୁ ଦୂରଦୂରାନ୍ତରୁ ହଜାର ହଜାର ଦର୍ଶକ ତଥା ଭକ୍ତଙ୍କ ଭିଡ ଜମିଥାଏ।ପଣାସଂକ୍ରାନ୍ତୀର ୧୧ଦିନ ପୂର୍ବରୁ ଭକ୍ତାମାନେ ଆସି ମା ବାସୁଳୀଙ୍କ ପୀଠରେ ପହଞ୍ଚି ଥାଆନ୍ତି। ଘରୁ ଆସିବା ପରେ ମନ୍ଦିରରେ ରହିବା ସହ ମନ୍ଦିରର ରୀତିନୀତିରେ ପୂଜା ନୀତି ପାଳନ କରିଥାନ୍ତି। ଦିନଯାକ ଉପବାସ କରି ନିଶବ୍ଦ ରାତିରେ ଅରୁଆ ଅନ୍ନ ଭୋଜନ କରନ୍ତି। ଏଭଳି ନିଷ୍ଠାର ସହ ରହିବାପାଇଁ ପଡିଥାଏ। କେବଳ ଆଦିବାସୀ ଓ ଦଳିତ ମାନେ ହିଁ ଭକ୍ତା ହୋଇଥାଆନ୍ତି। ମା ବାସୁଳୀଙ୍କର ପ୍ରମୁଖ ଭୋଗ ହେଲ। ଭକ୍ତା। ଭକ୍ତମାନେ ମା'ଙ୍କ ଠାରେ ମନସ୍କାମନା କରିଥାନ୍ତିଛ ମନସ୍କାମନା ପୂରଣ ହେଲେ ଭକ୍ତମାନେ ଭୋଗ ସ୍ୱରୂପ ଭକ୍ତା ଭୋଗ ଲଗାଇ ଥାଆନ୍ତି। ଏଥିପାଇଁ ଜଣେ ଭକ୍ତା ପାଇଁ ୩୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ବହନ କରିବାକୁ ପଡିଥାଏ।ଚଳିତ ବର୍ଷ ୫୩ଜଣ ଭକ୍ତା ମା ବାସୁଳୀଙ୍କ ପୀଠରେ ଉଡିବାର ଜଣାପଡିଛି। ୧୩ ତାରିଖ ଦିନ ମା ବାସୁଳୀ ମନ୍ଦିର ପରିସରରେ ଠାକୁରମୁଣ୍ଡା ଅଞ୍ଚଳର ଶହଶହ ଶ୍ରଧାଳୁ ଭକ୍ତ ସନ୍ଧ୍ୟାରେ ଆସି ଜାଗର ଜାଳିଥାଆନ୍ତି ଏହାକୁ ଜାଗର ଯାତ୍ରା କହିଥାନ୍ତି। ପଣାସଂକ୍ରାନ୍ତୀ ଦିନ ରାତିରେ ଉଡା ପର୍ବର ପୂଜାର୍ଚ୍ଚନା ସରିବା ପରେ ଭକ୍ତାମାନଙ୍କର ପିଠିରେ ଦୁଇଟି ଅଙ୍କୁଶାକୃତି କଣ୍ଟା ଫୋଡା ଯାଇଥାଏ। ସେହି କଣ୍ଟାକୁ ଦଉଡିରେ ବନ୍ଧା ହୋଇ ଏକ ଦଣ୍ଡାରେ ଗୋଟିଏ ପାର୍ଶ୍ୱରେ ବନ୍ଧା ହୁଏ ଏବଂ ଅନ୍ୟ ପାର୍ଶ୍ୱରେ ଏକ ଦୌଡି ବନ୍ଧା ଯାଏ। ମଝିରେ ଥାଏ ୧୮ ଫୁଟ ଉଚ୍ଚର ଖୁଣ୍ଟଟିଏଛ ଗୋଟିଏ ପାର୍ଶ୍ୱରେ ଦୌଡ଼ିକୁ ଲୋକମାନେ ବୁଲାଇଥାନ୍ତି।ଅନ୍ୟ ପଟେ ପିଠିରେ ଫୋଡା ହୋଇଥିବା କଣ୍ଟାର ଦୌଡ଼ି ସାହାଯ୍ୟରେ ଭକ୍ତାମାନେ ଆକଶ ମାର୍ଗରେ ଉଡି ପୁଷ୍ପ ବୃଷ୍ଟି କରିଥାଆନ୍ତି। ଏହି ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଚାତକ ପରି ଚାହିଁ ବସିଥାଆନ୍ତି । ଉଡା କମିଟି ସଭାପତି ତଥା ଠାକୁରମୁଣ୍ଡା ତହସିଲଦାର ସୁଶ୍ରୀ ସୁପ୍ରିୟା ଓ ବିଡିଓଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ସହିତ ସମ୍ପୂର୍ଣ୍ଣ ହୋଇଥିଲା ।ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଉପସ୍ଥିତ ଥିଲେ। ଠାକୁରମୁଣ୍ଡା ଥାନା ଅଧିକାରୀଣି ସାବିତ୍ରୀ ଦଳେଇ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ସମେତ ମହୁଲଡିହା, କରଞ୍ଜିଆ, ଯଶିପୁର, ରରୁଆଁ ଘାଗରବେଡା ଥାନା ଅଧିକାରୀ ବିଭିନ୍ନ ସ୍ଥାନ ରେ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ। ମେଳାକୁ ଦୃଷ୍ଟିରେ ରଖି ଠାକୁରମୁଣ୍ଡା ଡ୍ରାଇଭର ସଂଘ ର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

# ଅଂଶୁଘାତରେ ଚାଷୀ ମୃତ

ଭୋଗରାଇ, (ସବ୍ୟୁ) : ଗ୍ରୀଷ୍ମର ଦାବାନଳରେ କ୍ଷେତରେ ଟଳିପଡିଲେ ଚାଷୀ ଏଭଳି ଏକ ଦୁଃଖଦ ଖବର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ମହେଶପୁର ଗ୍ରାମରେ ଘଟିଛି। ଉକ୍ତଗ୍ରାମର ଲକ୍ଷ୍ମୀକାନ୍ତ ସାହୁ (୬୨) ସୋମବାର ପୂର୍ବାହ୍ନ ୯ ଟାରେ ନିଜ ଜମିରେ ଧାନ ଚାଷ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ମଧ୍ୟାହ୍ନ ରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ତଳେ ପଡି ଯାଇ ଅଚେତ ହୋଇପଡ଼ିଥିଲେ । ଘରଲୋକ ଅପରାହ୍ନ ରେ ଖୋଜ ଖବର କରି ଧାନ କ୍ଷେତରୁ କୃଷକକୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରକୁ ନେଇଥଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଭୋଗରାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ କରିବା ସହିତ ଶବକୁ ବ୍ୟବଛେଦ କରି ପରିବାରକୁ ହସ୍ତାନ୍ତର କରିଥିବାର ସୂଚନା ମିଳିଛି ।

# ଆଇଟିଆଇ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଟିପିଏନ୍‌ଓଡିଏର ଗୁରୁତ୍ୱ




ବାଲେଶ୍ୱର,(ସବ୍ୟୁ) :ଆଇଟିଆଇ ପିଲାଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଟାଟା ପାୱାର ଓ ଓଡ଼ିଶାର ସରକାରଙ୍କ ଯୌଥ ଉଦ୍ୟୋଗ ଟିପିନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ଅଭିନବ ପଦକ୍ଷେପ ଗ୍ରହଣ କରିଛି । ବିଭିନ୍ନ ସରକାରୀ ଆଇଟିଆଇଗୁଡ଼ିକ ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ସମସ୍ତ ଶିକ୍ଷାନୁଷ୍ଠାନର ପିଲାଙ୍କ ଦକ୍ଷତା ବଢାଇବା ଦାୟିତ୍ୱ ନେଇଛି। ଫଳରେ ପିଲାମାନେ କୁଶଳୀ ହେବା ସହ ନିଯୁକ୍ତି ପାଇବା ପାଇଁ ଉପଯୁକ୍ତ ଦକ୍ଷତା ହାସଲ କରୁଛନ୍ତି । ଟିପିଏନ୍‌ଓଡିଏଲ୍ ସେବା ବିତରଣ କରୁଥିବା ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ମୟୁରଭଞ୍ଜ ଜିଲ୍ଲାର ୫ଟି ସରକାରୀ ଆଇଟିଆଇ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛି । କେବଳ ଇଲେକ୍ଟ୍ରିସିଆନ ବର୍ଗର ଛାତ୍ରଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ସେମାନଙ୍କୁ ଯୁଗ ଉପଯୋଗୀ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଶିଳ୍ପସଂସ୍ଥା ଆବଶ୍ୟକ କରୁଥିବା ଦକ୍ଷତା ଜ୍ଞାନ ପ୍ରଦାନ କରାଯାଉଛି । ମିଳିଥିବା ସୂଚନା ମୁତାବକ ବାଲେଶ୍ୱର, ତକତପୁର, ଭଣ୍ଡାରୀ ପୋଖରୀ, ବଡ଼ବିଲ ଓ ଯାଜପୁର, ସରକାରୀ ଆଇଟିଆଇରୁ ୨୭୩ଜଣ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । କେବଳ ଶେଷ ବର୍ଷର ଇଲେକ୍ଟ୍ରିସିଆନ ପିଲାଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ସେହିପରି ଟିପିଏନ୍‌ଓଡିଏଲ୍ ପକ୍ଷରୁ ଟ୍ରେନ୍ ଟୁ ହାୟାର ଭଳି ଅଭିନବ ଯୋଜନା ଆରମ୍ଭ କରାଯାଇଛି । ବିଭିନ୍ନ ସରକାରୀ ଡିପ୍ଲୋମା କଲେଜର ଇଲେକ୍ଟ୍ରିକାଲ ଟ୍ରେଡ ପିଲାଙ୍କୁ କ୍ୟାମ୍ପସରେ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଟିପିଏନ୍‌ଓଡିଏଲ୍‌ରେ ନିଯୁକ୍ତି ପାଇଁ ପ୍ରାଥମିକତା ଦିଆଯାଉଛି । ଏହି ରଣନୀତିକ ପଦକ୍ଷେପ କେବଳ ଓଡ଼ିଶାର ଯୁବକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନୁହେଁ ବରଂ ରାଜ୍ୟରେ ବିଦ୍ୟୁତ କ୍ଷେତ୍ରରେ ସାମଗ୍ରୀକ ବିକାଶ ନିମନ୍ତେ ମଧ୍ୟ ସହାୟକ ହେଉଛି । ଏହି କାର୍ଯ୍ୟକ୍ରମ ପିଲାଙ୍କ ଦକ୍ଷତା ବୃଦ୍ଧି କରିବା ସହ ଏହା ପିଲାଙ୍କ ଏକାଡେମୀକ ଜ୍ଞାନ ଏବଂ ଶିଳ୍ପ ଆବଶ୍ୟକତା କରୁଥିବା ଜ୍ଞାନ ମଧ୍ୟରେ ବ୍ୟବଧାନ ଦୂର କରିବାରେ ସହାୟକ ହେଉଛି ବୋଲି ଛାତ୍ରଛାତ୍ରୀମାନେ ଦର୍ଶାଇଛନ୍ତି ।


## ଦ.ପୂ. ରେଳପଥ-ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନଂ. ଓ ତାରିଖ : ୦୧-ଇଏଲ-ଡବ୍ଲୁଟି-୨୦୨୪-୨୫, ତାରିଖ ୧୨.୦୪.୨୦୨୪ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ନିମ୍ନୋକ୍ତ କାର୍ଯ୍ୟ ସକାଶେ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି) / ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ଓପନ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ନାମ : ଚକ୍ରଧରପୁର ଡିଭିଜନ ଅଧୀନରେ ଥିବା ପମ୍ପ ହାଉସ୍, ସବ୍‌ଷ୍ଟେସନ ଏବଂ ଏଆରଏମଇ / ଏଆରଟି ଗୁଡିକରେ ୩ ବର୍ଷ ଲାଗି ୦.୫ କେଭିଏ ରୁ ୫୦୦ କେଭିଏ ପର୍ଯ୍ୟନ୍ତ ରହିଥିବା ୧୩୩ ଗୋଟି ଡିଜି ସେଟ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ । ଟେଣ୍ଡର ମୂଲ୍ୟ : ଟ. ୫୭,୯୪,୧୦୧.୨୫ । ଇଏମଡି: ଟ. ୧,୧୫,୯୦୦/- । ଟେଣ୍ଡର ଡକୁମେଣ୍ଟ ମୂଲ୍ୟ : ଶୂନ୍ୟ । ବନ୍ଦ/ଖୋଲା ତାରିଖ : ୦୭.୦୫.୨୦୨୪ ଅପରାହ୍ନ ୧୫ ଘଟିକା । ୱେବସାଇଟ୍ https://www.ireps.gov.inରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା / ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ଥିବା ବାଞ୍ଛନୀୟ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-34)

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସା/ପୋ: ସହୀଦ ନଗର, ମହର୍ଷି କଲେଜ ରୋଡ୍, ଭୁବନେଶ୍ୱର-୭୫୧୦୦୭

## ଦଖଲ ନୋଟିସ୍
(ସ୍ଥାବର/ଅସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିଗୁଡିକ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି ସହିତ ସୁଧ କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ଆନୁସଙ୍ଗିତ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ ଇତ୍ୟାଦି ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ କଲ୍ୟାଣୀ ପଲିମର୍ସ,** ପ୍ଲଟ୍ ନଂ.: ୧/୮୬୭୩, ମେନ୍ ରୋଡ୍, ଗିରିଜାଲା ଇଣ୍ଡଷ୍ଟ୍ରିଆଲ୍ ଏରିଆ, ଗୁଣପୁର, ରାୟଗଡା-୭୬୫୦୨୨ / **ଜାମିନ୍‌ଦାରମାନେ: ୧) ଶ୍ରୀ ଗିରିଜାଲା ମାଣିକେଶ୍ୱର ରାଓ,** ପିତା: ଶ୍ରୀ ଗିରିଜାଲା କ୍ରିଷ୍ଣା ରାଓ, **୨) ଶ୍ରୀମତୀ ଗିରିଜାଲା କଲ୍ୟାଣୀ,** ସ୍ୱାମୀ: ଗିରିଜାଲା ମାଣିକେଶ୍ୱର ରାଓ, ଉଭୟଙ୍କ ଠିକଣା- ସା: ଜଗନ୍ନାଥ ନଗର, ମେନ୍ ରୋଡ୍, ଗୁଣପୁର, ରାୟଗଡା-୭୬୫୦୨୨ | **ଅସ୍ଥାବର ସମ୍ପତ୍ତିଗୁଡିକ:** ଋଣଗ୍ରହୀତାଙ୍କ କାରଖାନା ଏବଂ ଯନ୍ତ୍ରପାତି ସହିତ ବନ୍ଧକପ୍ରାପ୍ତ ଷ୍ଟକ୍ ଏବଂ ସମସ୍ତ ପ୍ରାପ୍ୟ। **ସ୍ଥାବର ସମ୍ପତ୍ତିଗୁଡିକ: (୧) ଶ୍ରୀମତୀ ଗିରିଜାଲା କଲ୍ୟାଣୀ,** ସ୍ୱାମୀ: ଗିରିଜାଲା ମାଣିକେଶ୍ୱର ରାଓଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧/୮୬୭୩, ଖାତା ନଂ.: ୩୨୧/୫୯୫୫, ମୌଜା: ଗୁଣପୁର, ଥାନା: ଗୁଣପୁର, ତହସିଲ: ଗୁଣପୁର, ଜିଲ୍ଲା: ରାୟଗଡା, ପରିମିତ କ୍ଷେତ୍ର: ଏକର୦.୨୫୦ଡିସିମିଲି ଏବଂ | ୩୦.୦୧.୨୦୨୪ | ୧୨.୦୪.୨୦୨୪ | ୩୦.୦୧.୨୦୨୪ ସୁଦ୍ଧା ଟ.୧,୧୦,୫୫,୫୯୧.୬୯ + ୩୧.୦୧.୨୦୨୪ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ ଇତ୍ୟାଦି |

ଏହାର ଚଉପାର୍ଶ୍ୱରେ- ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ଏନ୍‌ଏସି ରାସ୍ତା, ପୂର୍ବ: ବିକ୍ରେତାଙ୍କ ସାଇଟ୍‌ରୁ ରାସ୍ତା, ପଶ୍ଚିମ: ମୋନିଙ୍ଗି ଆନନ୍ଦ ରାଓଙ୍କ ଜମି, **(୨) ଶ୍ରୀ ଗିରିଜାଲା ମାଣିକେଶ୍ୱର ରାଓ,** ପିତା: ଶ୍ରୀ ଗିରିଜାଲା କ୍ରିଷ୍ଣା ରାଓଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୩୩୮/୨୭୬୬, ଖାତା ନଂ.: ୩୨୧/୨୭୬୮, ମୌଜା: ଗୁଣପୁର, ଥାନା: ଗୁଣପୁର, ତହସିଲ: ଗୁଣପୁର, ଜିଲ୍ଲା: ରାୟଗଡା, ପରିମିତ କ୍ଷେତ୍ର: ଏକର୦.୦୪ଡିସିମିଲି ଏବଂ ଏହାର ଚଉପାର୍ଶ୍ୱରେ- ଉତ୍ତର: ପ୍ରଥମ ପାର୍ଟି ଜି. ଅନନ୍ତ ରାଓଙ୍କ ତାଲିକାଭୁକ୍ତ ସମ୍ପତ୍ତି, ଦକ୍ଷିଣ: ଶିବରାମ ପଣ୍ଡା ଏବଂ ଅନ୍ୟମାନଙ୍କ ଜମି, ପୂର୍ବ: ବାଏପାସ୍ ପିଡବ୍ଲୁଡି ମେନ୍ ରୋଡ୍, ପଶ୍ଚିମ: ଶିବରାମ ପଣ୍ଡା ଏବଂ ଅନ୍ୟମାନଙ୍କ ଜମି

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୫.୦୪.୨୦୨୪ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

# ଜୁଏଲ ଓରାମଙ୍କ ବିରୋଧରେ ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି



ଭୁବନେଶ୍ୱର(ସବ୍ୟୁ): ନିୟମ ଉଲ୍ଲଂଘନ କରୁଛନ୍ତି, ବାରଣ କଲେ ଆଇଆଇସିଙ୍କୁ ଧମକ ଦେଉଛନ୍ତି ବିଜେପିର ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଜୁଏଲ ଓରାମ । ଏନେଇ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି ବିଜେଡି ।

ବିଜେଡି ପ୍ରତିନିଧି ଦଳର ଅଭିଯୋଗ ଅନୁସାରେ, ସୁନ୍ଦରଗଡ ବିଲେଇଗଡ଼ରେ ଜୁଏଲ ଓରାମ ଓ ନରସିଂହ ମିଞ୍ଜ ଏକ ସରକାରୀ ସ୍ଥାନରେ ଦଳୀୟ ସଭା କରୁଥିଲେ । ସ୍ଥାନୀୟ ଆଇଆଇସି ଆସି ବାରଣ କରିବାରୁ ଜୁଏଲ ତାଙ୍କୁ ଧମକ ଦେଇଥିଲେ । ବିଜେପି ସାଂସଦ ପ୍ରାର୍ଥୀଙ୍କ ଆଦର୍ଶ ଆଚରଣ ଉଲ୍ଲଂଘନ ବିରୋଧରେ ସାଂସଦ ଡ. ସସ୍ମିତ ପାତ୍ରଙ୍କ ନେତୃତ୍ୱରେ ୯ ଜଣିଆ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି ।

୨୦୨୪ ନିର୍ବାଚନରେ ଏକ ବିଚିତ୍ର ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଭାରତୀୟ ଜନତା ପାର୍ଟି ଓଡିଶା ଶାଖାର ନେତାମାନେ ବିଭିନ୍ନ ସମୟରେ ନିର୍ବାଚନ କମିଶନଙ୍କ ନାଁ ନେଇ ସରକାରୀ ଅଫିସରମାନଙ୍କୁ ଧମକାଉଛନ୍ତି । ବିଜେପି ପାଇଁ କାମ ନ କଲେ ବଦଳି ଏବଂ ସସପେଣ୍ଡ କରିଦେବାର ଧମକ ଦେଉଛନ୍ତି । ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ ମଧ୍ୟ ଏହି ପନ୍ଥା ଆପଣାଇଛନ୍ତି । ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି ।

# ବିଷୁବ ଆସର ଓ ଓଡ଼ିଆ ନବବର୍ଷ ପାଳନ

କଟକ, (ସବ୍ୟୁ): ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳ ସନ୍ତାନ ଓ ମର୍କତନଗର ଉଠାଦୋକାନୀ ସଙ୍ଘର ମିଳିତ ଆନୁକୂଲ୍ୟରେ ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଆନନ୍ଦଉଲ୍ଲାସ ସହକାରେ ପାଳନ କରାଯାଇଛି ! ଉଠାଦୋକାନୀ ସଙ୍ଘର କାର୍ଯ୍ୟକାରୀ ସଭାପତି ଅତିଥି ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆସରକୁ ବିଶିଷ୍ଟ ଶିକ୍ଷାବିତ ଆଡ଼ଭୋକେଟ ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସୁବାସଚନ୍ଦ୍ର ବରାଳ, ସମାଜସେବୀ ଅଶୋକ କୁମାର ସେନାପତି, ବରିଷ୍ଠ କଂଗ୍ରେସନେତା ନାରାୟଣ ଚନ୍ଦ୍ର ଜେନା, ସିପିଆଇନେତା କମ୍ରେଡ ପ୍ରସନ୍ନକୁମାର ମହାପାତ୍ର, ବିଜେପି ନେତା ବିଜୟ କୁମାର ସାମଲ, ଶଶୀକାନ୍ତ ସ୍ୱାଇଁ, ପାବକ ପରିଜା, ମନୋଜିତ ଆଚାର୍ଯ୍ୟ, ଅଭିମନ୍ୟୁ ସାହୁ, ପ୍ରତାପ କୁମାର ନାୟକ ଓ ପଣ୍ଡିତ ନିରାକାର ପଣ୍ଡା ପ୍ରମୁଖ ଯୋଗଦେଇ ନବବର୍ଷ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଓଡିଶା ନବନିର୍ମାଣ ବିକାଶମଞ୍ଚ କଟକ ଜିଲ୍ଲା ସଭାପତି ବିଶ୍ୱପ୍ରକାଶ ଦାଶ ଧନ୍ୟବାଦ ଦେବାପରେ ସମସ୍ତଙ୍କୁ ପଣାରେ ଆପ୍ୟାୟିତ କରାଯାଇଥିଲା ।

# ଜୟଦେବବିହାର ବିକାଶ ପରିଷଦ ପକ୍ଷରୁ ହନୁମାନ ଜୟନ୍ତୀ

ଭୁବନେଶ୍ୱର (ସବ୍ୟୁ): ଚଳିତ ମେଷ ମାସ ଶୁକ୍ଳପକ୍ଷ ମହାବିଷୁବ (ପଣା)ସଂକ୍ରାନ୍ତୀ ଉପଲକ୍ଷେ ଜୟଦେବ ବିହାର ନଂ ଲେନସ୍ଥିତ ପଞ୍ଚମୁଖୀ ମନ୍ଦିର ପ୍ରାଙ୍ଗଣରେ ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ଶ୍ରୀଶ୍ରୀ ହନୁମାନ ଜୟନ୍ତୀ ୫ ମହୋତ୍ସବ ମହାସମାରୋହରେ ପାଳିତ ହୋଇଥିଲା । ଅଖଣ୍ଡ ଦୀପ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ବିଗ୍ରହ ସ୍ନାନ, ଉପଚାର ପୂଜା ଓ ପୂର୍ଣ୍ଣାହୁତି ହୋଇଥିଲା। ପରିଷଦର ସଭାପତି ମିହିର ରଞ୍ଜନ ରଥ ଓ ସାଧାରଣ ସଂପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ବିକାଶ ପରିଷଦର ବରିଷ୍ଠ ଉପଦେଷ୍ଟା ତଥା ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡ. ଶକ୍ତିରାଜ ଜାମଲା, ସମାଜସେବୀ ମନୋଜ ରଥ ଓ ଯୁଧିଷ୍ଠିର ସାହୁ, ପରିଷଦ ଉପସଭାପତି ବିଭୂଦତ୍ତ ରାଉତ, ଯୁଗ୍ମ ସଂପାଦକ ସ୍ମୃତିରଞ୍ଜନ ଦାସ, ମାନସ ରଞ୍ଜନ ରଥ, କୋଷାଧ୍ୟକ୍ଷା ଲୋପାମୁଦ୍ରା ମହାପାତ୍ର, ରାଜଶ୍ରୀ ରଥ, ଉର୍ମିଳା ରାଉତ, ମିନାକ୍ଷୀ



ଷଡ଼ଙ୍ଗୀ, ସଲୀଳା ନାୟକ, ମିନାକ୍ଷୀ ଦଳେଇ, ପ୍ରତିଭା ଦାଶ, ଶଶିକଳା ଦାଶ, କିଶୋର ମହାପାତ୍ର, ରଞ୍ଜିତ ପଣ୍ଡା, ଦୁଃଶାସନ ସାହୁ, ନକୁଳ ଚରଣ ଲେଙ୍କା, ଦଶରଥ ଦାସ, ପୂଜକ ବିଜୟ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବରେ ଆଖପାଖ ଅଂଚଳରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଆଶାମୁକୁଲ ବାରିକଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ କେଶବ ମହାରଣା, ସୁଶ୍ରୀ ସଙ୍ଗୀତା, ଗୋପାଳକୃଷ୍ଣ ସାହୁ, ସଂଘମିତ୍ରା ସାହୁ, ସ୍ନେହାଶ୍ରୀ ନାୟକ, କୁନି କଳାକାର ସ୍ନେହାଶିଷ ଓ ଅନିମେଷ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ ।

# ତେନ୍ତୁଳିମୁଣ୍ଡିରେ ବିଜେଡ଼ିର ମିଶ୍ରଣ ପର୍ବ



ବାଲେଶ୍ୱର,(ସବ୍ୟୁ) : ସଦର ନିର୍ବାଚନ ମଣ୍ଡଳୀର ଓଲନ୍ଦା ସାରଗାଁ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିମୁଣ୍ଡି ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଅନ୍ୟଦଳରୁ ଆସିଥିବା ଦଳୀୟ କର୍ମୀମାନଙ୍କୁ ଫୁଲତୋଡ଼ା ଓ ଶଙ୍ଖଚିହ୍ନଥିବା ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଧାୟକ ଶ୍ରୀ ଦାସ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରିବା ଦିଗରେ ନୂତନ କର୍ମୀମାନେ ସହଯୋଗ କରିବା ଆବଶ୍ୟକ । ସେମାନଙ୍କର ଏହି ସହଯୋଗ ଜାରି ରହିଲେ ଆଗାମୀ ଦିନରେ ଓଡ଼ିଶାବାସୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥରପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାର ସୁଯୋଗ ପାଇବେ । ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା ପଞ୍ଚାୟତ ସଭାପତି ପହଲା ଭୋଇ,ରାଜୀବ ପରିଡ଼ା, ଦିଲ୍ଲୀପ ପ୍ରଧାନ, ନିରୋଦ ସାହୁ, ରମେଶ ପରିଡ଼ା, ପର୍ଶୁରାମ ପରିଡ଼ା, ବିଶ୍ୱକର୍ମା ପରିଡ଼ା, ହରିଶଙ୍କର ମହାନ୍ତି, ଅଜିତ ପରିଡ଼ା, ନାରାୟଣ ପରିଡ଼ା,ଯତୀନ ପରିଡ଼ାଙ୍କ ସମେତ ବହୁ କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

# ନିମାପଡା ଏନ୍‌ଏସିରେ ପ୍ରଭାତୀଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ

ନିମାପଡା,(ସବ୍ୟୁ): ବିଜେପି ପ୍ରାର୍ଥିନୀ ପ୍ରଭାତୀ ପରିଡା ସୋମବାର ସଂଧ୍ୟାରେ ନିମାପଡା ଏନ୍‌ଏସିରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି । ବିଜେପି ପ୍ରାର୍ଥିନୀ ଶ୍ରୀମତୀ ପରିଡା ଏବଂ ଶତାଧିକ ଦଳୀୟ କର୍ମୀ ବଡ ବଜାର ସ୍ଥିତ ପତିତ ପାବନ ଦେବଙ୍କ ପ୍ରାଙ୍ଗଣରୁ ଜନ ଆର୍ଶୀବାଦ ପଦଯାତ୍ରାରେ ବାହାରୀ ନିମାପଡା ଏନ୍‌ଏସିର ୬ ଓ ୭ନଂ ୱାର୍ଡ ପରିକ୍ରମା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଶରେ ଚାଲିଥିବା ବିକାଶର ଲହରୀର ବାର୍ତ୍ତା ବିଭିନ୍ନ ବର୍ଗର ବ୍ୟକ୍ତି ବିକାଶଙ୍କୁ ଭେଟି ଶ୍ରୀମତୀ ପରିଡା ଆର୍ଶିବାଦ ଭିକ୍ଷା କରିଥିଲେ । ଏଥର ଓଡିଶାରେ ଡବଲ ଇଂଜିନ ସରକାର ହେବାକୁ ଭୋଟର ମନ ବଳାଇଛନ୍ତି,ଆମ୍ଭେ ନିମାପଡା ନିର୍ବାଚନ ମଣ୍ଡଳୀର ହଜାର ହଜାର ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଭେଟି ସଂଗଠନକୁ ସୁଦୃଢ କରିବୁ ଏବଂ ବିଜୟୀ ହେବୁ ବୋଲି ଶ୍ରୀମତୀ ପରିଡା କହିଛନ୍ତି । ଏହି ଜନ ଆର୍ଶିବାଦ ପଦଯାତ୍ରାରେ ମଣ୍ଡଳ ସଭାପତି ନିରଂଜନ ନାୟକ,ସାଧାରଣ ସଂପାଦିକା ଜାନକୀ ନାଥ ଜେନା,ଉପସଭାପତି ସତ୍ୟାଶିଷ ଦାଶ,ନାଗୀନେତ୍ରୀ ମୀନଲତା ମହାନ୍ତି,ରାକେଶ ସେନାପତି,ଜତିନ୍ଦ୍ର ସ୍ୱାଇଁ,ମିଳନ ମୁଖୀ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

# ନୂଆ ଏୟାର୍ କଣ୍ଡିସ୍‌ନର ଲଞ୍ଚ କରିଛି ସେଲେକୋର ଗ୍ୟାଜେଟ୍‌ସ

ଭୁବନେଶ୍ୱର (ସବ୍ୟୁ): ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ କ୍ଷେତ୍ରରେ ଏକ ଉଦୀୟମାନ କ୍ୟୁମର ଡ୍ୟୁରାବୁଲ୍ସ କମ୍ପାନୀ ସେଲେକୋର ଗ୍ୟାଜେଟ୍‌ସ ଲିମିଟେଡ ଏହାର ନୂଆ ଏୟାର କଣ୍ଡିସ୍‌ନର ରେ୍‌ର ଲଂଚ୍ ଘୋଷଣା କରିଛି। ବିଗତ ବର୍ଷଗୁଡିକରେ ସେଲେକୋର୍ ମୋବାଇଲ, ସ୍ମାର୍ଟ ଟିଭି, ୱାଶିଙ୍ଗ ମେଶିନ, କିଚେନ ଆପ୍ଲାଏନ୍ସ, ସ୍ମାର୍ଟ ୱେୟାରେବୁଲ୍ସ, ହିୟରେବୁଲ୍‌ସ ଭଳି ବିବିଧ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରିଛି। ହୋମ୍ ଆପ୍ଲାଏନ୍ସେସ ବଜାରରେ ସଫଳତା ହାସଲ କରିବା ପରେ କମ୍ପାନୀ ଏବେ ଏସିର ବିକଶିତ ଚାହିଦା କ୍ଷେତ୍ରରେ ନିଜର ଉପସ୍ଥିତି ବିସ୍ତାର କରିଛି। ଏହାର ଦୀର୍ଘାବଧି ବ୍ୟବସାୟିକ ଅଭିବୃଦ୍ଧି ଯୋଜନାର ଅଂଶ ଭାବେ ସେଲେକୋର୍ ହୋମ୍ ଆପ୍ଲାଏନ୍ସ କ୍ଷେତ୍ରରେ ପ୍ରବେଶ କରିଥିଲା ଓ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ କରିଥିଲା। ଏହି ସଫଳତା କମ୍ପାନୀକୁ ନିଜର ଉତ୍ପାଦ ଶୃଙ୍ଖଳାକୁ ବିସ୍ତାର କରିବାକୁ ପ୍ରୋତ୍ସାହିତ କରିଥିଲା। ନିଜର ମୂଲ୍ୟବାନ ଗ୍ରାହକଙ୍କୁ ସୁଲଭ ଆରାମ ପ୍ରଦାନ କରି ଚଳିତ ଏପ୍ରିଲ ମାସରେ ସେଲୋକୋର ନିଜର ନୂଆ ଏସି ଶୃଙ୍ଖଳାର ଉନ୍ମୋଚନ କରିବାକୁ ଯୋଜନା ରଖିଛି ।

# ବିଶ୍ୱ କଳା ଦିବସରେ ଚିତ୍ରକଳା ପ୍ରଦର୍ଶନୀ

## ଚିତ୍ରରେ ଭାବବ୍ୟକ୍ତ କଲେ ଛାତ୍ରଛାତ୍ରୀ, ଶୁଭେଚ୍ଛା ଜଣାଇଲେ ବିଦେଶରୁ ବହୁ ବରିଷ୍ଠ ଶିଳ୍ପୀ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱବିଖ୍ୟାତ ଚିତ୍ରଶିଳ୍ପୀ ଲିଓନାର୍ଡୋ ଦାଭିଞ୍ଚିଙ୍କ ଜନ୍ମଦିବସ ଏପ୍ରିଲ ୧୫କୁ ସାରା ବିଶ୍ୱରେ ବିଶ୍ୱ କଳା ଦିବସ ରୂପେ ପାଳନ କରିଆସୁଛନ୍ତି । ଏହି ଅବସରରେ ଧଉଳି ଚାରୁକଳା ମହାବିଦ୍ୟାଳୟର ୨୩ ଜଣ ଛାତ୍ରଛାତ୍ରୀ ଏକ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଏବଂ ଇନଷ୍ଟଲେସନ ଆର୍ଟର ଆୟୋଜନ କରିବା ସହିତ ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଏବଂ ଅଧ୍ୟାପିକା ମାନେ ଏହାକୁ ଉତ୍ସବ ରୂପେ ପାଳନ କରିଛନ୍ତି । ଉତ୍ସବ ଅବସରରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ଚିତ୍ରଶିଳ୍ପୀ ବିନୋଦ ମହାରଣା ମୁଖ୍ୟ ଅତିଥି ରୂପେ ପ୍ରଦର୍ଶନୀକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ । ମୁଖ୍ୟ ବକ୍ତାରୁପେ ଓଡ଼ିଶା ଲଳିତ କଳା ଏକାଡ଼େମୀର ସଚିବ ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଯୋଗଦେଇ ଅଂଶଗ୍ରହଣ କରିଥିବା ଚିତ୍ରଶିଳ୍ପୀ ମାନଙ୍କ ଚିତ୍ରର ଭୂୟସୀ ପ୍ରଶଂସା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ ପ୍ରାରମ୍ଭରେ ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ବିଶ୍ୱ କଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ । ୨୦୧୨ ମସିହାରୁ ପ୍ରତିବର୍ଷ ମହାବିଦ୍ୟାଳୟ ତରଫରୁ ବିଭିନ୍ନ କଳାତ୍ମକ କାର୍ଯ୍ୟକ୍ରମ କରାଯାଉଅଛି । ଚଳିତ ବର୍ଷ ଏପ୍ରିଲ୍ ୧୨ ତାରିଖରୁ ଉତ୍ସବ ଅବସରରେ ଏକ ଚିତ୍ରକଳା ଶିବିର ଆରମ୍ଭ ହୋଇଥିଲା । ଶିବିରର ଚିତ୍ରକଳା ଓ ଇନଷ୍ଟଲେସନ୍ ଆର୍ଟ ଗୁଡ଼ିକ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଅଛି । ଶିଳ୍ପୀ ସ୍ମୃତିରଞ୍ଜନ ବେହେରା, ଦେବାଶିଷ ବେହେରା, ସୁନିଲ କୁମାର ମିଶ୍ର,ପ୍ରକାଶ ପରିଡ଼ା,ଶୁଭଙ୍କର ରାୟ,ଦୀପକ କୁମାର ଜେନା, ବର୍ଷା ରାଣୀ ଓଝା, ବୈଶାଖୀ ନାୟକ, ଗୋବିନ୍ଦ ତ୍ରିପାଠୀ,ଗଣେଶ ମୁଣ୍ଡା, ଆର୍ଯ୍ୟାନ୍ ସାମଲ,ସୋନାଲି ନାୟକ,ଭାରତ ଭୂଷଣ ସାମଲ,ଲୋକନାଥ ନନ୍ଦ,ସୋନାଲି ବିଶ୍ୱାଳ,କ୍ଷେତ୍ରବାସୀ ମହାରଣା, ପଲ୍ଲବୀ ସାହୁ,ଶିବ




ମଣ୍ଡଳ,ସୁର ପ୍ରସାଦ ବିଶ୍ୱାଳ,ପ୍ରୀତି ସ୍ୱରୂପ ଜେନା, ଲିପ୍ସା ପ୍ରଧାନ, ବୃନ୍ଦାବନ ପଣ୍ଡା ଓ ଚନ୍ଦ୍ର ରଣା ପ୍ରମୁଖ ଶିବିରରେ ଲିଓନାର୍ଡୋ ଦଭିଞ୍ଚି,ଭେଙ୍ଗଗ ଓ ଓଡ଼ିଶାର ଖ୍ୟାତନାମା ଚିତ୍ରଶିଳ୍ପୀ ବିମ୍ବାଧର ବର୍ମାଙ୍କ ମୁଖାକୃତି ଅଙ୍କନ କରିବା ସହ ଓଡ଼ିଶାର କଳା ଓ ସଂସ୍କୃତିକୁ ନେଇ ସୃଜନଶୀଳ ଚିତ୍ରକଳା ଅଙ୍କନ କରିଥିଲେ । ବିଶ୍ୱ କଳା ଦିବସ ପାଳନ ଅବସରରେ ସୁଇଜରଲ୍ୟାଣ୍ଡରୁ ବରିଷ୍ଠ ଶିଳ୍ପୀ କରେନ୍ ଭୋନ,ନେପାଳରୁ ଭୀମ ପ୍ରସାଦ ଶର୍ମା, ବଙ୍ଗଳାଦେଶରୁ ନିଖିଲ ଚନ୍ଦ୍ର ଦାସ,କଲିକତାରୁ ରଥିନ କାଞ୍ଜି ଓ ରାଷ୍ଟ୍ରୀୟ ଲଳିତକଳା କେନ୍ଦ୍ରର ସଂପାଦକ ରାମକୃଷ୍ଣ ବେଦାଲ ପ୍ରମୁଖ ଭିଡିଓ ବାର୍ତ୍ତା ଦେଇ ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ସ୍ଥାନୀୟ ଶିଳ୍ପୀ ମାନେ ଉପସ୍ଥିତ ରହି ପ୍ରଦର୍ଶନୀ ବୁଲି ଦେଖିଥିଲେ ।

# ଭୁବନେଶ୍ୱରରେ ଉନ୍ମୋଚିତ ହେଲା ନୂଆ ଫିଟନେସ୍ ହେଭେନ୍ 'ଦି ଡ୍ରିମ୍ ଜିମ୍'

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରରେ ଉନ୍ମୋଚିତ ହୋଇଛି ନୂଆ ଫିଟ୍‌ନେସ୍ ହେଭେନ୍ । ଦି ଡ୍ରିମ୍ ଜିମ୍ ଫିଟନେସ୍ ପରିଦୃଶ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତି ଦେଇଛି । ଅତ୍ୟାଧୁନିକ ସୁବିଧା ସୁଯୋଗ ଓ ପ୍ରତ୍ୟେକଙ୍କ ପାଇଁ ବ୍ୟକ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଦାନ କରି ସଦସ୍ୟଙ୍କ ଲକ୍ଷ୍ୟ ସମ୍ପାଦନା। ଅତ୍ୟାଧୁନିକ ବ୍ୟାୟାମ ମେସିନ୍, ମାଗଣା ଓଜନରେ ସଜ୍ଜିତ ଏକ ବିଶାଳ ସ୍ଥାନ, ଏବଂ ଗ୍ରୁପ୍ କ୍ଲାସ୍ ଏବଂ କାର୍ଯ୍ୟକାରୀ ପ୍ରଶିକ୍ଷଣ ପାଇଁ ଉତ୍ସର୍ଗୀକୃତ କ୍ଷେତ୍ର ଏଠାରେ ରହିଛି । ଜଣେ ଅଭିଜ୍ଞ ଆଥଲେଟ୍ ହୁଅନ୍ତୁ କିମ୍ବା ଜଣେ ନୂତନ ଏକ ସୁସ୍ଥ ଜୀବନଶୈଳୀ ଦିଗରେ ସେମାନଙ୍କର ପ୍ରଥମ ପଦକ୍ଷେପ ନେଇ, ଡ୍ରିମ୍ ଜିମ୍ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରେ । ଏକ ଫିଟ୍‌ନେସ୍ ସ୍ୱପ୍ନ ହାସଲ କରିବାର ପ୍ରତ୍ୟେକ ପଦକ୍ଷେପରେ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ । ଡ୍ରିମ୍ ଜିମ୍



ପରିବେଷ ବୋଲି କହିଛନ୍ତି ଡ୍ରିମ୍ ଜିମ୍ ର ପ୍ରତିଷ୍ଠାତା ରାଜେଶ କୁମାର । ବ୍ୟକ୍ତିଗତ ବ୍ୟାୟାମ ଯୋଜନାଠାରୁ ଆରମ୍ଭ କରି ପୁଷ୍ଟିକର ମାର୍ଗଦର୍ଶନ ପର୍ଯ୍ୟନ୍ତ, ବିଶେଷଜ୍ଞ ପ୍ରଶିକ୍ଷକମାନେ ଡ୍ରିମ୍ ଜିମ୍ ସଦସ୍ୟମାନଙ୍କୁ ସେମାନଙ୍କର କେବଳ ବ୍ୟାୟାମ କରିବାର ସ୍ଥାନ ନୁହେଁ ଏହା ଏକ ଗନ୍ତବ୍ୟ ସ୍ଥଳ ଯେଉଁଠାରେ ବ୍ୟକ୍ତିମାନେ କରିପାରିବେ ସେମାନଙ୍କର ସୀମା ଅତିକ୍ରମ କରି, ପ୍ରତିବନ୍ଧକ ଭାଙ୍ଗିବେ ଏବଂ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣନ୍ତୁ ।

# କୈବର୍ତ୍ତ ସମାଜର ଆମ୍ବେଦକର ଜୟନ୍ତୀ ପାଳନ

ଭଣ୍ଡାରିପୋଖରୀ,(ସବ୍ୟୁ):ଏହି ବ୍ଲକର ଆଖୁଆପଦା କୈବର୍ତ୍ତ ଭବନରେ କୈବର୍ତ୍ତ ସମାଜ ଆନୁକୂଲ୍ୟରେ ରବିବାର ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲାଶ କୈବର୍ତ୍ତ ସମାଜ ସଭାପତି ରମେଶ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡ. ରବିନାରାୟଣ ବେହେରା ମୁଖ୍ୟ ଅତିଥି, ନିଖିଳ ଓଡିଶା କୈବର୍ତ୍ତ ମହାସଭା ଉପସଭାପତି ଜଗନ୍ନାଥ ମାଝୀ ମୁଖ୍ୟବକ୍ତା, ପୂର୍ବତନ ଜିଲ୍ଲାଶ ସଭାପତି ପଦ୍ମଲୋଚନ ଦାସ, ସରପଞ୍ଚ ରଞ୍ଜନ କୁମାର ପରିଡା, କୁଳମଣି ପରିଡା, ପୂର୍ବତନ ସରପଞ୍ଚ ତଥା ଜିଲ୍ଲା ଅନୁସୂଚୀତ ଜାତି ଜନଜାତି ସଭାପତି ପ୍ରମୋଦ ସୂତାର, ଘୋଡାନାଚ ଗାୟକ ଉମାକାନ୍ତ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରମୁଖ ଯୋଗଦେଇ ଦଳିତ ସମାଜର ସଂସ୍କାର, ସ୍ୱାଭିମାନ ଓ ଅଧିକାର ପାଇଁ ବାବାସାହେବ ଦେଓରସ ଆମ୍ବେଦକରଙ୍କ ଜୀବନବ୍ୟାପୀ ସଂଗ୍ରାମ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

# କିମ୍ସରେ ଖୋଲିଲା ଅତ୍ୟାଧୁନିକ ଷ୍ଟ୍ରୋକ୍ ସେଣ୍ଟର



ଭୁବନେଶ୍ୱର (ସବ୍ୟୁ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସେସ୍ (କିମ୍ସ) ହସ୍ପିଟାଲରେ ଅତ୍ୟାଧୁନିକ ଷ୍ଟ୍ରୋକ୍ ସେଣ୍ଟର କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ସୋମବାର ଉଦ୍‌ଘାଟିତ ହୋଇଯାଇଛି । ମୃତ୍ୟୁର କାରଣ ହେଉଥିବା ବିଭିନ୍ନ ପ୍ରକାର ଷ୍ଟ୍ରୋକ୍ ପ୍ରଭାବର ମୁକାବିଲା ପାଇଁ ଏଠାରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି । ଏହି ସେଣ୍ଟରରେ ଏକ ଉତ୍ସର୍ଗୀକୃତ ଷ୍ଟ୍ରୋକ୍ ବିଶେଷଜ୍ଞ ଟିମ୍ ରହିଥିବା ବେଳେ ନବୀନତମ ନିଦାନ ଓ ଚିକିତ୍ସା ପଦ୍ଧତି ଉପଲବ୍ଧ । ଏହି ସେଣ୍ଟର ତ୍ୱରିତ ରୋଗୀ କୈନ୍ଦ୍ରୀକ ଯତ୍ନ ନିମନ୍ତେ ପ୍ରତିବଦ୍ଧ । ଷ୍ଟ୍ରୋକ୍ ହୋଇଥିବା ରୋଗୀ ଉପଯୁକ୍ତ ସମୟରେ ସଙ୍କଟାପନ୍ନ ପରିସ୍ଥିତିରେ ଜରୁରୀ ଚିକିତ୍ସା ଆବଶ୍ୟକ କରିଥାନ୍ତି । ମସ୍ତିସ୍କରେ ସର୍ବାଧିକ କ୍ଷତି ରୋକିବା ନିମନ୍ତେ ଷ୍ଟ୍ରୋକ୍ ହେବାର ସାଢେ ୪ରୁ ୫ ଘଣ୍ଟା ମଧ୍ୟରେ ରୋଗୀ ହସ୍ପିଟାଲରେ ପହଞ୍ଚିବା ଆବଶ୍ୟକ ବୋଲି କିମ୍ସ ନ୍ୟୁରୋଲୋଜି ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡା. ସନ୍ତୋଷ କୁମାର ଦାଶ କହିଛନ୍ତି । ଷ୍ଟ୍ରୋକ୍ର ତ୍ୱରିତ ଚିକିତ୍ସାର ଆବଶ୍ୟକତା ସମ୍ପର୍କରେ ଅଭିଜ୍ଞତା ଥିବା ବିଶେଷଜ୍ଞଙ୍କ ଦ୍ୱାରା କିମ୍ସର ଏହି ଷ୍ଟ୍ରୋକ୍ ସେଣ୍ଟରରେ ରୋଗୀଙ୍କୁ ସର୍ବୋତ୍କୃଷ୍ଟ ଯତ୍ନ ସୁନିଶ୍ଚିତ କରିବା ସହ ଉତ୍ତମ ଚିକିତ୍ସା ପ୍ରଦାନ କରାଯାଇଥାଏ । ଷ୍ଟ୍ରୋକ୍ ରୋଗୀଙ୍କ ପାଇଁ ପ୍ରତ୍ୟେକ ମିନିଟ୍ ହେଉଛି ମୂଲ୍ୟବାନ । ଯେତେ ଶୀଘ୍ର ରୋଗୀର ଚିକିତ୍ସା କରାଯାଇଥାଏ ସେହି ଅନୁସାରେ ଉପଶମର ସମ୍ଭାବନା ସେତେ ବିଥାଏ । ଏହି ସେଣ୍ଟରରେ ୨୪ ଘଣ୍ଟିଆ ଷ୍ଟ୍ରୋକ୍ ବିଶେଷଜ୍ଞ ଉପଲବ୍ଧ ରହୁଥିବା ବେଳେ ଏଠାରେ ସିଟି ସ୍କାନ, ଏମ୍‌ଆରଆଇ, ଠିକ୍ ସମୟରେ କ୍ଲଟ୍-ବୁଷ୍ଟିଂ ମେଡ଼ିସିନ୍ ଉପଯୋଗ ଏବଂ ଆବଶ୍ୟକ ଅନୁଯାୟୀ ମିନିମାଲି ଇନ୍ଭାସିଭ କ୍ଲଟ୍ ରିମୁଭାଲ୍ ପଦ୍ଧତି ଓ ତ୍ୱରିତ ନିଦାନ ସୁବିଧା ରହିଛି । ବିଶେଷଜ୍ଞଙ୍କ ଯତ୍ନ, ସମ୍ପୂର୍ଣ୍ଣ ପୁନର୍ବାସ କାର୍ଯ୍ୟକ୍ରମ ସହ ରୋଗୀମାନେ ସ୍ୱତନ୍ତ୍ର ଷ୍ଟ୍ରୋକ୍ ୟୁନିଟ୍ର ସୁବିଧା ପାଇପାରିବେ । ଓଡ଼ିଶାରେ ଏହି ଷ୍ଟ୍ରୋକ୍ କେନ୍ଦ୍ର ଖୋଲିବା ଦ୍ୱାରା ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଆଉ ପାଦେ ଆଗକୁ ବଢ଼ିଛି ।

# ଭାରତରେ ପହଞ୍ଚିଛି ବିଶ୍ୱସ୍ତରୀୟ ବିକ୍ରେତା ନୂଆ ପିଜା ହଟ୍ ମେଲ୍ଟସ୍

ଭୁବନେଶ୍ୱର (ସବ୍ୟୁ): ଭାରତର ସବୁଠାରୁ ପ୍ରିୟ ଓ ବିଶ୍ୱସ୍ତ ପିଜା ବ୍ରାଣ୍ଡ ପିଜା ହଟ୍ ଏହାର ସର୍ବଭାରତୀୟ ବେଷ୍ଟ ସେଲର୍ ମେଲ୍ଟକୁ ଭାରତୀୟ ବଜାରରେ ପ୍ରବେଶ କରାଇଛି। ମେଲ୍ଟସ୍ ହେଉଛି ଏକ ସୁବିଧାଜନକ ତଥା ସଂୋଷଜନକ ଭୋଜନ ବିକଳ୍ପ ଯାହା ଗ୍ରାହକଙ୍କ ଜୀବନ ଶୈଳୀ ଉପଯୋଗୀ ସେବା ପ୍ରଦାନ କରିଥାଏ ଓ ଯେ କୌଣସି ସ୍ଥାନରେ ଖାଇବା ଲାଗି ଉପଯୁକ୍ତ । କ୍ରିସ୍‌ପି, ଚିଜ୍ ଓ ଲୋଡ୍ ହୋଇଥିବା ସମସ୍ତ ମେଲ୍ଟସ୍ ବୈଶିଷ୍ଟ୍ୟରେ ପତଳା ଓ କୁଡୁମୁଡ଼ିଆ ସ୍ୱାଦିଷ୍ଟ ଅନୁଭବର ସ୍ପର୍ଶ ମିଳିଥାଏ । ଏଥିରେ ପନୀର, ସ୍ୱାଦିଷ୍ଟ ସସ୍ ଓ ଅନ୍ୟାନ୍ୟ ମସଲା ଛିଂଚା ଯାଇ ପ୍ରସ୍ତୁତ କରାଯାଇଥାଏ । ମେଲ୍ଟସ୍ ଏକ




ବିଶ୍ୱବ୍ୟାପୀ ଚାହିଦାପୂର୍ଣ୍ଣ ଖାଦ୍ୟ ଓ ଭାରତୀୟ ସ୍ୱାଦ ଅନୁସାରେ ପ୍ରସ୍ତୁତ । ଏହା ଛଅ ପ୍ରକାର ସ୍ୱାଦରେ ଉପଲବ୍ଧ ଯାହା ଲୋଡେଡ୍ ବାର୍‌ବିକ୍ୟୁ, ଲୋଡେଡ୍ ଚିକେନ ବାରବିକ୍ୟୁ, ଚିଜ୍ ଚିକେନ୍, ମ୍ୟାଜିକାଲ୍ ମଖନି ପନୀର ଓ ଚିକେନ୍ ଟିକା ତଥା କିମା । ଏହି ଉନ୍ମୋଚନ ସଂପର୍କରେ ମତ ଦେଇ ପିଜା ହଟ୍ ଭାରତୀୟ ଉପମହାଦେଶର ପରିଚାଳନା ନିର୍ଦ୍ଦେଶକ ମେରିଲ୍ ପେରେରା କହିଛନ୍ତି ଯେ 'ମେଲ୍ଟସ୍ ହେଉଛି ଏକ ଖାଦ୍ୟ ଯାହା ଭାରତରେ ଏକ ନୂଆ ବ୍ରାଣ୍ଡ୍ ଭାବେ ପରିଚିତ ହେବାକୁ ଯାଉଛି। ଏହାର ମୂଲ୍ୟ ମାତ୍ର ୧୬୯ଟଙ୍କାରୁ ଆରମ୍ଭ। ସାରା ଭାରତରେ ୮୫୦ ପିଜା ହଟ ରେଷ୍ଟୁରାଂଟ ଉପଲବ୍ଧ ରହିଛି।

# ୪ର୍ଥ ତ୍ରୈମାସ ଫଳାଫଳ ଘୋଷଣା କରିଛି ଓକେ ପ୍ଲେ ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ) : ପ୍ଲାଷ୍ଟିକ ମୋଲ୍ଡେଡ ଫର୍ଣ୍ଣିଚର, ଆଉଟଡୋର ପ୍ଲେ ଇକ୍ୱିପମେଂଟ୍, ପଏଂଟ୍-ଅଫ୍-ପର୍‌ଚେଜ ପ୍ରଡକ୍ଟ, ଅଟୋମୋଟିଭ କମ୍ପୋନେଂଟ୍ ଓ ଇଲେକ୍‌ଟ୍ରିକ ଯାନର ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ଅଗ୍ରଣୀ ସଂସ୍ଥା ଓକୋ ପ୍ଲେ ଇଣ୍ଡିଆ ଲିମିଟେଡ ଗତ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଥିବା ତ୍ରୈମାସ ଓ ଆର୍ଥିକ ବର୍ଷ ପାଇଁ ବର୍ଦ୍ଧିତ ଆୟ ସମ୍ପର୍କରେ ଘୋଷଣା କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ଶେଷ ତଥା ୪ର୍ଥ ତ୍ରୈମାସରେ କମ୍ପାନୀର ରାଜସ୍ୱ ତ୍ରୈମାସ ଆଧାରରେ ୪୫% ବୃଦ୍ଧି ହୋଇ ୪୮୩୮.୪୬ ଲକ୍ଷ ଟଙ୍କା ରହିଥିବା ବେଳେ ଏବିଟଡା ୧୨୬% ବୃଦ୍ଧି ହୋଇ ୫୭୧.୮୩ ଲକ୍ଷ ଟଙ୍କା ଏବଂ ପିଏଟି ୪୨୬.୩୩ ଲକ୍ଷ ଟଙ୍କା ରହିଛି। ସେହିପରି ନିକଟରେ କମ୍ପାନୀ ୧:୧୦ ଅନୁପାତରେ ଇକ୍ୱିଟି ସେୟାର୍‌ର ବିଭାଜନକୁ କାର୍ଯ୍ୟକାରୀ କରିଥିଲା। ଏହାପୂର୍ବରୁ କମ୍ପାନୀ ଘୋଷଣା କରିଥିଲା ଯେ, ନିକଟରେ ଅଧିଗ୍ରହଣ କରିଥିବା ଏହାର ସହାୟକ କମ୍ପାନୀ ଏମ୍‌ଆର୍‌ଏଚ୍ ଟେକ୍ନୋଲୋଜିସ୍ ପ୍ରା.ଲିଃ ମ୍ୟାନ୍‌ହମେଲ ଫିଲ୍ଟର ପ୍ରାଇଭେଟ ଲିମିଟେଡ (ଏମ୍‌ଏଚ୍‌ଆଇଏନ୍) ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି ଯେଉଁଥିରେ ଏହାର ନୂଆ ବୈପ୍ଳବିକ ଉତ୍ପାଦ 'ପ୍ୟୋରଏୟାର ମୋବାଇଲ ଫାଇନ'କୁ ପ୍ରୋତ୍ସାହିତ, ବିତରଣ, ଯୋଗାଣ କରିବା ଓ ସେବା ପ୍ରଦାନ କରିବା ପାଇଁ ଏହାର ଏକମାତ୍ର ଓ ସ୍ୱତନ୍ତ୍ର ବିତରଣକାରୀ ଭାବେ କାର୍ଯ୍ୟ କରିବା ସାମିଲ ରହିଛି। ଏହି ଚୁକ୍ତି ସମ୍ପର୍କରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାଜନ ହାଣ୍ଡା କହିଛିଁ, 'ଆମେ ମ୍ୟାନ୍‌ହମେଲ ସହ ଆମର ଚୁକ୍ତି ସମ୍ପର୍କରେ ଘୋଷଣା କରି ଖୁବ୍ ଆନନ୍ଦିତ, ଯାହାକି ଏୟାର ଫିଲ୍ଟରେଶନ ସଲ୍ୟୁଶନ୍ସ କ୍ଷେତ୍ରରେ ଏକ ଗ୍ଲୋବାଲ ଲିଡର ଅଟେ। ଏହି ଚୁକ୍ତି କମ୍ପାନୀ ଓ ସମଗ୍ର ଦେଶ ପାଇଁ ଗୁରୁତ୍ୱ ବହନ କରୁଛି କାରଣ ଏହା ନିକଟରେ ଭାରତରେ ବାୟୁ ପ୍ରଦୂଷଣ ସମସ୍ୟାକୁ ଦୂର କରିବା ପାଇଁ ପରିବର୍ତନଶୀଳ ସମାଧାନରେ ପରିଣତ ହେବାର କ୍ଷମତା ରହିଛି।'



ରସୁଲଗଡ ସ୍ଥିତ ତାରିଣୀ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ

## ୨୩ ଯାଏଁ ନ୍ୟାୟିକ ହେପାଜତରେ ରହିବେକେ କବିତା



**ନୂଆଦିଲ୍ଲୀ:** ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ କେ. କବିତାଙ୍କ ସମସ୍ୟା ବଢିବାରେ ଲାଗିଛି । ଏହି ମାମଲାରେ ଆଜି ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ଗିରଫ ହୋଇଥିବା ଭାରତ ରାଷ୍ଟ୍ର ସମିତି (ବିଆରଏସ) ନେତ୍ରୀ କେ. କବିତାଙ୍କୁ ଏପ୍ରିଲ ୨୩ ପର୍ଯ୍ୟନ୍ତ ନ୍ୟାୟିକ ହେପାଜତକୁ ପଠାଇଦେଇଛନ୍ତି । ରିମାଣ୍ଡ ଅବଧି ଶେଷ ହେବା ପରେ ସୋମବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା ।

ନ୍ୟାୟିକ ହେପାଜତକୁ ପଠାଯିବା ପୂର୍ବରୁ କୋର୍ଟରେ କବିତା କହିଛନ୍ତି,'ଏହା ସିବିଆଇ ହେପାଜତ ନୁହେଁ, ଏହା ହେଉଛି ବିଜେପି ହେପାଜତ । ସିବିଆଇ ଦ୍ୱାରା ସମାନ ପ୍ରଶ୍ନ ବାରମ୍ବାର ପଚରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ତେବେ ସିବିଆଇ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ପୂର୍ବତନ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ଝିଅଙ୍କୁ ଏପ୍ରିଲ ୬ ରେ ତିହାର ଜେଲରେ ହାଜର କରିଥିଲା । ସେଠାରେ କବିତାଙ୍କୁ ମଧ ଅନେକ ପ୍ରଶ୍ନ ଗୁଡାଇ ତୁଡାଇ ପଚରା ଯାଇଥିଲା, ପରେ ତାଙ୍କୁ ଏପ୍ରିଲ ୧୧ ତାରିଖରେ ଗିରଫ କରାଯାଇଥିଲା ।

## ପ୍ରଚାର ବେଳେ ରାହୁଲ ଗାନ୍ଧୀଙ୍କ ହେଲିକପ୍ଟର ଯାଞ୍ଚ



**ଚେନ୍ନାଇ:** ନିର୍ବାଚନୀ ପ୍ରଚାର ବେଳେ ଯାଞ୍ଚ ହେଲା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ହେଲିକପ୍ଟର । ହେଲିକପ୍ଟର ଅବତରଣ କରିବା ପରେ ଫ୍ଲାଇଂ ସ୍କ୍ୱାର୍ଡ ଅଧିକାରୀମାନେ ତାଙ୍କ ହେଲିକପ୍ଟରର ତଲାସୀ ନେଇଛନ୍ତି । ଆଜି ରାହୁଲ ପ୍ରଚାର ପାଇଁ ତାଙ୍କ ସଂସଦୀୟ କ୍ଷେତ୍ର କେରଳର ୱାୟନାଡ ଅଭିମୁଖେ ଯାଉଥିବାବେଳେ ଏହି ଘଟଣା ସାମ୍ନାକୁ ଆସିଛି । ରାହୁଲ ଦ୍ୱିତୀୟ ଥର ପାଇଁ ଲଗାତର ଭାବେ ୱାୟନାଡରୁ ନିର୍ବାଚନ ଲଢୁଛନ୍ତି । ଯେଉଁଠି ଏପ୍ରିଲ ୨୬ ତାରିଖରେ ମତଦାନ ଅନୁଷ୍ଠିତ ହେବ । ସେନେଇ ଆଜି ସେ ତାଙ୍କ ସଂସଦୀୟ ନିର୍ବାଚନମଣ୍ଡଳୀ କେରଳର ୱାୟନାଡ ଅଭିମୁଖେ ଯାଉଥିଲେ, ଯେଉଁଠାରେ ତାଙ୍କର ସାଧାରଣ ସଭା ସମେତ ଅନେକ ସାଧାରଣ କାର୍ଯ୍ୟକ୍ରମ ରହିଛି । ହେଲେ ଏହା ପୂର୍ବରୁ ତାମିଲନାଡୁର ନିଲଗିରିରେ ତାଙ୍କ ହେଲିକପ୍ଟର ଅବତରଣ କରିବା ସମୟରେ ଫ୍ଲାଇଂ ସ୍କ୍ୱାର୍ଡ ଅଧିକାରୀମାନେ ତାଙ୍କ ହେଲିକପ୍ଟର ଭିତରେ ପଶି ଖୋଳତାଡ ଆରମ୍ଭ କରିଥିବା ପୁଲିସ ସୂଚନା ଦେଇଛି । ଏହି ଘଟଣା ପରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅସନତୋଷର ବାତାବରଣ ଦେଖିବାକୁ ମିଳିଛି । ହେଲେ ଏପର୍ଯ୍ୟନ୍ତ ଏ ବିଷୟରେ ରାହୁଲ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ।

# ଇରାନ ଆକ୍ରମଣର ଜବାବ ଦେବ ଇସ୍ରାଏଲ୍

**ନୂଆଦିଲ୍ଲୀ:** ଇସ୍ରାଏଲ ଉପରେ ଇରାନର ଆକ୍ରମଣ । ୩ଶହରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ । କିନ୍ତୁ ଏହାକୁ ନିଜର ହାଇପରସୋନିକ ମିସାଇଲ ବଳରେ ଦେଶକୁ ସୁରକ୍ଷା ଦେବାରେ ସଫଳ ହୋଇଛି ଇସ୍ରାଏଲ । ୩୩୧ ମିସାଇଲ ଓ ୧୮୫ ଆତ୍ମଘାତୀ ଡ୍ରୋନରେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା ଇରାନ । କିନ୍ତୁ ଆଇରନ ଡୋମ ଓ ଏରୋ-୩ ହାଇପରସୋନିକ ମିସାଇଲରେ ଏହାକୁ ପ୍ରତିହତ କରିଛି ଇସ୍ରାଏଲ । ଏଥିସହ ଆଉ ଆକ୍ରମଣ କରାଯିବ ନାହିଁ ବୋଲି ଇରାନ କହିଥିବା ବେଳେ ଠିକଣା ସମୟରେ ଏହାର ଉଚିତ ଜବାବ ଦିଆଯିବ ବୋଲି ଇସ୍ରାଏଲ କହିଛି । ଯଦି ଇସ୍ରାଏଲ ଇରାନ ଉପରେ କୌଣସି ଆକ୍ରମଣ କରେ ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି ଇରାନ ପକ୍ଷରୁ ଚେତାଇ ଦିଆଯାଇଛି । ସେପଟେ ଇରାନର କୌଣସି କ୍ଷେପଣାସ୍ତ୍ର ଇସ୍ରାଏଲ ମାଟିରେ ପଡ଼ି ନଥିବା କହିଛନ୍ତି ଇସ୍ରାଏଲ ସେନା ମୁଖପାତ୍ର । ସମସ୍ତ କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ଧ୍ୱଂସ କରାଯାଇଥିବା ସେ କହିଛନ୍ତି । ଅର୍ନ୍ତଜାତୀୟ ଗଣମାଧମ ରିପୋର୍ଟ ଅନୁସାରେ ଇରାନ ଆକ୍ରମଣର ଜବାବ ଦେବାକୁ ଇସ୍ରାଏଲ ପ୍ରସ୍ତୁତି ଆରମ୍ଭ କରିଛି । ଇରାନ ପ୍ରଥମ ଥର ପାଇଁ ନିଜ ମାଟିରୁ ଇସ୍ରାଏଲ ଉପରେ ଆକ୍ରମଣ କରିଛି । ତେଣୁ ଏହାର ଦୃଢ଼ ଜବାବ ଦେବାକୁ ବଡ଼ ଯୋଜନା ଚଳାଇଛି ଇସ୍ରାଏଲ । ଯଦି ଏଭଳି ହୁଏ ତେବେ ମଧ୍ୟପ୍ରାଚ୍ୟରେ ବଡ଼ ଯୁଦ୍ଧ ହେବାର ଆଶଙ୍କା ରହିଛି ।

### ହେବ ଘମାଘୋଟ ଲଢ଼େଇ



### ଇରାନ-ଇସ୍ରାଏଲ ଯୁଦ୍ଧ

- ଇସ୍ରାଏଲ ଉପରେ ଇରାନର ୩୩୧ ମିସାଇଲ ଓ ୧୮୫ ଡ୍ରୋନ ମାଡ଼
- ୧୮୫ ଆତ୍ମଘାତୀ ଡ୍ରୋନକୁ ଧ୍ୱଂସ କରିଛି ଇସ୍ରାଏଲ ମିସାଇଲ
- ୧୧୦ ବାଲାଷ୍ଟିକ ମିସାଇଲରୁ ୧୦୩କୁ ଧ୍ୱଂସ କଲା ଇସ୍ରାଏଲ
- ଇରାନର ୩୬ କ୍ରୁଜ ମିସାଇଲକୁ ଧ୍ୱଂସ କଲା ଇସ୍ରାଏଲ
- ୭ ବାଲାଷ୍ଟିକ ମିସାଇଲକୁ ଧ୍ୱଂସ କରିପାରିଲାନି ଇସ୍ରାଏଲ
- ଏରୋ-୩ ହାଇପରସୋନିକ ମିସାଇଲ ଇରାନର ମିସାଇଲକୁ ଧ୍ୱଂସ କଲା
- ଏରୋ-୩ ମିସାଇଲ ମହାକାଶରେ ଇସ୍ରାଏଲକୁ ସୁରକ୍ଷା ଦେବାକୁ ନିର୍ମିତ
- ଗତି ଓ ଆକ୍ରମଣ କ୍ଷମତା ସମ୍ପର୍କରେ ଇସ୍ରାଏଲ ସରକାର ସୂଚନା ଦେଇନାହାନ୍ତି
- କିନ୍ତୁ ଏରୋ-୨ରୁ ଅଧିକ ଗତି ହେଉଛି ଏରୋ-୩ ମିସାଇଲର

ମହାକାଶରେ କୌଣସି ସାଟେଲାଇଟକୁ ଧ୍ୱସଂ କରିବାର ରହିଛି କ୍ଷମତା

୨୦୧୭ରୁ ମୁତୟନ ହୋଇଛି ଏରୋ-୩ ହାଇପରସୋନିକ ମିସାଇଲ

- ଇରାନର ସେହି ୮ ମିସାଇଲ, ଯାହା ଇସ୍ରାଏଲ ପାଇଁ ବଡ଼ ବିପଦ ସାଜିଛି

### ସାହେବ ୩ ମିସାଇଲ

- ଇରାନର ମିଡିୟମ ରେଞ୍ଜ ବାଲାଷ୍ଟିକ ମିସାଇଲ
- ରେଜଂ ୧ ହଜାରରୁ ୨ ହଜାର କିଲୋମିଟର
- ଗୋଟିଏ ଥରରେ ୫ଟି ସ୍ଥାନରେ ଆକ୍ରମଣ କ୍ଷମତା
- ସର୍ବାଧିକ ୪୦୦ କିଲୋମିଟର ଉଚ୍ଚକୁ ଯାଇପାରିବ
- ପ୍ରତି ସେକେଣ୍ଡରେ ଗତି ହେଉଛି ୨.୪ କିଲୋମିଟର

### ଘର୍ଦ୍ଦ ମିସାଇଲ

- ମିଡିୟମ ରେଞ୍ଜର ବାଲାଷ୍ଟିକ ମିସାଇଲ
- ରେଞ୍ଜ ୧୮୦୦ରୁ ୨୦୦୦ କିଲୋମିଟର
- ଘଣ୍ଟା ପ୍ରତି ୧୧୦୦୦ କିମି ବେଗରେ ଟାର୍ଗେଟ ଆଡ଼କୁ ଗତିକରେ
- ଆଣ୍ଟି ସ୍ୟାଟେଲାଇଟ ମିସାଇଲ ବର୍ଗରେ ରହିଛି ଏହି ମିସାଇଲ
- ଟାର୍ଗେଟର ୧୧୦ମିଟର ପରିଧି ଭିତରେ ଧ୍ୱସଂ କରିବାର କ୍ଷମତା

### ଏମାଦ ମିସାଇଲ

- ମିଡିୟମ ରେଞ୍ଜର ବାଲାଷ୍ଟିକ ମିସାଇଲ
- ଏହାର ଓଜନ ୭୫୦ କିଲୋଗ୍ରାମ
- ରେଞ୍ଜ ୧୭୦୦ କିଲୋମିଟର
- ଟାର୍ଗେଟର ୫-୧୦ ମିଟର ପରିଧିରେ ବି ଧ୍ୱସଂ କରିବାର କ୍ଷମତା
- ଆବଶ୍ୟକ ପଡ଼ିଲେ ଦିଗ ବଦଳାଇପାରେ
- ୨୦୧୬ରୁ ଇରାନୀ ସେନା ଏହାକୁ ବ୍ୟବହାର କରୁଛି

### ଫତହ ମିସାଇଲ

- ହାଇପରସୋନିକ ମିଡିୟମ ରେଞ୍ଜ ମିସାଇଲ
- ୪୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ଲଗାଯାଇପାରିବ
- ଏହାର ରେଞ୍ଜ ୧୪୦୦ କିମି, ଗତି ୧୮୫୨୨ କିମି ପ୍ରତିଘଣ୍ଟା
- ଯେକୌଣସି ସମୟରେ ଏହାର ଗତିପଥ ବଦଳାଯାଇ ପାରିବ
- ମିସାଇଲ ରାଡାରରେ ଧରାପଡ଼େନାହିଁ ଫତହ ମିସାଇଲ

### ହଜ୍ କାସେମ ମିସାଇଲ

- ହଜ୍ କାସେମ ଇରାନର ବାଲାଷ୍ଟିକ ମିସାଇଲ
- ୨୦୨୦ରୁ ଇରାନ ସେନାରେ ସାମିଲ ହୋଇଛି
- ଏହାର ରେଞ୍ଜ ୧୪୦୦କିମି
- ୧୪୮୧୭ କିମି ପ୍ରତି ଘଣ୍ଟା ବେଗରେ ଗତି କରିପାରେ

### ଖୈବର ଶେକନ ମିସାଇଲ

- ଇରାନର ମିଡିୟମ ରେଞ୍ଜର ବାଲାଷ୍ଟିକ ମିସାଇଲ
- ଏହାର ରେଞ୍ଜ ୧୪୬୦ କିମି
- ୫୦୦କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିବାରେ ସକ୍ଷମ
- ଏହାର ଗତି ୪୯୩୨ କିମିରୁ ୬୧୭୪ କିମି ପ୍ରତିଘଣ୍ଟା

### ପାଭେ ମିସାଇଲ

- ପାଭେ ଇରାନର କ୍ରୁଜ ମିସାଇଲ
- ଏହାର ରେଞ୍ଜ ୧୬୫୦ କିମି
- ଟାର୍ଗେଟ ନିକଟରେ ପହଞ୍ଚିବା ପାଇଁ ବିକଳ୍ପ ରାସ୍ତା ଚୟନ କରିଥାଏ
- ଯେକୌଣସି ସମୟରେ ଗତି ବଦଳାଇବାରେ ସକ୍ଷମ

### ସେଜିଲ ମିସାଇଲ

- ଇରାନର ମିଡିୟମ ରେଞ୍ଜର ବାଲାଷ୍ଟିକ ମିସାଇଲ
- ୫୦୦ରୁ ୧୫୦୦ କିଗ୍ରା ଓଜନର ଯୁଦ୍ଧାସ୍ତ୍ର ବହନ କ୍ଷମତା
- ୧୭୪୮୭ କିମି ପ୍ରତି ଘଣ୍ଟାରେ ଗତି କରିପାରେ
- ଏହାର ରେଞ୍ଜ ୨୦୦୦ରୁ ୨୫୦୦ କିଲୋମିଟର
- ୨୦ମିଟର ଦୂରରେ ପଡ଼ିଲେ ବି ଟାର୍ଗେଟକୁ ଧ୍ୱସଂ କରିବାରେ ସକ୍ଷମ

## ସିଡନୀ ଚର୍ଚ୍ଚରେ ଛୁରାମାଡ଼

**ସିଡନୀ :** ଅଷ୍ଟ୍ରେଲିଆର ସିଡନୀରେ ପୁଣି ଥରେ ଛୁରାମାଡ଼ ହୋଇଛି । ସିଡନୀର ଏକ ଚର୍ଚ୍ଚରେ ଏହି ଘଟଣା ଘଟିଛି । ଏହି ଘଟଣାରେ ଜଣେ ବିଶପଙ୍କ ସମେତ ଆଉ କିଛି ଲୋକ ଆହତ ହୋଇଛନ୍ତି । ତିନି ଦିନ ମଧ୍ୟରେ ଛୁରାମାଡ଼ର ଏହା ଦ୍ୱିତୀୟ ଘଟଣା ।

ପଶ୍ଚିମ ସିଡନୀର ୱାକ୍ଲି ଅଞ୍ଚଳରେ ଥିବା ଖ୍ରୀଷ୍ଟ ଦ ଗୁଡ୍ ସେଫର୍ଡ ଚର୍ଚ୍ଚରେ ଉପଦେଶ ଦେବା ସମୟରେ ବିଶପ୍ ମାରି ଇମାନୁଏଲଙ୍କୁ ନିର୍ମମ ଭାବେ ଛୁରାମାଡ଼ କରାଯାଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି । ଆକ୍ରମଣକାରୀ ବିଶପଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ସଙ୍ଗେ ସଙ୍ଗେ ସେ ସେଠାରେ ପଡ଼ି ଯାଇଥିଲେ । ଏହି ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହା ପରେ ଆକ୍ରମଣକାରୀ ଆଉ କେତେ ଲୋକଙ୍କୁ ଆକ୍ରମଣ କରିଥିଲା । କେଉଁ ଧାରୁଆ ଅସ୍ତ୍ର ମାଧ୍ୟମରେ ଏହି ଆକ୍ରମଣ କରାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ । ତେବେ କେତେକ ରିପୋର୍ଟ ଅନୁସାରେ ଦୁର୍ବୃତ୍ତ ଏକ ପେନ ବ୍ୟବହାର କରି ଆକ୍ରମଣ କରିଥିଲା । ଏହି ଘଟଣା ପରେ ଆହତମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା । ଏ ସମ୍ପର୍କରେ ଖବର ପାଇଁ ତୁରନ୍ତ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ଓ ଆକ୍ରମଣକାରୀକୁ ଗିରଫ କରିଥିଲା । ଆହତମାଙ୍କ ଅବସ୍ଥା ଗୁରୁତର ନୁହେଁ ବୋଲି ପୁଲିସ କହିଛି ।



## ସଲମାନଙ୍କ ଘର ଉପରକୁ ଗୁଳି ମାଡ କରିଛି ଲରେନ୍ସ ଗ୍ୟାଙ୍ଗ

**ମୁମ୍ବାଇ:** ମୁମ୍ବାଇରେ ସୁପରଷ୍ଟାର ସଲମାନ ଖାନଙ୍କ ଘର ଉପରକୁ ଗୁଳିମାଡ ଘଟଣା ସାରା ଦେଶରେ ବେଶ୍ ଚର୍ଚ୍ଚାରେ ରହିଛି । ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ହେଲେ ପ୍ରଶ୍ନ ଉଠୁଛି ସଲମାନ ଖାନଙ୍କ ଘର ଉପରକୁ ଫାଙ୍କା ଗୁଳିଚାଳନା କରି କଣ ସମ୍ବାଦ ଦେବାକୁ ଚାହୁଁଛି ବିଷ୍ଣୋଇ ଗ୍ୟାଙ୍ଗ୍ ।

ଦବଙ୍ଗ ଖାନଙ୍କ ଘର ଉପରକୁ ଗୁଳିଚାଳନା ଘଟଣାକୁ ନେଇ ସବୁଠି ଚର୍ଚ୍ଚା । ଦବଙ୍ଗ ଖାନଙ୍କ ମୁମ୍ବାଇ ସ୍ଥିତ ଗାଲାକ୍ସି ଆପାର୍ଟମେଣ୍ଟ ଉପରେ ଦୁଇ ସନ୍ଦୀଗ୍ଧ ବାଇକ୍ ଆରୋହିଙ୍କ ଗୁଳି ମାଡ ଘଟଣାକୁ ନେଇ ନିଜକୁ ଦାୟୀ କରିଛି ବିଷ୍ଣୋଇ ଗ୍ୟାଙ୍ଗ୍ । ଜେଲ୍ରେ ଥିବା ଲରେନ୍ସ ବିଷ୍ଣୋଇ ସଲମାନ ହତ୍ୟା କରିବାର ଏକାଧିକ ଥର ଧମକ୍ ଦେଇଥିବାବେଳେ ତାଙ୍କ ଘର ଉପରକୁ ଗୁଳି ଚାଳନା କରି କୋକୁଆ ଭୟ ସୃଷ୍ଟି କରିବାକୁ ଚାହିଁଛି ଗ୍ୟାଙ୍ଗଷ୍ଟାର । ଦବଙ୍ଗ ଖାନଙ୍କ ପାଖରେ ପହଁଚିବା ଅସମ୍ଭବ ନୁହେଁ, ତାହା ଏ ଆକ୍ରମଣ ଜରିଆରେ ଚେତାଇବାକୁ ଚେଷ୍ଟା କରିଛି ବିଷ୍ଣୋଇ ଗ୍ୟାଙ୍ଗ୍ ଛ ତେବେ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ । ଟିକନିକ ଯାଞ୍ଚ ପାଇଁ ୧୫ ଜଣିଆ ଟିମ୍ ଗଠନ କରାଯାଇଛି । ସିସିଟିଭି ଫୁଟେଜ ଖୋଲତାଡ କରି ସୁରାକ ଖୋଜୁଛି ମୁମ୍ବାଇ ପୁଲିସ । ଏଥିସହ ମୁମ୍ବାଇ ବାନ୍ଦ୍ରାରୁ ଏକ ସନ୍ଦିଗ୍ଧ ବାଇକ ଜବତ କରାଯାଇଛି । ଦୁବୃର୍ତ୍ତମାନେ ଏହି ବାଇକ ବ୍ୟବହାର କରିଥିବା ଅନୁମାନ କରାଯାଉଛି ।

ସେପଟେ ସିସିଟିଭିର କିଛି ଦୃଶ୍ୟ ସାମ୍ନାକୁ ଆସିଛି । ଯେଉଁଥିରେ ଦୁଇ ଅଭିଯୁକ୍ତ ଗୁଳିଫୁଟାଇବା ପରେ ବାଇକରେ ଯାଉଥିବା ଦେଖିବାକୁ ମିଳିଛି । ୧୩ ସେକେଣ୍ଡର ଭିଡିଓ ପ୍ରମାଣ ଆଧାରରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ଜୋରଦାର କରିଛି ତଦନ୍ତ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ସଲମାନଙ୍କ ଘର ବାହାରେ ଗୁଳିଫୁଟାଇବା ପରେ ଅଭିଯୁକ୍ତ ବାନ୍ଦ୍ରାକୁ ଚାଲିଯାଇଥିଲେ । ବାଇକକୁ ଅଧାରାସ୍ତାରେ ଛାଡି ଅଟୋରେ ବସି ଫେରାର ହୋଇଥିଲେ । ତେବେ ଦୁଇ ଅଭିଯୁକ୍ତ ମହାରାଷ୍ଟ୍ରର ଛାଡି ହରିୟାଣା କିମ୍ବା ରାଜସ୍ଥାନରେ ଲୁଚି ଥାଇପାରନ୍ତି ବୋଲି ପୁଲିସ କହିଛି । ରବିବାର ଭୋର ୫ଟା ସମୟରେ ଗାଲାକ୍ସି ଆପାଟାମେଣ୍ଟ ବାହାରେ ଗୁଳି ଫୁଟିଥିଲା । ପ୍ରତ୍ୟେକ୍ଷଦର୍ଶୀ ଓ ସୁରକ୍ଷାକର୍ମୀଙ୍କ ବୟାନ ଅନୁସାରେ ଅଭିଯୁକ୍ତ ସଲମାନଙ୍କ ଘର ବାହାରେ ୫ରାଉଣ୍ଡ ଗୁଳିଫୁଟାଇ ଫେରାର ହୋଇଥିଲେ ।

କୃଷ୍ଣସାର ମୃଗ ହତ୍ୟା ମାମଲାରେ, ବିଷ୍ଣୋଇ ସମାଜକୁ ବିଧିବଦ୍ଧ ଭାବେ କ୍ଷମା ମାଗିବାକୁ ସଲମାନଙ୍କୁ ବାରମ୍ବାର ଧମକ ଦେଇ ଆସିଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ । କ୍ଷମା ନମାଗିଲେ ହତ୍ୟା କରିବାକୁ ଧମକ୍ ଦେଇଛି ବିଷ୍ଣୋଇ ।



## ଇଲେକ୍ଟୋରାଲ ବଣ୍ଡ ଯୋଗୁଁ କଳାଧନ ଧରାପଡ଼ିବ : ମୋଦି

**ନୂଆଦିଲ୍ଲୀ:** ଇଲେକ୍ଟୋରାଲ ବଣ୍ଡ କଳାଧନ ବିରୋଧରେ ଏକ ସଫଳତାର କାହାଣୀ । ଏହା ଦ୍ୱାରା ଟଙ୍କା କାରବାରର ଖୁଲାସା ହୋଇପାରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଏକ ଘରୋଇ ନ୍ୟୁଜ ଏଜେନ୍ସିକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ ବିରୋଧୀ ମାନେ ଆସନ୍ତା ନିର୍ବାଚନରେ ନିଜର ପରାଜୟ ଦେଖୁଛନ୍ତି ତେଣୁ ସେ ସମସ୍ତ ଦୋଷ ଇଡି ଏବଂ ସିବିଆଇ ଉପରେ ଲଦି ଦେଉଛନ୍ତି ।



ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ମୋର ୨୫ ବର୍ଷର ଭିଜନ ଅଛି ଏବଂ ମୁଁ ଆଜି ଏହା କରୁନାହିଁ । ଯେତେବେଳେ ମୁଁ ଗୁଜରାଟରେ ଥିଲି ସେତେବେଳେ ମୁଁ ଏହି ଦିଗରେ ଚିନ୍ତା କରୁଥିଲି । ୨୦୨୪ ନିର୍ବାଚନ ଦେଶ ପାଇଁ ଏକ ସୁଯୋଗ । ଗୋଟିଏ ହେଉଛି କଂଗ୍ରେସ ସରକାରଙ୍କ ମଡେଲ ଏବଂ ଅନ୍ୟଟି ହେଉଛି ବିଜେପି ସରକାରଙ୍କ ମଡେଲ । ତାଙ୍କର ୫-୬ ଦଶନ୍ଧି ଏବଂ ମୋର ଏକ ଦଶନ୍ଧି ସମୟ ଏହାକୁ ଯେକୌଣସି କ୍ଷେତ୍ରରେ ତୁଳନା କରନ୍ତୁ, ଆପଣ ଜାଣିପାରିବେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଦେଶବାସୀ ଆପଣଙ୍କୁ ଦେଶ ଚଳାଇବାର ଦାୟିତ୍ୱ ଦିଅନ୍ତି, ସେତେବେଳେ ଆପଣଙ୍କର ଏକମାତ୍ର ଚିନ୍ତାଧାରା ରହିବା ଉଚିତ - ତାହା ହେଉଛି ଦେଶ । ଦୁର୍ଭାଗ୍ୟବଶତଃ ପୂର୍ବ ରାଜନୈତିକ ସଂସ୍କୃତିରେ ପରିବାରକୁ କିପରି ସୁଦୃଢ଼ କରାଯିବ ସେଥିରେ ସେମାନେ କ୍ଷମତା ରଖୁଥିଲେ । ଯେତେବେଳେ ମୁଁ ଦେଶକୁ କିପରି ଶକ୍ତିଶାଳୀ କରିହେବ ସେ ଲକ୍ଷ୍ୟ ନେଇ କାମ କରୁଛି ।

# ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣ ଆରମ୍ଭ

**ଶ୍ରୀନଗର:** ଚଳିତ ବର୍ଷ ପାଇଁ ଶ୍ରୀ ଅମରନାଥ ଯାତ୍ରା ନେଇ ଘୋଷଣା ହୋଇଛି । ଚଳିତଥର ୨୯ ଜୁନରୁ ଯାତ୍ରା ଆରମ୍ଭ ହେବ । ୫୨ ଦିନ ପର୍ଯ୍ୟନ୍ତ ଚାଲିବ ଏହି ଯାତ୍ରା । ସେଥିପାଇଁ ଆଜିଠାରୁ ଅଫଲାଇନ୍ ଏବଂ ଅନଲାଇନ୍ ମୋଡ ମାଧ୍ୟମରେ ପଞ୍ଜିକରଣ ଆରମ୍ଭ ହୋଇଛି । ଜମ୍ମୁ କାଶ୍ମୀରର ଏଲଜି ମନୋଜ ସିହ୍ନା କହିଛନ୍ତି ଯେ ଯାତ୍ରାକୁ ସୁଗମ ଏବଂ ସହଜ କରିବା ପାଇଁ ସରକାର ସମସ୍ତ ପ୍ରକାର ପ୍ରସ୍ତୁତି କରୁଛନ୍ତି । ସମସ୍ୟା ମୁକ୍ତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଆମେ ପ୍ରତିବଦ୍ଧ । ରାଜ୍ୟକୁ ଆସିବାକୁ ଥିବା ଶ୍ରଦ୍ଧାଳୁଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ସମେତ ଅନ୍ୟ ସୁବିଧା ମଧ୍ୟ ଉପଲବ୍ଧ କରାଯିବ । ତୀର୍ଥଯାତ୍ରା ଆରମ୍ଭ ହେବା ପୂର୍ବରୁ ଦୂରସଞ୍ଚାର ସେବାକୁ ଅଧିକ ଉତ୍ତମ ଢଙ୍ଗରେ ସଞ୍ଚାଳିତ କରାଯିବ ।



ବାବା ବାରଫାନୀଙ୍କ ଭକ୍ତମାନେ ଅମରନାଥ ସାଇନ ବୋର୍ଡର ଅଫିସିଆଲ୍ ୱେବସାଇଟ୍‌ରେ ଲଗଇନ କରି ଯାତ୍ରା ନିମନ୍ତେ ପଞ୍ଜିକରଣ କରିପାରିବେ । ଜାମ୍ମୁ କାଶ୍ମୀର ସରକାର ଏବଂ ଶ୍ରୀ ଅମରନାଥ ସାଇନ ବୋର୍ଡର ମିଳିତ ସହଯୋଗରେ ଅମରନାଥ ଯାତ୍ରା ପ୍ରତିବର୍ଷ ଆୟୋଜିତ ହୋଇଆସୁଛି । ଶ୍ରୀନଗରଠାରୁ ୧୪୧ କିମି ଦୂର ଏବଂ ସମୁଦ୍ର ପତନଠାରୁ ୧୨,୭୫୬ ଫୁଟ ଉଚ୍ଚତାରେ ଅବସ୍ଥିତ ଅମରନାଥ ଦେଶର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭାବେ ମାନ୍ୟତାଲାଭ କରିଛି । ପ୍ରତିବର୍ଷ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅମରନାଥ ଯାତ୍ରା ଆୟୋଜିତ ହୋଇଥାଏ । ପ୍ରତିବର୍ଷ ଶ୍ରଦ୍ଧାଳୁମାନେ ଅମରନାଥ ଯାତ୍ରା ଦୁଇଟି ମାର୍ଗରେ କରିଥାନ୍ତି । ପ୍ରଥମ ମାର୍ଗ ହେଉଛି ନନୁନବାନ-ପହଲଗମ୍ ମାର୍ଗ ଯାହାକି ୪୮ କିଲୋମିଟର ଦୂରତା ଏବଂ ଦ୍ୱିତୀୟ ମାର୍ଗ ହେଉଛି ବାଲ୍ଟାଲ୍ ମାର୍ଗ ଯାହା ମାତ୍ର ୧୪ କିଲୋମିଟରର ସଂକୀର୍ଣ୍ଣ ମାର୍ଗ ଛ ତେଣୁ ୯୫ ପ୍ରତିଶତ ଶ୍ରଦ୍ଧାଳୁ ପେହେଲଗାଓଁ ରାସ୍ତାକୁ ପସନ୍ଦ କରିଥାନ୍ତି ।

## ଭାରତରେ ଦୁଇ ଲକ୍ଷ ଆକାଉଣ୍ଟକୁ ବ୍ୟାନ୍ କଲା ଟ୍ୱିଟର




**ନୂଆଦିଲ୍ଲୀ:** ଏଲନ ମସ୍କଙ୍କ କମ୍ପାନୀ ଏକ୍ସ ଜାରି କଲା ମାସିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଛ ଯାହା ସୂଚନା ରହିଛି ଭାରତରେ ୨୧୩୦୦୦ରୁ ଅଧିକ ଆକାଉଣ୍ଟକୁ ବ୍ୟାନ୍ କରିଦେଇଛି କମ୍ପାନୀ ଛ ଫେବୃଆରୀ ୨୬ ରୁ ମାର୍ଚ୍ଚ ୨୫ ମଧ୍ୟରେ ଭାରତରେ ୨,୧୨,୬୨୭ ଆକାଉଣ୍ଟ ଉପରେ ପ୍ରତିବନ୍ଧକ ଲଗାଇଛି ଛ କମ୍ପାନୀ କହିଛି ଏହି ଆକାଉଣ୍ଟଗୁଡ଼ିକ ଏକ୍ସର ନିୟମ ଉଲ୍ଲଂଘନ କରିଥିବାରୁ ଏଗୁଡ଼ିକୁ ବ୍ୟାନ୍ କରାଯାଇଛି ।

ଅଧିକାଂଶ ନିଷିଦ୍ଧ ଆକାଉଣ୍ଟଗୁଡିକ ଶିଶୁ ଯୌନ ଶୋଷଣ ଏବଂ ଅସହମତିନଗ୍ନତା ଯୋଗୁ ବ୍ୟାନ୍ କରାଯାଇଛି ଛ ସେହିଭଳି ଆଉ କିଛି ଆକାଉଣ୍ଟକୁ ଆତଙ୍କବାଦୀକୁ ପ୍ରୋତ୍ସାହନ କରୁଥିବାରୁ ବ୍ୟାନ୍ କରାଯାଇଛିଛ ୨୧୨,୬୨୭ ଆକାଉଣ୍ଟ ବେଆଇନ କ୍ଷତିକାର କଣ୍ଟେଣ୍ଟ ପାଇଁ ବ୍ୟାନ୍ କରାଯାଇଛି ଏବଂ ୧୨୩୫ ଆକାଉଣ୍ଟ ଆତଙ୍କବାଦୀକୁ ପ୍ରୋତ୍ସାହିତ କରାଯାଉଥିବାରୁ ବ୍ୟାନ୍ କରାଯାଇଛି ବୋଲି ଏକ ରିପୋର୍ଟ ରୁ ଜଣାପଡିଛି ଛ ଏକ୍ସ କହିଛି କମ୍ପାନୀ କୌଣସି ସ୍ଥିତିରେ ବି ଯୌନ ଶୋଷଣକୁ ସହ୍ୟ କରିବ ନାହିଁ ।

# ଆଇପିଏଲ୍‌ରେ ଇତିହାସ ରଚିଲା ହାଇଦ୍ରାବାଦ



୩୯ ବଲରେ ଶତକ ହାସଲ କରିଥିବା ସନ୍‌ରାଇଜର୍ସ ହାଇଦ୍ରାବାଦର ତାରକା ବ୍ୟାଟର ଟ୍ରେଭିସ୍ ହେଡ

ବେଙ୍ଗାଲୁରୁ,୧୫।୪(ଏଜେନ୍ସି): ଆଇପିଏଲ୍ ଇତିହାସରେ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଦଳ କରିଥିବା ୨୭୭ ରନ୍‌ର ବଡ଼ ଲକ୍ଷ୍ୟକୁ ସୋମବାର ବେଙ୍ଗାଲୁରୁ ବିପକ୍ଷରେ ଟପି ଯାଇଛି। ଅର୍ଥାତ୍ ନିଜ ରେକର୍ଡକୁ ନିଜେ ଭାଙ୍ଗିଛି ସନ୍‌ରାଇଜର୍ସ। ବେଙ୍ଗାଲୁରୁରେ ଖେଳାଯାଇଥିବା ଆଇପିଏଲ୍‌ର ୩୦ତମ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ। ଟ୍ରେଭିସ୍ ହେଡଙ୍କ ବିସ୍ଫୋରକ ଶତକ ବଳରେ ୨୦ ଓଭରରେ ୩ ୱିକେଟ୍ ହରାଇ

## ଆଇପିଏଲ୍ ମହାସମର



୨୮୭ ରନ୍ କରିଥିଲା। ଏହାର ଜବାବରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୭ ୱିକେଟ୍ ହରାଇ ୨୬୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ତେଣୁ ସନ୍‌ରାଇଜର୍ସ ୨୫ ରନ୍ ବ୍ୟବଧାନରେ ବେଙ୍ଗାଲୁରୁକୁ ଧରାଶାୟୀ କରି ଚଳିତ ସିଜନ୍‌ରେ ଚତୁର୍ଥ ବିଜୟ ହାସଲ କରିଛି।

ବେଙ୍ଗାଲୁରୁରେ ସନ୍‌ରାଇଜର୍ସର ଧମାକା ଦେଖିବାକୁ ମିଳିଥିଲା। ଆରମ୍ଭରୁ ଶେଷ ଯାଏଁ ସବୁ ବ୍ୟାଟର ନିଜ ନିଜର ଦମ୍ ଦେଖାଇଥିଲେ। ସନ୍‌ରାଇଜର୍ସର ଅଭିଶେକ ଶର୍ମା ଓ ଟ୍ରେଭିସ୍ ହେଡ ପାଳି ଆରମ୍ଭ କରିଥିଲେ। ମ୍ୟାଚ ଆରମ୍ଭ ଓଭରରୁ ହିଁ ଦୁହେଁ ଆକ୍ରମଣାତ୍ମକ ଖେଳିଥିଲେ। ଏପରିକି ୮.୧ ଓଭରରେ ୧୦୮ ରନ୍ ସଂଗ୍ରହ କରିଥିଲେ ଅଭିଶେକ ଓ ଟ୍ରେଭିସ୍। ପ୍ରଥମ ୱିକେଟ୍ ଯୋଡି ଭାଙ୍ଗିଲା ବେଳକୁ ଅଭିଶେକ ଶର୍ମା ୨୨ ବଲ୍‌ରୁ ୩୪ ରନ୍ ସଂଗ୍ରହ କରିଥିଲେ। ତେବେ ଅନ୍ୟତମ ଓପନର ଟ୍ରେଭିସ୍ ହେଡଙ୍କ ରନ୍ ସଂଗ୍ରହରେ ବ୍ରେକ ଲାଗି ନଥିଲା। ସେ ପଡିଆର ଚତୁଃଦିଗକୁ ଚୌକା ଓ ଛକା ବର୍ଷା କରିଥିଲେ। ୩୯ ବଲରୁ ସେ ଶତକ ପୂରଣ କରିଥିଲେ। ହେଡ ଆଉଟ୍ ହେବା ବେଳକୁ ୪୧ ବଲ୍‌ର ସମ୍ମୁଖୀନ ହୋଇ ୯ଟି ଚୌକା ଓ ୮ଟି ଛକା ସହାୟତାରେ ୧୦୨ ରନ କରିଥିଲେ। ସେ ପାଭିଲିୟନ୍ ଫେରିଲା ବେଳକୁ ଦଳୀୟ ସ୍କୋର ୧୨.୩ ଓଭରରେ ୧୬୫ ରନ୍‌ରେ ପହଞ୍ଚିଯାଇଥିଲା। ତାଙ୍କ ପରବର୍ତ୍ତୀ ଆଉ ୩ ଜଣ ବ୍ୟାଟର ସାଢ଼େ ୭ ଓଭରରେ ୧୨୨ ରନ ସଂଗ୍ରହ କରିଥିଲେ। ହେନରିଚ କ୍ଲାସେନ୍ ୩୧ ବଲ୍‌ରୁ ୭ଟି ଛକା ଓ ଦୁଇଟି ଚୌକା ସହାୟତାରେ ୬୭ ରନ୍ କରିଥିଲେ। ପରେ ପରେ ଆଦିନ ମାକ୍ରାନ ୧୭ ବଲ୍‌ରୁ ୩୨ ଓ ଅବଦୁଲ ସମଦ ୧୦ ବଲ୍‌ରୁ ୩୭ ରନ୍ କରିବାରୁ ସନରାଇଜର୍ସ ୨୦ ଓଭରରେ ୩ ୱିକେଟ୍ ହରାଇ ୨୮୭ ରନ କରିଥିଲା। ବୋଲିଂରେ ବେଙ୍ଗାଲୁରୁର ଲୋକି ଫର୍ଗୁସନ୍ ସର୍ବାଧିକ ୨ଟି ଓ ରେସି ଟପଲେ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ।

୨୮୮ ରନ୍‌ର ବିଜୟଲକ୍ଷ୍ୟ ବେଙ୍ଗାଲୁରୁ ପାଇଁ ଅସମ୍ଭବ ଥିଲା। କିନ୍ତୁ ଦଳ ଏତେ ବଡ ବିଜୟଲକ୍ଷ୍ୟକୁ ପିଛା କରି ୭ ୱିକେଟ୍ ବିନିମୟରେ ୨୬୨ ରନ୍‌ରେ ପହଞ୍ଚିବ ବୋଲି କେହି କେବେ କଳ୍ପନା କରିନଥିଲେ। ଆରମ୍ଭ ଜମାଣିଆ ଥିଲା। ବିରାଟ କୋହଲି ଓ ଫାଫ ଡୁପ୍ଲେସିସ୍ ପ୍ରଥମ ୱିକେଟ୍ ପାଇଁ ୬.୨ ଓଭରରେ ୮୦ ରନ୍ ସଂଗ୍ରହ କରିଥିଲେ। କୋହଲି ୨୦ ବଲ୍‌ରୁ ୬ଟି ଚୌକା ଓ ୨ଟି ଛକା ସହାୟତାରେ ୪୨ ରନ କରି ମାର୍କଣ୍ଡେଙ୍କ ଶିକାର ହୋଇଥିଲେ। ଡୁପ୍ଲେସିସ୍ ୨୮ ବଲ୍‌ରୁ ୭ଟି ଚୌକା ଓ ୪ଟି ଛକା ସହାୟତାରେ ୬୨ ରନ୍ କରିଥିଲେ। ମଧ୍ୟମକ୍ରମରେ ୱିଲ୍ ଜ୍ୟାକ୍ସ ୭, ରଜତ ପଟିଦାର ୯ ଓ ସୌରଭ ଚୌହାନ ବିନା ସ୍କୋରରେ ଆଉଟ୍ ହୋଇଥିଲେ। କିନ୍ତୁ ଦିନେଶ କାର୍ତ୍ତିକଙ୍କ ଜମାଣିଆ ଦେଖିବାକୁ ମିଳିଥିଲା। କାର୍ତ୍ତିକ ୫ଟି ଚୌକା ଓ ୭ଟି ଛକା ସହାୟତାରେ ୮୩ ରନ୍ କରିଥିଲେ। ଏହି ଇନିଂସରେ କାର୍ତ୍ତିକ ଛକା ମାରିବାରେ ରେକର୍ଡ କରିଛନ୍ତି। ୧୦୮ ମିଟର ଲମ୍ବା ଛକା ମାରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ମହିପାଲ ଲୋମରର ୧୧ ବଲ୍‌ରୁ ୧୯ ଓ ଅନୁଜ ରାୱତ ୧୪ ବଲ୍‌ରୁ ଅପରାଜିତ ୨୫ ରନ୍ କରିବାରୁ ବେଙ୍ଗାଲୁରୁ ୨୦ ଓଭରରେ ୭ ୱିକେଟ୍ ହରାଇ ୨୬୨ ରନ କରିଥିଲା। ବୋଲିଂରେ ସନ୍‌ରାଇଜର୍ସର ପାର୍ଟକୁମିନ୍ସ ୩ଟି, ମୟଙ୍କ ମାର୍କଣ୍ଡେ ୨ଟି ଓ ପି.ନଟରାଜନ୍ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ। ଜମାଣିଆ ବିଜୟ ସହ ସନ୍‌ରାଇଜର୍ସ ୬ ମ୍ୟାଚରୁ ୮ ପଏଣ୍ଟ ହାସଲ କରିଥିବା ବେଳେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୭ ମ୍ୟାଚରୁ ଗୋଟିଏ ବିଜୟ ଓ ୬ ପରାଜୟ ସହ ୨ ପଏଣ୍ଟରେ ଟେବୁଲର ସର୍ବନିମ୍ନରେ ରହିଛି।

### ଆଜିର ମ୍ୟାଚ

**କୋଲକାତା–ରାଜସ୍ଥାନ**
**ସମୟ: ରାତି ୭.୩୦**
**ସ୍ଥାନ: ଇଡେନ ଗାର୍ଡେନ**
**ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା**

## କଳାହାଣ୍ଡି କପ୍
# ଭଦ୍ରକ, କିଟ୍, ବରଗଡ଼ ବିଜୟୀ

ଭୁବନେଶ୍ୱର,୧୫।୪(ସବ୍ୟୁ): କଳାହାଣ୍ଡି ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ପ୍ରିଲିମିନାରୀ ଲିଗ୍ ଚତୁର୍ଥ ପର୍ଯ୍ୟାୟ ମୁକାବିଲାରେ ସୋମବାର ଭଦ୍ରକ, କିଟ୍ ଓ ବରଗଡ଼ ବିଜୟୀ ହୋଇଛନ୍ତି। ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୪୫ ରନ୍ ବ୍ୟବଧାନରେ ପାରାଦୀପକୁ ହରାଇଛି। ଭଦ୍ରକ ଦଳ ୩୪.୪ ଓଭରରେ ୧୭୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ହର୍ଷିତ ରାଠୋର ସର୍ବାଧିକ ୭୩ ରନ୍ କରିଥିଲେ। ଜବାବରେ ପାରାଦୀପ ୩୨ ଓଭରରେ ୧୨୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଡ୍ରିମ୍ସ



ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ କିଟ୍ ୬ ୱିକେଟ୍‌ରେ ବୌଦ୍ଧକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ୪୫ ଓଭରରେ ୨୧୦ ରନ୍ କରି ୭ ୱିକେଟ୍ ହରାଇଥିଲା। ଭେଙ୍କଟେଶ ବନ୍ଦେ ୧୧୫ ରନର ଇନିଂସ ଖେଳିଥିଲେ। ଜବାବରେ କିଟ୍ ୩୨.୨ ଓଭରରେ ୪ ୱିକେଟ୍ ହରାଇ ୨୧୪ ରନ୍ କରିଥିଲା। ସୁଦର୍ଶନ ସ୍ୱାଇଁ ୯୯ ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ବରଗଡ଼ ୧୨୬ ରନ୍ ବ୍ୟବଧାନରେ ଅନୁଗୁଳକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ବରଗଡ଼ ୫୦ ଓଭରରେ ୫ ୱିକେଟ୍ ହରାଇ ୩୦୪ ରନ୍ କରିଥିଲା। ପ୍ରବୀଣ କୁମାର ଲୁହା ୧୧୫ ରନ୍, ରାକେଶ କିଶାନ ୭୩ ରନ୍ କରିଥିଲେ। ଜବାବରେ ଅନୁଗୁଳ ୨୯.୫ ଓଭରରେ ୧୭୮ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା।

# ୨୧ରୁ ଗ୍ରୀଷ୍ମକାଳୀନ କ୍ରିକେଟ୍ ପ୍ରଶିକ୍ଷଣ

ଭୁବନେଶ୍ୱର,୧୫।୪(ସବ୍ୟୁ): ପୋଖରୀପୁଟ୍ ସ୍ଥିତ ମହାବୀର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆସନ୍ତା ଏପ୍ରିଲ ୨୧ରୁ ମେ ୫ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ କ୍ରିକେଟ୍ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ। ବରିଷ୍ଠ ପ୍ରଶିକ୍ଷକମାନେ ଏହାକୁ ପରିଚାଳନା ଓ ତାମିଲ ପ୍ରଦାନ କରିବେ। ଇଚ୍ଛୁକ ଖେଳାଳି ଓ ଅଭିଭାବକ ପୋଖରି ପୁଟ୍ ସ୍ଥିତ ମହାବୀର କ୍ରିକେଟ୍ କ୍ଲବ୍ ସହ ଯୋଗାଯୋଗ କରିବେ। ଏତଦ୍‌ଭିନ୍ନ ୮୬୫୮୩୩୯୬୧୧ କିମ୍ବା ୯୮୬୧୨୧୨୧୪୬ରେ ଯୋଗାଯୋଗ କରିବା ପାଇଁ କ୍ଲବ୍‌ର ସମ୍ପାଦକ ସୂଚନା ଦେଇଛନ୍ତି।


SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


## ବାଂଲାଦେଶ ଗସ୍ତ
# ଭାରତୀୟ ମହିଳା ଦଳ ଘୋଷିତ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି): ଭାରତ ଓ ବାଂଲାଦେଶ ମହିଳା ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଚଳିତ ମାସ ୨୮ରୁ ଆରମ୍ଭ ହେବାକୁଯାଉଛି। ଏଥିନିମନ୍ତେ ସୋମବାର ଭାରତୀୟ ମହିଳା ଦଳ ଘୋଷଣା ହୋଇଛି। ହରମନପ୍ରୀତ କୌର ଅଧିନାୟକ ଓ ସ୍ମୃତି ମନ୍ଧାନା ତାଙ୍କ ଡେପ୍ୟୁଟି ଦାୟିତ୍ୱ ତୁଲାଇବେ। ଏପ୍ରିଲ ୨୮ରୁ ମେ' ୯ ମଧ୍ୟରେ ୫ଟି ମ୍ୟାଚ ଖେଳାଯିବ। ସମସ୍ତ ମ୍ୟାଚ ଗୁଡିକ ବାଂଲାଦେଶର ସିଲହେଟରେ ଖେଳାଯିବ।

**ଭାରତୀୟ ମହିଳା ଦଳ:** ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଶାଫଳୀ ବର୍ମା, ଦୟାଲାନ ହେମଲତା, ସଜନା ସଞ୍ଜିବନ, ରିଚା ଘୋଷ, ସସ୍ତିକା ଭାଟିଆ, ରାଧା ଯାଦବ, ଦୀପ୍ତି ଶର୍ମା, ପୂଜା ବସ୍ତ୍ରକାର, ଅମନଜ୍ୟୋତ କୌର, ଶ୍ରୀଅଙ୍କା ପାଟିଲ, ସାଇକା ଇସାକ, ଆଶା ଶୋଭନା, ରେଣୁକା ସିଂ ଠାକୁର ଓ ତିତାସ ସାଧୁ।

# ପ୍ୟାରିସ ଅଲିମ୍ପିକ୍ସରେ ବାଇଗଣୀ ରଙ୍ଗ ଟ୍ରାକ୍



ପ୍ୟାରିସ୍,୧୫।୪(ଏଜେନ୍ସି): ଏଥର ଅଲିମ୍ପିକ୍ସରେ ବାଇଗଣୀ ରଙ୍ଗର ଟ୍ରାକ୍‌ରେ ଦୌଡ଼ିବେ ଧାବକ। କାରଣ ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ମୁଖ୍ୟ ଭେନ୍ୟୁର ଟ୍ରାକ୍ ରଙ୍ଗ ବଦଳି ଯିବ। ସାଧାରଣତଃ ଟ୍ରାକ୍‌ର ରଙ୍ଗ ନାଲ ହୋଇଥାଏ। ପ୍ୟାରିସ୍ ଅଲିମ୍ପିକ୍ସ ଆୟୋଜନ କମିଟି ଟ୍ରାକ୍‌କୁ ବାଇଗଣୀ ରଙ୍ଗ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଅଲିମ୍ପିକ୍ ଆସୋସିଏସନ୍ ନୀଳ, ଗୋଲାପୀ ଓ ବାଇଗଣୀ ରଙ୍ଗ ବାଛିବା ପାଇଁ କହିଥିଲେ। ଶେଷରେ ବାଇଗଣୀ ରଙ୍ଗ ଉପରେ ମୋହର ଲାଗିଛି। ଆଥଲେଟିକ୍ସ ଟ୍ରାକ୍‌ର ଉପକରଣ ଇଟାଲୀରେ ପ୍ରସ୍ତୁତ ହୋଇଛି। ୧୯୭୬ ପରଠାରୁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରୁଥିବା ଟ୍ରାକ୍ ମୋଣ୍ଡୋ କମ୍ପାନୀ କହିବା ଅନୁସାରେ ଏଥର ବାଇରଙ୍ଗର ଟ୍ରାକ୍ ସମ୍ପୂର୍ଣ୍ଣ ଭିନ୍ନ ହେବ। ଖେଳାଳିଙ୍କ ପ୍ରଦର୍ଶନସ୍ତର ନିଶ୍ଚିତ ଭାବେ ଭଲ ହେବ ବୋଲି କମ୍ପାନୀ ଆଶାବ୍ୟକ୍ତ କରିଛି। ଟୋକିଓ ଅଲିମ୍ପିକ୍ସର ଆଥଲେଟିକ୍ସ ବିଭାଗରେ ୩ଟି ବିଶ୍ୱ ରେକର୍ଡ ଓ ୧୦ଟି ଅଲିମ୍ପିକ୍ ରେକର୍ଡ ହୋଇଥିଲା।

ତେବେ ପ୍ୟାରିସର ବାଇଗଣୀ ଟ୍ରାକରେ ଅଧିକ ରେକର୍ଡ ହେବ ବୋଲି ଅଲିମ୍ପିକ୍ସ ଆୟୋଜନ କମିଟି ମୁଖ୍ୟ ଏଲେନ୍ ବ୍ଲୋଡେଲ ଆଶାବ୍ୟକ୍ତ କରିଛନ୍ତି। ଜୁଲାଇ ୨୬ରୁ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ପ୍ୟାରିସ ଅଲିମ୍ପିକ୍ସ ଆୟୋଜିତ ହେବ।

# ବିସିସିଆଇର ନୂଆ ନିୟମ: ମନଇଚ୍ଛା ଫଟୋ ଶେୟାର ବ୍ୟାନ

ମୁମ୍ବାଇ,୧୫।୪(ଏଜେନ୍ସି): ଚଳିତ ଆଇପିଏଲ୍‌ରେ ବିସିସିଆଇ ନୂଆ ନିର୍ଦ୍ଦେଶନାମା ଜାରି କରିଛି। ଏଣିକି ଖେଳାଳି, ଭାଷ୍ୟକାର ଓ ଅନ୍ୟମାନେ ମନଇଚ୍ଛା ଷ୍ଟାଡିୟମ୍‌ର ଫଟୋ ଓ ଭିଡ଼ିଓ ଶେୟାର କରିପାରିବେ ନାହିଁ। ଆଇପିଏଲ୍‌ରେ ୨୯ ମ୍ୟାଚ ଖେଳାଯାଇସାରିଛି। ଏଥର ଖେଳାଳିଙ୍କ ଠୁ ଆରମ୍ଭ କରି ଭାଷ୍ୟକାର ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ସୋସିଆଲ ମିଡ଼ିଆରେ ଫଟୋ ଓ ଭିଡ଼ିଓ ପୋଷ୍ଟ କରୁଛନ୍ତି। ଏଥିଯୋଗୁଁ ପ୍ରସାରଣ ଅଧିକାର ହାସଲ କରିଥିବା ବ୍ରଡକାଷ୍ଟ ସଂସ୍ଥା ଅସୁବିଧାର ସମ୍ମୁଖୀନ ହେଉଛି। ଏଥର ଯୋଗୁଁ କେହି ନିୟମ ବିରୋଧରେ କିଛି ବି ସେୟାର କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥର ୯ ଲକ୍ଷ ଟଙ୍କା ପର୍ଯ୍ୟାୟ ଜୋରିମାନା ଦଣ୍ଡ କରାଯିବ। ଭାରତୀୟ ଦଳର ପୂର୍ବତନ ବ୍ୟାଟର କମେଣ୍ଟ୍ରି ଅବସରରେ ଏକ ଫଟୋ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ। ତାଙ୍କର ୧ ମିଲିୟନ୍‌ରୁ ଅଧିକ ଫଲୋଅର୍ସ ଥିବାରୁ ବ୍ରଡକାଷ୍ଟରଙ୍କୁ ଅସୁବିଧା ହୋଇଥିଲା। ପୋଷ୍ଟ କରିବାର କିଛି ସମୟ ପରେ ବିସିସିଆଇର ଜଣେ ଅଧିକାରୀ ତାଙ୍କୁ ଫଟୋ ଡିଲିଟ୍ କରିବାକୁ କହିଥିଲେ। ତେଣୁ ସେ ଏହି ଫଟୋକୁ ଡିଲିଟ୍ କରିଦେଇଥିଲେ। ଷ୍ଟାର ଇଣ୍ଡିଆ ଓ ଭାୟକମ ୧୮ ନିକଟରେ ଡିଜିଟାଲ ରାଇଡର୍ସ ରହିଛି। ଫ୍ରାଞ୍ଚାଇଜ୍‌ଙ୍କୁ ମଧ୍ୟ ମନଇଚ୍ଛା ଫଟୋ ଓ ଭିଡିଓ ଶ୍ରେୟାର କରାଯିବାକୁ ମନା କରିଦିଆଯାଇଛି।





Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


## ଆନ୍ତଃ ଜିଲ୍ଲା କ୍ରିକେଟ୍
# ଭୁବନେଶ୍ୱର ଏ', ଝାରସୁଗୁଡା, ସୋନପୁର ବିଜୟୀ

ଭୁବନେଶ୍ୱର,୧୫।୪(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଘରୋଇ ପ୍ରତିଯୋଗିତା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରିଲିମିନାରୀ ଲିଗ୍ ପର୍ଯ୍ୟାୟରେ ସୋମବାର ଭୁବନେଶ୍ୱର ଏ', ଝାରସୁଗୁଡା ଓ ସୋନପୁର ବିଜୟୀ ହୋଇଛନ୍ତି।

ରେଭେନ୍ସା ନଂ.୨ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ଏ' ୭ ୱିକେଟ୍‌ରେ ଅନୁଗୁଳକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଅନୁଗୁଳ ୩୬.୩ ଓଭରରେ ୧୩୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭୁବନେଶ୍ୱର ଏ' ୩୦.୫ ଓଭରରେ ୧୩୯ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ଶୁଭାଶିଷ ମଲ୍ଲିକ ୬୪ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ।



ଅଡଶପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡା ୧୬୩ ରନ୍ ବ୍ୟବଧାନରେ କୋରାପୁଟକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଝାରସୁଗୁଡା ୪୨ ଓଭରରେ ୮ ୱିକେଟ୍ ହରାଇ ୨୬୭ ରନ୍ କରିଥିଲା। ନିରବ ଅଗ୍ରୱାଲ ସର୍ବାଧିକ ୯୧ ରନ୍‌ର ଇନିଂସ ଖେଳିଥିଲେ। ଜବାବରେ ଝାରସୁଗୁଡା ୨୬ ଓଭରରେ ୧୦୪ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା। ବିଶାଳ ପ୍ରସାଦ ସର୍ବାଧିକ ୫ ୱିକେଟ୍ ସଫଳତା ହାତେଇଥିଲେ।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସୋନପୁର ୭୦ ରନ୍‌ରେ ବ୍ୟବଧାନରେ ଜଗତ୍‌ସିଂହପୁରକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ସୋନପୁର ୨୨.୨ ଓଭରରେ ୧୪୭ ରନ୍ କରିଥିଲା। ଜବାବରେ ଜଗତସିଂହପୁର ୧୭.୨ ଓଭରରେ ୭୭ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା।


ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି